

ଲଣ୍ଡନରେ ୬୦ ଦିନ ସୁଟିଂ ହେବ 'ରାମାୟଣ'

ପୃଷ୍ଠା ୧୫ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ◆ISSUE-226 ◆BHUBANESWAR ◆SATURDAY ◆10 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୨୬ ◆ଭୁବନେଶ୍ୱର ◆ଶନିବାର ◆୧୦ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦



DSPL-634

ODISHA NEW OPPORTUNITIES | 5T | ଆମ ଓଡ଼ିଶା ନବୀନ ଓଡ଼ିଶା





"ଶିଳ୍ପାୟନ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇଦେବା ଆମର ଲକ୍ଷ୍ୟ । ଏହି ସବୁ ନୂତନ ଶିଳ୍ପ ହେବା ଦ୍ୱାରା ରାଜ୍ୟବାସୀ ଉପକୃତ ହେବେ ଏବଂ ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ଏକ ଶିଳ୍ପ ଶକ୍ତି ଭାବେ ଗଢି ଉଠିବ"

(Naveen Patnaik)
Chief Minister, Odisha





ଓଡ଼ିଶାର ସର୍ବ ପ୍ରଥମ ବିଦ୍ୟୁତ ଚାଳିତ ଗାଡି ଏବଂ ବ୍ୟାଟେରୀ ନିର୍ମାଣ କାରଖାନା ପାଇଁ ଓଡିଶା ସରକାର ଏବଂ JSW ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ

୧୦ ଫେବୃଆରୀ ୨୦୨୪ । ଭୁବନେଶ୍ୱର

OIPR-14005/13/0041/2324

| | | |
|---|---|---|
| ୪୦,୦୦୦ କୋଟି ଟଙ୍କାର ପୁଞ୍ଜି ନିବେଶ | ୧୧,୦୦୦ ଯୁବ ପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ | ଆନୁସାଙ୍ଗିକ ଶିଳ୍ପ ଉଦ୍ୟୋଗ ମାନଙ୍କ ପାଇଁ ସୁଯୋଗ ସୃଷ୍ଟି |

ScarecrowM&CSaatchi/2024/Feb

COME. JOIN THE JUGGERNAUT.

Email us at: info@investodisha.org
For any queries or inquiries give a missed call on: 01732351348

Please visit http://www.investodisha.gov.in/

Follow us on @investInOdisha /InvestOdisha

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-226 ♦BHUBANESWAR ♦SATURDAY ♦10 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୨୬ ♦ଭୁବନେଶ୍ୱର ♦ଶନିବାର ♦୧୦ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ସହଜ ହେବ ଶବଦାହ ପାଇଁ ପଞ୍ଜୀକରଣ | ସ୍ୱର୍ଗଦ୍ୱାର ଆପ୍ ଲୋକାର୍ପିତ

■ **ପୁରୀ, ୯।୨ (ସମିସ):** ସ୍ୱର୍ଗଦ୍ୱାର ରୂପାନ୍ତରୀକରଣରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ସ୍ୱର୍ଗଦ୍ୱାର ପରିସରରେ ସ୍ୱର୍ଗଦ୍ୱାର ମୋବାଇଲ ଆପ୍‌କୁ ଲୋକାର୍ପଣ କରିଛନ୍ତି ଜିଲ୍ଲାପାଳ ବିଜୟ କୁମାର ଦାଶ। ଏହି ଅବସରରେ ସ୍ୱର୍ଗଦ୍ୱାରକୁ ଆସୁଥିବା ଶବ ସଂଖ୍ୟା ବଢୁଥିବାରୁ ସହଜ ପଞ୍ଜୀକରଣରେ ଏହା ସହାୟକ ହେବ ବୋଲି ସେ କହିଥିଲେ। ସ୍ୱର୍ଗଦ୍ୱାରରେ ଦାହ ସଂସ୍କାର ସେବା ପାଇବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ଏହି ମୋବାଇଲ ଆପ୍‌ରୁ ସ୍ୱର୍ଗଦ୍ୱାରରୁ ମିଳୁଥିବା ସମସ୍ତ ସେବା ବିଷୟରେ ସହଜରେ ସୂଚନା ପାଇପାରିବେ ବୋଲି ଜିଲ୍ଲାପାଳ ଶ୍ରୀ ଦାଶ କହିଥିଲେ। ସୂଚନାଯୋଗ୍ୟ ଯେ, ଏହି ଆପ୍ ଓଡ଼ିଆ ହିନ୍ଦୀ ଓ ଇଂରାଜୀ ତିନୋଟି ଭାଷାରେ ଉପଲବ୍ଧ ହେବ। ଏହି ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମେନ୍ ବ୍ରାଞ୍ଚ ପୁରୀ ଶାଖା ତରଫରୁ ସ୍ୱର୍ଗଦ୍ୱାର ସେବା ସମିତିକୁ ଏକ ହାଇଡ୍ରୋଲିକ ଟ୍ରାକ୍ଟର ଡାଲା ପରିବହନ ସେବା ପାଇଁ ପ୍ରଦାନ କରାଯାଇଥିଲା। ସ୍ୱର୍ଗଦ୍ୱାର ସେବା ସମିତି ପରିଚାଳନା କମିଟି ସଦସ୍ୟ ସିଦ୍ଧାର୍ଥ ରାୟ, ଷ୍ଟେଟ ବ୍ୟାଙ୍କ ମେନ୍ ବ୍ରାଞ୍ଚ ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ଶତପଥୀ, ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ୱର୍ଗଦ୍ୱାର ସେବା କେନ୍ଦ୍ର ସେବକମାନେ ପରିଚାଳନା କରିଥିଲେ।


DSPL-636

ODISHA INDIA'S BEST KEPT SECRET | FIH | HOCKEY INDIA

FIH PRO LEAGUE 2023/24

# ପୁରୁଷ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ୨୦୨୩-୨୪

ଭୁବନେଶ୍ୱର - ରାଉରକେଲା



**ଭୁବନେଶ୍ୱର**

| | | | |
|---|---|---|---|
| ୧୦.୦୨.୨୦୨୪ | ଭାରତ | ବନାମ | ସ୍ପେନ୍ |
| ୧୧.୦୨.୨୦୨୪ | ଭାରତ | ବନାମ | ନେଦରଲାଣ୍ଡସ୍ |
| ୧୫.୦୨.୨୦୨୪ | ଭାରତ | ବନାମ | ଅଷ୍ଟ୍ରେଲିଆ |
| ୧୬.୦୨.୨୦୨୪ | ଭାରତ | ବନାମ | ଆୟର୍ଲାଣ୍ଡ |

**ରାଉରକେଲା**

| | | | |
|---|---|---|---|
| ୧୯.୦୨.୨୦୨୪ | ଭାରତ | ବନାମ | ସ୍ପେନ୍ |
| ୨୧.୦୨.୨୦୨୪ | ଭାରତ | ବନାମ | ନେଦରଲାଣ୍ଡସ୍ |
| ୨୪.୦୨.୨୦୨୪ | ଭାରତ | ବନାମ | ଅଷ୍ଟ୍ରେଲିଆ |
| ୨୫.୦୨.୨୦୨୪ | ଭାରତ | ବନାମ | ଆୟର୍ଲାଣ୍ଡ |

ଲାଇଭ୍ ଦେଖନ୍ତୁ

sports 18 | JioCinema

ସନ୍ଧ୍ୟା ୭:୩୦

ଟିକେଟ ବୁକ୍ କରନ୍ତୁ

ଅନ୍ ଲାଇନ୍

ticketgenie.in

ଅଫ୍ ଲାଇନ୍

ଗେଟ୍ ନଂ - ୯
କଳିଙ୍ଗ ଷ୍ଟାଡିଅମ୍, ଭୁବନେଶ୍ୱର

ଗେଟ୍ ନଂ - ୨ ଏବଂ ୬
ବିର୍ସା ମୁଣ୍ଡା ହକି ଷ୍ଟାଡିଅମ୍, ରାଉରକେଲା

OIPR-29001/13/0226/2324

FIH PRO LEAGUE | ODISHA INDIA'S BEST KEPT SECRET | GLOBAL PARTNERS: Watch Hockey, FIH HOCKEY MANAGER | NATIONAL PRESENTING PARTNER: ODISHA | NATIONAL PARTNER: OMC, ODISHA | GLOBAL SUPPLIER: polytan | NATIONAL SUPPLIERS: Apollo HOSPITALS, Sportz



## ପୃଥ୍ୱୀଙ୍କ ରେକର୍ଡ ଶତକ

▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-226 ♦BHUBANESWAR ♦SATURDAY ♦10 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୨୬ ♦ଭୁବନେଶ୍ୱର ♦ଶନିବାର ♦୧୦ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦







# ସରିଲା ଷୋଡ଼ଶ ବିଧାନସଭାର ଶେଷ ଅଧିବେଶନ

## ୧.୧୮ ଲକ୍ଷ କୋଟିର କାମଚଳା ବଜେଟ ଅନୁମୋଦିତ

■ **ଭୁବନେଶ୍ୱର, ୯ା୨ (ସମିସ):** ଶେଷ ହୋଇଛି ଷୋଡ଼ଶ ବିଧାନସଭାରେ ଅନ୍ତିମ ଅଧିବେଶନ । ଘଟଣାବହୁଳ ଏହି ବିଧାନସଭାର ଶେଷ ଅଧିବେଶନ ପରେ ବିଭିନ୍ନ ଦଳର ସଦସ୍ୟମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଏକାଠି ହୋଇ ଫଟୋ ଉଠାଇଛନ୍ତି । ଆଉ କେଇ ଦିନ ପରେ ସାଧାରଣ ଓ ବିଧାନସଭା ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାରୁ କିଛି ସଦସ୍ୟ ଭାବପ୍ରବଣ ହୋଇଥିବା ଦେଖାଯାଇଛି ।

ଗୃହ ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟସୂଚୀ ଥିଲେ ମଧ୍ୟ ବିଶେଷ କାର୍ଯ୍ୟ ନ ଥିବାରୁ ଗୃହକୁ ୨ଟି କାର୍ଯ୍ୟ ଦିବସ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ନିମନ୍ତେ ବାଚସ୍ପତି ମୁଲତବୀ ଘୋଷଣା କରିଛନ୍ତି । ଚଳିତ ଅଧିବେଶନରେ ଗୁରୁବାର ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୨୦୨୪-୨୫ ଆର୍ଥିକ ବର୍ଷର୪ ମାସ(ଏପ୍ରିଲ-ଜୁଲାଇ) ପାଇଁ କାମଚଳା ବଜେଟ ଆଗତ କରିଥିଲେ। ଏହି କାମଚଳା ବଜେଟ ଉପରେ ଆଜି ଆଲୋଚନା ହୋଇ ବ୍ୟୟମଞ୍ଜୁରୀ ବିଧେୟକ



### ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହ ମୁଲତବୀ

ପାରିତ ହୋଇଥିଲା। ବିଧେୟକ ପାରିତ ହେବା ପରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ମୁଲତବୀ କରିବାକୁ ପ୍ରସ୍ତାବ ଆଣିଥିଲେ। ଗୃହର ପ୍ରମୁଖ କାର୍ଯ୍ୟ କାମଚଳା ବଜେଟ ପାରିତ ହୋଇଥିବା ବେଳେ ଆଉ କୌଣସି ସରକାରୀ କାର୍ଯ୍ୟ ବାକି ନାହିଁ ଏବଂ ବିଧାୟକମାନେ ନିଜ ନିର୍ବାଚନମଣ୍ଡଳୀ ଯାଇ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ ପାଇଁ ଇଚ୍ଛୁକ ଥିବାରୁ ଗୃହ ମୁଲତବୀ ପାଇଁ ସେ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ଏହାକୁ ସରକାରୀ ଦଳର ବିଧାୟକ ଶଶିଭୂଷଣ ବେହେରା ଓ ଅମର ପ୍ରସାଦ ଶତପଥୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସମର୍ଥନ କରିଥିଲେ। ଏହାପରେ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ମୁଲତବୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ଅଧିବେଶନକୁ ମୁଲତବୀ ରଖିବା ପ୍ରସ୍ତାବ ଉପରେ ଆଲୋଚନାରେ ଭାଗ ନେଇ କହିଛନ୍ତି ଯେ ଏହି ଅଧିବେଶନର ୫ଟି କାର୍ଯ୍ୟଦିବସ ଥିଲା। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଏବଂ ବଜେଟ୍ ବି ପାରିତ ହୋଇଛି । ଆମ ରାଜ୍ୟର ବିକାଶରେ୧୬ତମ ବିଧାନସଭା ଘଟଣାବହୁଳ ଓ ସ୍ମରଣୀୟ ଥିଲା। ବିଗତ ୫ବର୍ଷ ମଧ୍ୟରେ ବାଚସ୍ପତି, ଉପବାଚସ୍ପତି ଓ ଅଧିଷ୍ଠାତା ପ୍ୟାନେଲଙ୍କୁ ଗୃହ ସୁପରିଚାଳନା ନିମନ୍ତେ ସେ ଧନ୍ୟବାଦ ଜଣାଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଷୋଡ଼ଶ ବିଧାନସଭାର ଶେଷ ଅଧିବେଶନ ଗତ ୫ତାରିଖରୁ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ରାଜ୍ୟପାଳ ରଘୁବର ଦାସ ଗୃହରେ ନିଜର ଅଭିଭାଷଣ ରଖି ରାଜ୍ୟରେ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ▶ପୃଷ୍ଠା-୯

# ୩ ବରପୁତ୍ରଙ୍କୁ 'ଭାରତ ରତ୍ନ'



**ପିଭି ନରସିଂହ ରାଓ** ପୂର୍ବତନ ପ୍ରଧାନମନ୍ତ୍ରୀ | **ଚୌଧୁରୀ ଚରଣ ସିଂହ** ପୂର୍ବତନ ପ୍ରଧାନମନ୍ତ୍ରୀ | **ଏମଏସ ସ୍ୱାମୀନାଥନ** ସବୁଜ କ୍ରାନ୍ତିର ଜନକ

■ **ନୂଆଦିଲ୍ଲୀ, ୯ା୨ (ଏଜେନ୍ସି):** ଭାରତ ସରକାରଙ୍କ ପକ୍ଷରୁ ଶୁକ୍ରବାର ଐତିହାସିକ ଘୋଷଣା କରାଯାଇଛି। ବିଭିନ୍ନ କ୍ଷେତ୍ରରେ ଦେଶ ପାଇଁ ବରିଷ୍ଠ ଯୋଗଦାନ ଦେଇଥିବା ପୁଣି ତିନି ଜଣ ମହାନ ହସ୍ତୀଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ଦେବାକୁ ଘୋଷଣା ହୋଇଛି। ଏହି ମହାନ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ, ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓ ଏବଂ ସବୁଜ ବିପ୍ଳବର ଜନକ ଡ. ଏମ୍‌ଏସ୍ ସ୍ୱାମୀନାଥାନ ସାମିଲ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସୂଚନା ଦେଇଛନ୍ତି। କୃଷି, କୃଷକଙ୍କ କଲ୍ୟାଣ, ଅର୍ଥନୈତିକ ସଂସ୍କାର ଏବଂ ରାଷ୍ଟ୍ର-ଗଠନରେ ଏମାନଙ୍କ ଅବଦାନ ଅତୁଳନୀୟ। ଚୌଧୁରୀ ଚରଣ ସିଂହ ୧୯୦୨ ଡିସେମ୍ବର ୨୩ରେ ଉତ୍ତରପ୍ରଦେଶ ମୀରଟରେ ଜନ୍ମଗ୍ରହଣ କରି ୧୯୮୭ ମଇ ୨୯ରେ ମୃତ୍ୟୁବରଣ କରିଥିଲେ। ସେ ଦେଶର ପଞ୍ଚମ ପ୍ରଧାନମନ୍ତ୍ରୀ ▶ପୃଷ୍ଠା-୯

# ଶଙ୍ଖ ଧରିଲେ ସଂତୃପ୍ତ



■ **ଭୁବନେଶ୍ୱର, ୯ା୨ (ସମିସ):** କର୍ପୋରେଟ ଜଗତର ଜଣାଶୁଣା ବ୍ୟକ୍ତିତ୍ୱ ଡଃ ସଂତୃପ୍ତ ମିଶ୍ର ବିଧିବଦ୍ଧ ଭାବରେ ବିଜେଡିରେ ଯୋଗ ଦେଇଛନ୍ତି। ଶୁକ୍ରବାର ଶ୍ରୀ ମିଶ୍ର ନବୀନ ନିବାସରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଦଳରେ ସାମିଲ ହୋଇଛନ୍ତି। ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନବନିଯୁକ୍ତ ଶ୍ରୀ ମିଶ୍ରଙ୍କୁ ଉତ୍ତରୀୟ ପିନ୍ଧାଇ ତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ସମୟରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମନ୍ତ୍ରୀ ସେହ୍ନାଙ୍ଗିନୀ ▶ପୃଷ୍ଠା-୯

> ଓଡ଼ିଶାର ସେବା ଲାଗି ବିଜେଡି ସୁଯୋଗ ଦେଇଛି

## ଡଃ ସଂତୃପ୍ତ ମିଶ୍ର ଜାତୀୟ ମୁଖପାତ୍ର, ସଞ୍ଜୟ ମୁଖପାତ୍ର

■ **ଭୁବନେଶ୍ୱର, ୯ା୨ (ସମିସ):** ବିଜେଡିରେ ଯୋଗ ଦେବା ପରେ ଡଃ ସଂତୃପ୍ତ ମିଶ୍ରଙ୍କୁ ଦଳର ରାଷ୍ଟ୍ରୀୟ ମୁଖପାତ୍ର ଭାବରେ ନିଯୁକ୍ତି ଦେଇଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେହିପରି ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କୁ ନୂଆ ମୁଖପାତ୍ର ଭାବରେ ଅବସ୍ଥାପିତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ସ୍ୱାକ୍ଷରରେ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ସୁଜ୍ଞାନ କୁମାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

## ଚେନ୍ନାଇରେ ଭେଟି ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୯ା୨ (ସମିସ):** ପ୍ରବାଦପୁରୁଷ ବିଜୁବାବୁଙ୍କ ଅନ୍ୟତମ ଘନିଷ୍ଠ ସହଯୋଗୀ, ବିଶିଷ୍ଟ ରାଜନୀତିଜ୍ଞ ତଥା ଖଲ୍ଲିକୋଟର ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ସ୍ୱାସ୍ଥ୍ୟବସ୍ଥା ଅତ୍ୟନ୍ତ ଗୁରୁତର। ଚିକିତ୍ସା ପାଇଁ ତାଙ୍କୁ ଚେନ୍ନାଇସ୍ଥିତ ଆପୋଲୋ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଚେନ୍ନାଇରେ ଚିକିତ୍ସାଧୀନ ସୁଜ୍ଞାନଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ମନ୍ତ୍ରୀ ବିକ୍ରମ ଆରୁଖ, ଉଷା ଦେବୀ ଓ ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସ ▶ପୃଷ୍ଠା-୯



ସୁଜ୍ଞାନଙ୍କୁ ଭେଟିଲେ ମନ୍ତ୍ରୀ ଉଷା ଦେବୀ ଓ ବିକ୍ରମ ଆରୁଖ

'୫-ଟି' ଅଧ୍ୟକ୍ଷ ପାଣ୍ଡିଆନ ଓ ପ୍ରଣବପ୍ରକାଶ ଦାସ ଉପସ୍ଥିତ

## ଲୋକକଥା



ଗାଁଠୁ ସହର ପ୍ରଗତିର ଗତି
କେତେ ତ୍ୱରାନ୍ୱିତ ହଉଛି,
ବିରୋଧୀ ବିଚରା ଓଷଦ ବିକଳେ
ତାଟିଆ କାମୁଡ଼ି ରଡ଼ୁଚି !
ପଡିଆରା ତାଙ୍କ ଝଡ଼ୁଛି,
ଚବିଶି ପାଇଁକି ଡହଳବିକଳ
ଜଳାପୋଡ଼ା ଯାହା ବଢ଼ୁଛି !!

**ଲିଙ୍ଗ ନିରୂପଣ ରାକେଟ୍ ଠାବ**

# ଡାକ୍ତର ଦମ୍ପତିଙ୍କ ସମେତ ୫ ଗିରଫ

## ଅଲଟ୍ରାସାଉଣ୍ଡ ମେସିନ୍, ୪୦ହଜାର ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ



- ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ସ୍ପେଶାଲ୍ ସ୍କ୍ୱାଡ୍‌ର ଚଢ଼ଉ
- ଆକ୍ସନ୍ ମୋଡ୍‌ରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ କମିଶନରେଟ୍ ପୁଲିସ

■ **କଟକ, ୯ା୨ (ସମିସ):** କମିସନରେଟ୍ ପୁଲିସ ଆଜି ମଙ୍ଗଳାବାଗ ଥାନା ଅନ୍ତର୍ଗତ ଫ୍ରେଣ୍ଡସ୍ କଲୋନୀରୁ ଏକ ବେଆଇନ ଲିଙ୍ଗ ନିରୂପଣ ରାକେଟ୍ ଠାବ କରିବା ସହ ମୋଟ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଡାକ୍ତର ପୁଣ୍ୟଶ୍ଲୋକ ଦାସ, ତାଙ୍କ ପତ୍ନୀ ବିସ୍ମିତା ଦାସ, ଢେଙ୍କାନାଳର ବିଭୂତି ସାହୁ, ଜଗତସିଂହପୁରର ଦେବେନ୍ଦ୍ର କୁମାର ବେହେରା ଓ ପୁରୀଘାଟ ଅଞ୍ଚଳର ସୌମ୍ୟରଞ୍ଜନ ପୃଷ୍ଟି। ସମସ୍ତ ଅଭିଯୁକ୍ତଙ୍କ ଜାମିନ୍ ଆବେଦନ ଖାରଜ ହୋଇଯିବାକୁ ସେମାନଙ୍କୁ ଚୌଦ୍ୱାର ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ମୁଖ୍ୟ ଅଭିଯୁକ୍ତ ଡାକ୍ତର ଦାସଙ୍କ ଘରୁ ଅଲ୍ଟ୍ରାସାଉଣ୍ଡ ମେସିନ୍, ୪୦ ହଜାର ଟଙ୍କା, ବେଆଇନ ଲିଙ୍ଗ ନିରୂପଣରେ ବ୍ୟବହୃତ ଯନ୍ତ୍ରାଂଶ ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ▶ପୃଷ୍ଠା-୯






# ସ୍ମରଣୀୟ ରହିବ ଷୋଡ଼ଶ ବିଧାନସଭା

## ୮ ଆସୀନ ସଦସ୍ୟଙ୍କୁ ହରାଇଛି ଓଡ଼ିଶା

ଭୁବନେଶ୍ୱର, ୯ ।୨(ସମିସ):

ଷୋଡ଼ଶ ବିଧାନସଭା ଶେଷ ଅଧିବେଶନ ବିଧିବଦ୍ଧ ଭାବେ ଶୁକ୍ରବାର ସମାପ୍ତ ହୋଇଛି । ବାଚସ୍ପତି ପ୍ରମିଳା ମଲ୍ଲିକ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି । ମୁତଲବୀ ଘୋଷଣା ସହ ବିଦାୟୀ ୧୫ଟି ଅଧିବେଶନର ଅନେକ ସ୍ମୃତି, ଅନୁଭୂତି ଇତିହାସର ଫର୍ଦ୍ଦ ପାଲଟିଯାଇଛି । ଅନେକ ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି, ଅକଳରେ ପକାଇବାକୁ ଚେଷ୍ଟା କରିଛନ୍ତି । ମାତ୍ର ସଂଖ୍ୟାଗରିଷ୍ଠତା ସତ୍ତ୍ୱେ ଶାସକ ଦଳ ବିରୋଧୀଙ୍କୁ ସମାଲୋଚନାର ପର୍ଯ୍ୟାପ୍ତ ସୁଯୋଗ ଦେଇଛି । ଗଣତାନ୍ତ୍ରିକ ମୂଲ୍ୟବୋଧ ବଜାୟ ରଖିବାରେ ଏହି ବିଧାନସଭା ଅନେକ ଉଦାହରଣ ଛାଡ଼ି ଯାଇଥିବାବେଳେ ରାଜ୍ୟସ୍ୱାର୍ଥ ହିଁ ସର୍ବୋପରି ଏକଥା ପ୍ରମାଣିତ କରିପାରିଛି ।

ରାଜ୍ୟର ଅନେକ ଜିଲ୍ଲାର ଫନିର ତାଣ୍ଡବ ପରେ ଲଗାତାର ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ମନ୍ତ୍ରୀମଣ୍ଡଳ ସହ ଶପଥ ଗ୍ରହଣ କରିଥିଲେ । ଏହାପରେ ଆରମ୍ଭ ହୋଇଥିଲା ରୂପାନ୍ତରଣ ପର୍ବ । ବିଧାନସଭା ଏହି ନବ ରୂପାନ୍ତରଣର ସବୁଠାରୁ ବଡ଼ ସାକ୍ଷୀ । ଫନି ପରି ବାତ୍ୟାର ସମ୍ମୁଖୀନ ହେବା ପରେ ବୈଶ୍ୱିକ ମହାମାରୀ କରୋନାକୁ ମୁକାବିଲା କରିବାରେ ରାଜ୍ୟ ସରକାରଙ୍କ ସଫଳତାକୁ ଦେଶବ୍ୟାପୀ ପ୍ରଶଂସା ମିଳିଥିବା ବେଳେ ଏହି ଯୁଦ୍ଧରେ ସରକାରଙ୍କୁ ପୂର୍ଣ୍ଣ ସମର୍ଥନ ଦେଇଥିଲା ରାଜ୍ୟ ବିଧାନସଭା । ସରକାରଙ୍କ ପ୍ରତିଟି ପଦକ୍ଷେପ ସହ ବିରୋଧୀ ସଦସ୍ୟଙ୍କ ସହଯୋଗ ଓଡ଼ିଶାକୁ ମହାମାରୀ ମୁକାବିଲାରେ ସଫଳତା ଆଣି ଦେଇଥିଲା । ସେହିପରି ପୁରୀ ପରିକ୍ରମା ପ୍ରକଳ୍ପ, ଏକାମ୍ର ପ୍ରକଳ୍ପ, ବିଭିନ୍ନ ସମସ୍ୟା ସମୟରେ ଶାସକ-ବିରୋଧୀ ଏକ ହୋଇ ରାଜ୍ୟ ବିକାଶକୁ ପ୍ରାଧାନ୍ୟ ଦେବା ବିଭିନ୍ନ ସମୟରେ ଓଡ଼ିଶାର ବଳିଷ୍ଠ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରମାଣିତ କରିଛି । ଓଡ଼ିଆ ବିଶ୍ୱବିଦ୍ୟାଳୟ, ରାଜ୍ୟର ରୂପାନ୍ତରଣର ନକ୍ସାକୁ ବିଧାନସଭା ଅନୁମୋଦନ କରିଛି । ସେହିପରି ଏହି ୫ ବର୍ଷର କାଳଖଣ୍ଡରେ ଅନେକ ଆସୀନ ତଥା ପୁରୁଣା ସଦସ୍ୟଙ୍କୁ ବିଧାନସଭା ହରାଇଛି । ସୂର୍ଯ୍ୟନାରାୟଣ ପାତ୍ର କିଶୋର ମହାନ୍ତି, ନବ ଦାସ, ବିଷ୍ଣୁ ଦାସ, ବିଜୟରଞ୍ଜନ ସିଂହ ବରିହା, ପ୍ରଦୀପ ମହାରଥୀ, ବିଷ୍ଣୁ ସେଠୀ, ମଦନ ମୋହନ ଦତ୍ତଙ୍କ ପରି ଅନେକ ବରିଷ୍ଠ ସଦସ୍ୟଙ୍କ ପରଲୋକ ଘଟିଛି ।

**କନିଷ୍ଠଙ୍କ ପିଠି ଥାପୁଡ଼େଇଛନ୍ତି ବରିଷ୍ଠ**

**ନିଆଯାଇଛି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି**

**କାର୍ଯ୍ୟ କରିଛନ୍ତି ପ୍ରଥମ ମହିଳା ବାଚସ୍ପତି**

**ମନେ ରହିବ 'ଚପଲ', 'ସାନିଟାଇଜର'**

୨୦୧୯ ବିଧାନସଭା ନିର୍ବାଚନ ପରେ ପ୍ରାୟ ୬୫ରୁ ଅଧିକ ନୂଆ ବିଧାୟକ ପ୍ରଥମଥର ପାଇଁ ବିଧାନସଭାକୁ ଆସିଥିଲେ । ତେବେ ପ୍ରଥମ ଗୃହ ପ୍ରବେଶ ଏବଂ ଗୃହକାର୍ଯ୍ୟରେ ଭାଗନେବା ପରେ ଶାସକ-ବିରୋଧୀ ତାରତମ୍ୟ, ମତପାର୍ଥକ୍ୟ ଓ ଦଳୀୟ ଭେଦଭାବକୁ ଭୁଲି ବରିଷ୍ଠମାନେ ଯେପରି କନିଷ୍ଠ ସଦସ୍ୟଙ୍କ ପିଠି ଥାପୁଡ଼ାଇଛନ୍ତି, ତାହା ଅନନ୍ୟ ପରମ୍ପରା ସୃଷ୍ଟି କରିଛି ।

ବିଜେପିର ନବାଗତ ମୁକେଶ ମହାଲିଙ୍ଗଙ୍କୁ ତତ୍କାଳୀନ ବାଚସ୍ପତି ତଥା ସ୍ୱର୍ଗତଃ ସୂର୍ଯ୍ୟନାରାୟଣ ପାତ୍ର ହୁଅନ୍ତୁ କି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ତାଙ୍କର ପ୍ରଥମ ଅଭିବାଷଣରେ ଯେପରି ଉଚ୍ଚ ପ୍ରଶଂସା କରିଥିଲେ । ଶ୍ରୀ ମହାଲିଙ୍ଗ ପାଇଁ ଏହା ଜୀବନର ଅନ୍ୟତମ ଶ୍ରେଷ୍ଠ ଅନୁଭୂତି ବୋଲି ସେ ମତବ୍ୟକ୍ତ କରିଛନ୍ତି । ସେହିପରି ଉପ ନିର୍ବାଚନରେ ବିଜୟୀ ହୋଇ ଗୃହରେ ନିଜର ଅଭିଭାଷଣ ରଖୁଥିବା ବେଳେ ବିଜେପି ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ ନିଜ ଆସନରୁ ଉଠିଆସି ବିଜେଡି ବିଧାୟକ ପ୍ରଣବ ପ୍ରକାଶ ଦାସ ପିଠି ଥାପୁଡ଼େଇ ଦେଇଥିଲେ । ରାଜନୈତିକ ଦଳ ମଧ୍ୟରେ ଥିବା ମତଭେଦ ଭୁଲି ଦକ୍ଷତାର ପ୍ରଶଂସା କରିବା ନିହାତି ଭାବେ ଉଦାହରଣ ଅବଂ ଅନୁକରଣୀୟ ବୋଲି ସେତେବେଳେ ମତପ୍ରକାଶ ପାଇଛି ।

ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ଆଲୋଚନା ହେଉ ଅନ୍ୟ ବିଧେୟକ କିମ୍ବା ବିଭିନ୍ନ ମୋସନ ଆଲୋଚନା, ବିଭିନ୍ନ ସମୟରେ ଗୃହରେ ବିଭିନ୍ନ ପ୍ରସଙ୍ଗକୁ ନେଇ ହୋଇଥିବା ସାରଗର୍ଭକ ଆଲୋଚନାର ସାକ୍ଷୀ ଷୋଡ଼ଶ ବିଧାନସଭା ପାଲଟିଛି । ସେହିପରି ନିଜ କାର୍ଯ୍ୟକଳାପ ଯୋଗୁଁ ଶାସକ ଦଳ କିଛି ସଦସଙ୍କୁ ଦଳରୁ ବହିଷ୍କାର କରିଥିବା ଉଦାହରଣ ରହିଛି । ଦଳରୁ ବହିଷ୍କାର ସତ୍ତ୍ୱେ ସମ୍ପୃକ୍ତ ସଦସ୍ୟମାନେ ଗୃହ କାର୍ଯ୍ୟରେ ଭାଗ ନେଇଛନ୍ତି । ବିରୋଧୀଙ୍କୁ ନିଜ କଥା ରଖିବା ପାଇଁ ଗୃହରେ ଯଥେଷ୍ଟ ଅଧିକାର ଦେଇଛି ଶାସକ ଦଳ । ଯାହାଫଳରେ ଗୃହରେ ଏକ ଉଚ୍ଚ ସଂସଦୀୟ ପରମ୍ପରା ସୃଷ୍ଟି ହୋଇପାରିଛି । ସମାନ ସମୟରେ ଗୃହରେ ବିଜେପି ବିଧାୟକ ସୁବାଷ ପାଣିଗ୍ରହୀଙ୍କ ସାନିଟାଇଜର୍ ପିଇବା ଉଦ୍ୟମ, ବାଚସ୍ପତିଙ୍କ ଉପରୁ ବିଜେପି ବିଧାୟକ ଜୋତା, ଚପଲ, ଡାଲି ଫିଙ୍ଗି ନିଲମ୍ବିତ ହେବା ଷୋଡ଼ଶ ବିଧାନସଭାରେ କଳା ଅଧ୍ୟାୟ ମଧ୍ୟ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଆସନ୍ତା ନିର୍ବାଚନରେ କଂଗ୍ରେସର ବରିଷ୍ଠ ବିଧାୟକ ନରସିଂହ ମିଶ୍ର, ସୁରେଷ ରାଉତରାୟ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି ।

## ନରସିଂହ ଭାବପ୍ରବଣ, ମୁଣ୍ଡିଆ ମାରିଲେ ସୁର



ଭୁବନେଶ୍ୱର, ୯ ।୨(ସମିସ): ଶୋଡ଼ଷ ବିଧାନସଭାର ଶେଷ ଅଧିବେଶନରେ ଭାବପ୍ରବଣ ହୋଇଛନ୍ତି ଅନେକ ବିଧାୟକ । ଆଗାମୀ ନିର୍ବାଚନ ନ ଲଢ଼ିବାକୁ ଘୋଷଣା କରିଥିବା କଂଗ୍ରେସର ଦୁଇ ବିଧାୟକ ନରସିଂହ ମିଶ୍ର ଓ ସୁର ରାଉତରାୟଙ୍କ ବିଧାନସଭାରେ ଶେଷ ଦିନ ସବୁଠୁ ଭାବାତ୍ମକ ପରିବେଶ ସୃଷ୍ଟି କରିଛି । ଆଜି ଗୃହରେ ନିଜର ଅନ୍ତିମ ବକ୍ତବ୍ୟ ରଖୁଥିବା ବେଳେ ନରସିଂହ ଖୁବ୍ ଭାବପ୍ରବଣ ହୋଇ ପଡ଼ିଥିଲେ । ସେ କହିଥିଲେ ଯେ ମୁଁ ଆଉ ଆସନ୍ତା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁନାହିଁ । ୧୯୯୦ରୁ ଏଯାବତ୍ ବହୁ ପଦପଦବୀରେ ରହି ଆସିଛି । ଆପଣମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ପାଇଛି । ଯଦି ଭୁଲବଶତଃ କାହାର ବାବନାକୁ ଆଘାତ ଦେଇଥିବି ତାହେଲେ ସେଥିପାଇଁ କ୍ଷମା ପ୍ରାର୍ଥନା କରୁଛି । ଆଶା କରୁଛି, ଆଗାମୀ ଦିନରେ ଗୃହକୁ ଆହୁରି ଭଲ ପ୍ରତିନିଧି ଆସିବେ । ଗଣତାନ୍ତ୍ରିକ ମୂଲ୍ୟବୋଧ ରକ୍ଷା ଦିଗରେ କାର୍ଯ୍ୟ କରିବେ । ଗୃହର ସମ୍ମାନ ବଢ଼ାଇବେ ବୋଲି ସେ ମତବ୍ୟକ୍ତ କରିଥିଲେ । ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିବା ପରେ ନରସିଂହ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯାଇ ତାଙ୍କ ସହ କିଛି ଆଲୋଚନା କରିଥିଲେ । ଏହାପରେ ଶାସକ ଦଳର ବହୁ ମନ୍ତ୍ରୀ, ବିଧାୟକ ଏବଂ କଂଗ୍ରେସ ଦଳର ବିଧାୟକମାନେ ଆସି ନରସିଂହଙ୍କୁ ଆଗାମୀ ଜୀବନ ପାଇଁ ଶୁଭକାମନା ଜଣାଇଥିଲେ । ଗୃହରେ ଏହି ସମୟରେ ଏକ ଭାବାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା । କେବଳ ନରସିଂହ ନୁହେଁ, କଂଗ୍ରେସର ଅନ୍ୟତମ ବରିଷ୍ଠ ବିଧାୟକ ସୁରେଶ ରାଉତରାୟ ଆଉ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଆଜି ଗୃହରେ ଘୋଷଣା କରିଛନ୍ତି । ତାଙ୍କ ସ୍ଥାନରେ ତାଙ୍କ ସାନପୁଅ ଜଟଣୀରୁ ଏବଂ ବଡ଼ପୁଅ ନିମାପଡ଼ାରୁ ପ୍ରତିଦ୍ୱନ୍ଦିତା କରିବେ ବୋଲି ସୁର ଆଜି ନିଜେ ଘୋଷଣା କରିଛନ୍ତି । ବିଧାନସଭାରୁ ବାହାରିବା ବେଳେ ସେ ମୁଣ୍ଡିଆ ମାରିଛନ୍ତି ।

**ନିଯୁକ୍ତି ପାଇଲେ ୭୧୬ ଏଏସ୍‌ଓ**

# ନିଷ୍ଠା ଓ ଉତ୍ସର୍ଗୀକୃତ ଭାବନାରେ ଲୋକଙ୍କ ସେବା କର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯ ।୨(ସମିସ):



ଶାସନ କ୍ଷେତ୍ରରେ ସ୍ୱଚ୍ଛତା, ଦାୟିତ୍ୱବାନ ଓ ଉତ୍ତରଦାୟିତ୍ୱକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ମିଳିତ ଉଦ୍ୟମ, ଜ୍ଞାନକୌଶଳ ଓ ପାରଦର୍ଶିତା ସହ ସମୟାନୁବର୍ତ୍ତିତା ରାଜ୍ୟର ଲୋକଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି । ଏହି '୫-ଟି' ଉପକ୍ରମର ଅନୁସରଣ ପୂର୍ବକ ଆପଣମାନେ ଓଡ଼ିଶାବାସୀଙ୍କ ସେବାରେ ନିଜ ଜ୍ଞାନ, ଦକ୍ଷତାକୁ ଉପଯୋଗ କରନ୍ତୁ । ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନରେ ଆପଣମାନଙ୍କ ଭାଗୀଦାରି ବହୁତ ଉପାଦେୟ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଆଜି ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ନିଯୁକ୍ତି ପର୍ବରେ ୭୧୬ ଜଣ ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର (ଏଏସ୍‌ଓ)ଙ୍କୁ ନିଯୁକ୍ତି ପ୍ରଦାନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ଆହ୍ୱାନ ଦେଇଛନ୍ତି ।

ନବନିଯୁକ୍ତ ଅଧିକାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ, ଲୋକଙ୍କ କଲ୍ୟାଣ ତଥା ରାଜ୍ୟର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ବହୁ ଉଲ୍ଲେଖନୀୟ ଯୋଜନା, କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଆମ ରାଜ୍ୟ ନୂଆ ରୂପାନ୍ତରଣ ମାର୍ଗରେ ଅଗ୍ରସର ହେଉଛି । ଏଥିରେ ବିକାଶ ଅଭିଯାନରେ ଆପଣମାନେ ଜଣେ ଜଣେ ଦକ୍ଷ ସାରଥୀ ହେବେ । ନିଜ କାର୍ଯ୍ୟକାଳରେ ଆପଣମାନେ ପୂର୍ଣ୍ଣ ଦକ୍ଷତା ଓ ନିଷ୍ଠା ସହିତ ଉତ୍ସର୍ଗୀକୃତ ଭାବେ ସରକାରୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ଜରୁରୀ । ନିଯୁକ୍ତି ପାଇଥିବା ଅଧିକାଂଶ ପ୍ରାର୍ଥୀମାନେ ବିଭିନ୍ନ ବିଷୟରେ ବି-ଟେକ୍, ଏମ୍-ଟେକ୍, ମାଷ୍ଟର୍ସ ଡିଗ୍ରୀ ହାସଲ କରିଛନ୍ତି । ଆଗାମୀ ଦିନରେ ନିଜର ଏହି ଶିକ୍ଷା ଓ ଅଭିଜ୍ଞତାକୁ ରାଜ୍ୟର ବିକାଶରେ ବିନିଯୋଗ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

**'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ନିର୍ମାଣରେ ନିଜ ଜ୍ଞାନ ଓ ଅଭିଜ୍ଞତା ବିନିଯୋଗ କର'**

ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତୀ ବେହେରା କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ପ୍ରତ୍ୟେକ କ୍ଷେତ୍ରରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ସବୁ କ୍ଷେତ୍ରରେ ଓଡ଼ିଶା ଉତ୍କର୍ଷ ସାଧନ କରୁଛି । ସମସ୍ତ ନବନିଯୁକ୍ତ ଏଏସ୍‌ଓଙ୍କୁ ଆନ୍ତରିକତା ଓ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଗତିଶୀଳ ତଥା ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି । ଆମ ଶାସନ ବ୍ୟବସ୍ଥାରେ କେହି ପଛରେ ନାହାନ୍ତି । ଅନ୍ୟ ସମସ୍ତଙ୍କ ଅପେକ୍ଷା ସରକାର ଲୋକମାନଙ୍କ ଉପରେ ଅଧିକ ବିଶ୍ୱାସକୁ ନେଇ ପ୍ରତିଟି କାର୍ଯ୍ୟକ୍ରମର କେନ୍ଦ୍ରରେ ରଖୁଥିବା କହିଛନ୍ତି । ଏହାସହ ଗୋଟିଏ ଦିନରେ ସରକାରରେ ଯୋଗ ଦେଉଥିବା ଅଧିକାରୀଙ୍କ ଏହା ସର୍ବବୃହତ୍ ଦଳ ବୋଲି କହିଛନ୍ତି । ସମସ୍ତଙ୍କ ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ୫-ଟି ସମ୍ପର୍କିତ ଜ୍ଞାନ ଆୟତ୍ତ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ନବନିଯୁକ୍ତ ଏଏସ୍‌ଏଙ୍କ ମଧ୍ୟରୁ ସୌଭାଗ୍ୟ ଚନ୍ଦ୍ରଶେଖର ଓ ସ୍ୱର୍ଣ୍ଣ ଭାରତୀ ନାୟକ ନିଜ ଅଭିଜ୍ଞତା ସମ୍ପର୍କରେ ଅବଗତ କରିବା ସହ '୫-ଟି' ନୀତି ଅନୁସରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦେଓରଞ୍ଜନ କୁମାର ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱତନ୍ତ୍ର ସଚିବ ଡ. ସାନ୍ତୋଷ ବାଲା ଧନ୍ୟବାଦ ଦେଇଥିଲେ । ସମସ୍ତ ନବନିଯୁକ୍ତ ଏଏସ୍‌ଓ ଲୋକସେବା ଭବନର ବିଭିନ୍ନ ବିଭାଗରେ କାର୍ଯ୍ୟ କରିବେ ।

■ ଓଡ଼ିଶାରୁ ବଳକା ଚାଉଳ ସଂଗ୍ରହ ପ୍ରସଙ୍ଗ ଉଠାଇଲେ ମାନସ

## ଚଳିତ ଖରିଫ୍‌ରେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠାଯିବ: କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୯ ।୨(ସମିସ): ଓଡ଼ିଶାରୁ ବଳକା ଚାଉଳ ସଂଗ୍ରହ ପାଇଁ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ନିକଟରେ ପର୍ଯ୍ୟାପ୍ତ ସଂରକ୍ଷଣ ସ୍ଥାନ ରହିଛି । ରାଜ୍ୟରୁ ତ୍ୱରିତ ଚାଉଳ ସଂଗ୍ରହ ପାଇଁ ଏଫ୍‌ସିଆଇ ପ୍ରସ୍ତୁତ ବୋଲି କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ଖାଉଟି ବିତରଣ ରାଷ୍ଟ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତି କହିଛନ୍ତି ।



ଆଜି ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଓଡ଼ିଶାରୁ ବଳକା ଚାଉଳ ସଂଗ୍ରହ ନେଇ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ବଳକା ଚାଉଳ ସଂଗ୍ରହ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ରାଜ୍ୟ ସରକାର ଖାଉଟି ବିତରଣ ବ୍ୟବସ୍ଥା ଏବଂ ଅନ୍ୟ କଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ ଚାଉଳ ରଖିବା ପରେ ବଳକା ଚାଉଳ ଏଫ୍‌ସିଆଇକୁ ହସ୍ତାନ୍ତର କରିଥାନ୍ତି । ତେବେ କେନ୍ଦ୍ରୀୟ ପୁଲରେ ରଖିବା ପାଇଁ ରାଜ୍ୟ ସରକାରଙ୍କଠାରୁ ଦେଶର ଆବଶ୍ୟକତା ପୂରଣ ନିମନ୍ତେ ବଳକା ଚାଉଳ ସଂଗ୍ରହ କରାଯିବ କି ନାହିଁ, ତାହା ନିର୍ଦ୍ଧାରଣ କରିବା ନିଷ୍ପତ୍ତି ଏଫ୍‌ସିଆଇ ଉପରେ ନ୍ୟସ୍ତ କରାଯାଇଛି । ୨୦୨୨-୨୩ ଖରିଫ୍ ଋତୁରେ ୨୦୨୪ ଜାନୁଆରୀ ୩୧ ତାରିଖ ସୁଦ୍ଧା ଓଡ଼ିଶାରୁ ସେଣ୍ଟ୍ରାଲ ପୁଲ୍‌କୁ ୫୩.୮୫ ଲକ୍ଷ ମେଟ୍ରିକ୍ ଟନ୍ ମିଲିଂ ଚାଉଳ ପ୍ରଦାନ କରାଯାଇଛି । ଏଥିମଧ୍ୟରୁ ୪୪.୧୮ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ଥିଲା । ବିକେନ୍ଦ୍ରୀତ ସଂଗ୍ରହ ପ୍ରକ୍ରିୟାରେ ଚାଉଳ ସଂଗ୍ରହ ହେଉଥିବା ବ୍ୟବସ୍ଥାରେ ରାଜ୍ୟ ସରକାର ୩୧.୩୭ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ନିଜ ବ୍ୟବହାର ପାଇଁ ରଖିଥିଲେ । ଅବଶିଷ୍ଟ ୨୨.୪୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଏଫ୍‌ସିଆଇକୁ ପ୍ରଦାନ କରାଯାଇଥିଲା ।

ମନ୍ତ୍ରୀ କହିଥିଲେ, ୨୦୨୨ ଡିସେମ୍ବରରୁ ୨୦୨୪ ଜାନୁଆରୀ ମଧ୍ୟରେ ୨୨.୪୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ରାଜ୍ୟ ସରକାର ପ୍ରଦାନ କରିଥିଲେ । ସେହିପରି ୨୦୨୩-୨୪ ଖରିଫ୍ ଋତୁରେ ଅର୍ଥାତ୍ ୨୦୨୩ ଡିସେମ୍ବର ମାସରୁ ୨୦୨୪ ଜାନୁଆରୀ ମଧ୍ୟରେ ୧.୦୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ପ୍ରଦାନ କରାଯାଇଥିଲା । ଏହି ଖରିଫ୍‌ରେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ବଳକା ପୁଷ୍ଟିଯୁକ୍ତ ଉଷୁନା ଚାଉଳ ପ୍ରଦାନ ପାଇଁ ଭାରତ ସରକାର ଓଡ଼ିଶା ସରକାରଙ୍କୁ ଅନୁମତି ପ୍ରଦାନ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

# ଗୁପ୍ତେଶ୍ୱରକୁ ଜୈବ ବିବିଧତା ଐତିହ୍ୟସ୍ଥଳୀ ମାନ୍ୟତା

ଭୁବନେଶ୍ୱର, ୯ ।୨(ସମିସ): ପୂର୍ବଘାଟ ପର୍ବତମାଳା ଅନ୍ତର୍ଗତ କୋରାପୁଟ ଜିଲ୍ଲା ଗୁପ୍ତେଶ୍ୱରକୁ ଜୈବବିବିଧତା ଐତିହ୍ୟସ୍ଥଳୀର ମାନ୍ୟତା ମିଳିଛି । ରାଜ୍ୟର ଚତୁର୍ଥ ଜୈବ ବିବିଧତା ଐତିହ୍ୟସ୍ଥଳୀ ଭାବେ ଗୁପ୍ତେଶ୍ୱର ଏହି ମାନ୍ୟତା ପାଇଛି । ଶୁକ୍ରବାର ଏନେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ପୂର୍ବରୁ ଏହି ଜଙ୍ଗଲ ଝୁଣା, ଲାଖ ଭଳି ଗୁରୁତ୍ୱପୂର୍ଣ୍ଣ ଜଙ୍ଗଲଜାତ ଦ୍ରବ୍ୟର ଭୂସ୍ୱର୍ଗ ଭାବେ ପରିଚିତି ପାଇଥିବା ବେଳେ ଏବେ ରାଜ୍ୟ ସରକାର ଏହି ଜଙ୍ଗଲକୁ ନୂତନ ପରିଚୟ ଦେଇଛନ୍ତି । ଏହି ମାନ୍ୟତା ମିଳିବା ଦ୍ୱାରା ଜଙ୍ଗଲରୁ ଯେଉଁ ବୃକ୍ଷଲତା ଓ ଜୀବଜନ୍ତୁ ଲୋପ ପାଇଯାଉଛି, ତାହାକୁ ସଂରକ୍ଷିତ ରଖିବା ପାଇଁ ପଦକ୍ଷେପ ନିଆଯିବ । ଏଥିରେ ସ୍ଥାନୀୟ ଲୋକଙ୍କୁ ବହୁଳ ଭାବେ ସମ୍ପୃକ୍ତ କରାଇ ଏହି କାର୍ଯ୍ୟ କରାଯିବ । ଦିନକୁ ଦିନ ଜଙ୍ଗଲରୁ ବହୁ ଗଛ ଚୋରି ହେଉଥିବା ବେଳେ ଜୀବଜନ୍ତୁ ମଧ୍ୟ ଶିକାର ହେଉଛନ୍ତି । ମାତ୍ର ଜୈବ ବିବିଧତା ଐତିହ୍ୟସ୍ଥଳୀର ମାନ୍ୟତା ମିଳିବା ପରେ ଏହାର ପରିଚାଳନା ପାଇଁ ବିଭିନ୍ନ ଫୋରମରୁ ଅର୍ଥ ଆସିବ । ଏହା ଜଙ୍ଗଲର ରକ୍ଷଣାବେକ୍ଷଣ କ୍ଷେତ୍ରରେ ସହାୟକ ହେବ ।

**ଝୁଣା ଓ ଲାଖର ଭୂସ୍ୱର୍ଗ ଭାବେ ପରିଚିତ ଗୁପ୍ତେଶ୍ୱର ଜଙ୍ଗଲ**

**ସଂରକ୍ଷିତ ହେବ ୧୨୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦ**

ସୂଚନାଯୋଗ୍ୟ, ଜଙ୍ଗଲକୁ ଜୈବବିବିଧତା ଐତିହ୍ୟସ୍ଥଳୀ ମାନ୍ୟତା ଦେବା ପାଇଁ ପ୍ରଥମେ ଗୁପ୍ତେଶ୍ୱର ଗ୍ରାମପଞ୍ଚାୟତ (ହଳଦୀକୁଣ୍ଡ), ସ୍ଥାନୀୟ ବନଖଣ୍ଡ ଅଧିକାରୀ, ଜୟପୁର ବନଖଣ୍ଡ, ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ୍ ପକ୍ଷରୁ ସୁପାରିସ କରାଯାଇଥିଲା । ଏହି ସୁପାରିସ ଓ ଗ୍ରାମସଭାର ନିଷ୍ପତ୍ତି ଆଧାରରେ ଜୈବବିବିଧତା ବୋର୍ଡ ସେଠାରେ ସର୍ଭେ ଆରମ୍ଭ କରିଥିଲା । ଏହି ଜଙ୍ଗଲରେ ୬୦୮ ପ୍ରଜାତିର ପ୍ରାଣୀ ଓ ୬୧୫ ପ୍ରକାରର ବୃକ୍ଷଲତା ଥିବା ଜଣାପଡ଼ିଥିଲା । ୬୦୮ ପ୍ରଜାତିର ପ୍ରାଣୀ ମଧ୍ୟରେ ୨୮ ପ୍ରକାର ପ୍ରକାର ସ୍ତନ୍ୟପାୟୀ, ୧୮୮ ପ୍ରକାର ପକ୍ଷୀ, ୧୮ ପ୍ରକାର ବେଙ୍ଗ ବା ଝିଣ୍ଟିକା ପ୍ରଜାତି ଓ ୪୮ ପ୍ରଜାତିର ସରୀସୃପଙ୍କ ସହ ୧୪୧ ପ୍ରକାର ପ୍ରଜାପତି, ୩୦ ପ୍ରକାର ବୁଢ଼ିଆଣୀ ଓ ଅନେକ ପ୍ରଜାତିର ଜୀବଜନ୍ତୁ ରହୁଥିବା ଜଣାପଡ଼ିଥିଲା । ସେହିପରି ୬୧୫ ପ୍ରକାର ବୃକ୍ଷଲତା ମଧ୍ୟରେ ୧୫ପ୍ରକାର ସମ୍ବେଦନଶୀଳ ବୃକ୍ଷ ରହିଛି । ଏଠାରେ ଏହି ଗଛଗୁଡ଼ିକର ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯିବ । ଏହା ବ୍ୟତୀତ ଏଠାରେ ପ୍ରଚୁର ମାତ୍ରାରେ ଝୁଣା ଓ ଲାଖ ଆଦି ମଧ୍ୟ ରହିଛି । ସ୍ଥାନୀୟ ଲୋକଙ୍କ ଦାବି ଅନୁଯାୟୀ, ଏହି ଜଙ୍ଗଲରେ ପ୍ରାୟ ୧୮୨ ପ୍ରଜାତିର ଔଷଧୀୟଯୁକ୍ତ ଗଛ ଅଛି । ସୂଚନାଯୋଗ୍ୟ, ଏହା ପୂର୍ବରୁ ଗନ୍ଧମାର୍ଦ୍ଦନ, ମହେନ୍ଦ୍ରଗିରି ଓ ମଣ୍ଡାସାରୁକୁ ଜୈବ ବିବିଧତା ଐତିହ୍ୟସ୍ଥଳୀ ମାନ୍ୟତା ମିଳି ସାରିଛି ।

## ପରିକ୍ରମା ମାର୍ଗ ବୁଲିଲେ ୬ ଜିଲ୍ଲାର ୮ ହଜାର ଭକ୍ତ

ପୁରୀ, ୯ ।୨(ସମିସ): ଶୁକ୍ରବାର ୬ ଜିଲ୍ଲାର ୮, ୧୪୦ ଜଣ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ବୁଲିଛନ୍ତି । ବଲାଙ୍ଗୀର ଜିଲ୍ଲାର ୬୫ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୯ଟି ବସ୍‌ରେ ୧, ୩୦୦ ଜଣ, କନ୍ଧମାଳ ଜିଲ୍ଲାର ୬୭ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୦ଟି ବସ୍‌ରେ ୧, ୩୪୦ ଜଣ, ଖୋର୍ଦ୍ଧା ଜିଲ୍ଲାର ୨୯ଟି ପଞ୍ଚାୟତ ଏବଂ ୱାର୍ଡରୁ ୧୩ଟି ବସ୍‌ରେ ୫୮୦ଜଣ, ଭଦ୍ରକ ଜିଲ୍ଲାର ୬୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୭ଟି ବସ୍‌ରେ ୧, ୨୦୦ ଜଣ, ଜଗତ୍‌ସିଂହପୁର ଜିଲ୍ଲାର ୬୧ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୭ଟି ବସ୍‌ରେ ୧, ୨୨୦ ଜଣ ଏବଂ କୋରାପୁଟ ଜିଲ୍ଲାର ୧୨୫ଟି ପଞ୍ଚାୟତ ଏବଂ ୱାର୍ଡରୁ ୫୬ଟି ବସ୍‌ରେ ୨, ୫୦୦ ଜଣ ଏହିପରି ମୋଟ ୮, ୧୪୦ ଜଣ ଶ୍ରଦ୍ଧାଳୁ ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ । ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ପରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିଥିଲେ ।



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-226 ◆BHUBANESWAR ◆SATURDAY ◆10 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୨୬ ◆ଭୁବନେଶ୍ୱର ◆ଶନିବାର ◆୧୦ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ପୁରୀରେ ପହଞ୍ଚିଲା ପ୍ରଥମ ରଥକାଠ

**୩ଟି ଟ୍ରକ୍‌ରେ ଆସିଛି ୧୦୨ ଖଣ୍ଡ ଅସନ ଓ ଧଉରା**

■ **ପୁରୀ, ୯ ।୨ (ସମିସ):** ଚଳିତ ବର୍ଷର ଘୋଷଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତିପର୍ବ । ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଲାଗି ପ୍ରଥମ ପର୍ଯ୍ୟାୟ ରଥକାଠ ପୁରୀରେ ପହଞ୍ଚିଛି । ଶନିବାର ସନ୍ଧ୍ୟାରେ ନୟାଗଡ଼ ବନଖଣ୍ଡ ଦଶପଲ୍ଲା ବନାଞ୍ଚଳରୁ ୩ଟି ଟ୍ରକ୍ ଯୋଗେ ଅସନ ୫୦ ଖଣ୍ଡ ଓ ଧଉରା ୫୨ ଖଣ୍ଡ ଏହିପରି ମୋଟ ୧୦୨ ଖଣ୍ଡ କାଠ ଆସିଛି । ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ । ଗତବର୍ଷ ଆସିଥିବା କାଠ ମଧ୍ୟରୁ ୫୩ ଖଣ୍ଡ ବଳକା ରହିଛି । ବାକି ୮୧୨ ଖଣ୍ଡ କାଠ ଏଥର ଆସିବ । ଏହି କାଠ ମଧ୍ୟରୁ ଶ' ମିଲକୁ ୪୩୧ ଖଣ୍ଡ ଏବଂ ରଥଖଳାକୁ ୩୮୧ ଖଣ୍ଡ କାଠ ଆସିବ । ମୁଖ୍ୟ ତତ୍ତ୍ୱାବଧାରକ ମେକାପ କହିଛନ୍ତି, ରଥ ନିର୍ମାଣ ପାଇଁ ଅସନ, ଧଉରା, ଫାଶି, ଶିମିଳି କାଠ ଆସିଥାଏ । ଏଥର ୮୧୨ ଖଣ୍ଡ କାଠ ଆସିବ । ଶନିବାର ୩ଟି ଟ୍ରକ୍‌ରେ ୧୦୨ ଖଣ୍ଡ ଅସନ ଓ ଧଉରା କାଠ ଆସି ପହଞ୍ଚିଛି । ପରମ୍ପରା ଅନୁଯାୟୀ, ସେଥିମଧ୍ୟରୁ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯିବ । ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବାର ବିଧି ରହିଛି ।


DSPL-635

ଓଡ଼ିଶା ସରକାର






# ସ୍ୱତନ୍ତ୍ର ଉନ୍ନୟନ ପରିଷଦ
# ମହାସମାବେଶ

**୧୦ ଫେବୃଆରୀ ୨୦୨୪ ॥ ସନ୍ଧ୍ୟା ୫ଟା**

**ଆଦିବାସୀ ପ୍ରଦର୍ଶନୀ ପଡିଆ, ଭୁବନେଶ୍ୱର**

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅନ୍ତର୍ଭୁକ୍ତ**

| | | | |
|---|---|---|---|
| ୨୩ଟି ଜିଲ୍ଲା | ୧୭୫ଟି ବ୍ଲକ୍ | ୧୩ଟି PVTG ସହିତ ସମସ୍ତ ୬୨ଟି ଜନଜାତିର ପ୍ରତିନିଧିତ୍ୱ | ୧ କୋଟିରୁ ଅଧିକ ଅନୁସୂଚିତ ଜନଜାତି ଜନସଂଖ୍ୟା |

- ୧୧,୦୦୦ ପବିତ୍ର ଉପବନ/ପୀଠସ୍ଥଳୀର ରକ୍ଷଣାବେକ୍ଷଣ
- ୨,୮୩୦ ଆଦିବାସୀ ସାଂସ୍କୃତିକ କ୍ଲବ୍ ନିର୍ମାଣ
- ୧୧୩୩ ଜନଜାତି ହାଟର ଉନ୍ନତିକରଣ
- ୧,୯୩୪ ମଣ୍ଡଳୀକୁ ବାଦ୍ୟ ଯନ୍ତ୍ର ପ୍ରଦାନ
- ୧,୩୨୬ ନୃତ୍ୟ ମଣ୍ଡଳୀକୁ ନୃତ୍ୟ ଆଭୂଷଣ ପ୍ରଦାନ
- ୯୪୨ ଏସଡିସି ଚାମ୍ପିଅନ୍ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ
- ୨,୮୦୯ ଆଦିବାସୀ ଯୁବ କ୍ଲବ୍‌କୁ କ୍ରୀଡ଼ା ସାମଗ୍ରୀ ପ୍ରଦାନ
- କୁଶଳୀ ଜନଜାତି କାରିଗର ମାନଙ୍କୁ ପରିଚୟ ପତ୍ର ପ୍ରଦାନ
- ପବିତ୍ର ଉପବନ /ପୀଠସ୍ଥଳୀକୁ ଗୋଷ୍ଠୀ ଜଙ୍ଗଲ ଅଧିକାର ଶିରୋନାମା ପ୍ରଦାନ



ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

OIPR-26070/13/0010/2324





# ଏତଲା କପିରେ ଏକାଧିକ ତ୍ରୁଟି

- ଲାଗୁନି ଆଇଓ, ଇନ୍ସପେକ୍ଟରଙ୍କ ନମ୍ବର
- କୋର୍ଟଙ୍କ ତାଗିଦ ପରେ ବି ସୁଧୁରୁନି ପୁଲିସ
- ରାଜଧାନୀରେ ଆଇଆଇସି, ଫୋନ୍ ଲାଗୁଛି ଅନ୍ୟ ଜିଲ୍ଲାରେ
- ଯୋଗାଯୋଗ କରିବାରେ ବିଫଳ ଅଭିଯୋଗକାରୀ

**ଭୁବନେଶ୍ୱର, ୯ ।୨(ସମିସ):** ଅଭିଯୋଗକାରୀଙ୍କୁ ଦିଆଯାଉଥିବା ଏତଲା କପିରେ ରହୁଛି ସାଂଘାତିକ ତ୍ରୁଟି। ଏ ନେଇ କୋର୍ଟ ପୁଲିସକୁ ବାରମ୍ବାର ତାଗିଦ କଲେ ମଧ୍ୟ ପୁଲିସ ସୁଧୁରୁନି। ସେଇ ଗୋଟିଏ ତ୍ରୁଟି ଏକାଧିକ ବାର କରୁଛି। ଦିଆଯାଉଥିବା ଏତଲା କପିରେ ମାମଲା ନମ୍ବର, ଆଇପିସି ଦଫା ସହିତ ତଦନ୍ତ ଅଧିକାରୀ ଏବଂ ଥାନାର ଇନ୍ସପେକ୍ଟରଙ୍କ ନାମ ଫୋନ୍ ନମ୍ବର ରହିବା ବାଧ୍ୟତା ମୂଳକ। ଏନେଇ ମଧ୍ୟ ହାଇକୋର୍ଟ ପୁଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବର୍ତ୍ତମାନ ଏହି ଏତଲା କପିରେ ଏକାଧିକ ତ୍ରୁଟି ରହୁଥିବା ପରିଲେଖିତ ହେଉଛି। ଏଥିରେ ଦିଆଯାଉଥିବା ଫୋନ୍ ନମ୍ବରକୁ ତଦନ୍ତ ଅଧିକାରୀ ବ୍ୟବହାର କରୁନଥିବା ବେଳେ ପ୍ରଥମ ସୂଚନା ତଥ୍ୟ (ଫାଷ୍ଟ ଇନ୍‌ଫରମେସନ୍ କଣ୍ଟେନ୍)ରେ ଅଭିଯୋଗକାରୀଙ୍କ ଅଭିଯୋଗ ରହୁନି। ଯେଉଁଥି ପାଇଁ ଅନେକ ଥର ପୁଲିସ କୋର୍ଟଙ୍କ ଦ୍ୱାରା ଲଜ୍ଜିତ ହେଉଛି। ଏଭଳି ତ୍ରୁଟି ନକରିବା ପାଇଁ ମଧ୍ୟ ପୁଲିସକୁ କୋର୍ଟ ତାଗିଦ କରୁଥିଲେ ମଧ୍ୟ ପୁଲିସ ସୁଧୁରୁନାହିଁ। ବଡ଼ ସମସ୍ୟା ହେଲା ଏତଲା କପିରେ ଦିଆଯାଉଥିବା ତଦନ୍ତ ଅଧିକାରୀ(ଆଇଓ ଏବଂ ଇନ୍ସପେକ୍ଟର)ଙ୍କ ଫୋନ୍ ନମ୍ବର ସେମାନେ ବ୍ୟବହାର କରୁନାହାନ୍ତି। ଯେଉଁଥି ପାଇଁ ଅଭିଯୋଗକାରୀ ତଦନ୍ତ ଅଧିକାରୀଙ୍କ ଫୋନ୍ ନମ୍ବର ଖୋଜି ବାଉଳା ହେଉଛନ୍ତି। ଶେଷରେ ଛୋଟ କାମ ପାଇଁ ବାଧ୍ୟ ହୋଇ ଥାନାକୁ ଦୌଡୁଛନ୍ତି। ବଡ଼ କଥା ହେଲା ତଦନ୍ତ ଅଧିକାରୀ ହୁଅନ୍ତୁ ଅବା ଥାନା ବାବୁ ସେମାନେ ଜାଣିଶୁଣି ଏଭଳି କରୁଥିବା ଦେଖିବାକୁ ସନ୍ଦେହ ପ୍ରକାଶ ପାଉଛି। ଗତ କିଛି ଦିନ ହେବ ରାଜଧାନୀର ବିଭିନ୍ନ ଥାନାକୁ ବଦଳି ହୋଇ କିଛି ଥାନା ଅଧିକାରୀ ଆସିଛନ୍ତି। ସେମାନେ ଅଧିକ ଫୋନ୍ ନମ୍ବରକୁ ଭୁଲ ଭାବରେ ଦେଇଛନ୍ତି। ତାଙ୍କୁ ଫୋନ୍ କଲେ ସେ ପୂର୍ବରୁ ଥିବା ଜାଗାରେ ଲାଗୁଛି। ଯେଉଁଥି ପାଇଁ ଏତଲା କପିରେ ଥାନା ଅଧିକାରୀଙ୍କ ଭୁଲ ନମ୍ବର ଦିଆଯାଉଥିବାରୁ ଲୋକେ ସମସ୍ୟାରେ ପଡୁଛନ୍ତି। ରାତି ଅଧରେ କିଛି ସମସ୍ୟା ହେଲେ ଦିଆଯାଇଥିବା ଫୋନ୍ ନମ୍ବରକୁ ଯୋଗାଯୋଗ କଲେ ଲାଗୁଛି। ଅନେକ ପୁଲିସ ଅଧିକାରୀ ଯେଉଁ ଫୋନ୍ ନମ୍ବର ବ୍ୟବହାର କରୁଛନ୍ତି ତାହାକୁ ଏହି ଏତଲା କପିରେ ଦେଉନାହାନ୍ତି। କିନ୍ତୁ ପୂର୍ବରୁ ବନ୍ଦ ହୋଇଥିବା ଫୋନ୍ ନମ୍ବରକୁ ସେମାନେ ନାମକୁ ମାତ୍ର ଦେଇ ଦେଉଛନ୍ତି। ପୁଲିସର ଏଭଳି କାର୍ଯ୍ୟ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା ହେଉଛି। କାରଣ କୋର୍ଟ ଏକ ରାୟରେ ଏହା ଶୁଣାଇଛନ୍ତି ଯେ, ଅଭିଯୋଗକାରୀଙ୍କୁ ଦିଆଯାଉଥିବା ଏତଲା କପିରେ ସବୁ କିଛି ସ୍ପଷ୍ଟଭାବେ ରହିବା ଆବଶ୍ୟକ। ତଦନ୍ତ ଅଧିକାରୀଙ୍କ ନାମ, ଫୋନ୍ ନମ୍ବର ଏବଂ ଅଭିଯୁକ୍ତ ବିରୋଧରେ ଲଗାଯାଉଥିବା ଦଫା ସ୍ପଷ୍ଟ ଭାବେ ଉଲ୍ଲେଖ ରହିବା ଆବଶ୍ୟକ। ଯଦି ଇଂରାଜୀ ଲେଖିବାରେ ସମସ୍ୟା ହେଉଛି ଓଡ଼ିଆରେ ଲେଖିବାକୁ ମଧ୍ୟ କୁହାଯାଇଛି। କିନ୍ତୁ ପୁଲିସ ଅଧିକାରୀମାନେ ଜାଣିଶୁଣି ଏଭଳି ଭୁଲ୍ କରୁଥିବା ଜଣାପଡ଼ିଛି। ଅନ୍ୟପଟରେ ଥାନାକୁ ଦିଆଯାଇଥିବା ସିୟୁଜି ନମ୍ବର ମଧ୍ୟ କେହି ଉଠାଉ ନାହାନ୍ତି। କାଁ ଭାଁ ଥାନା ଅଧିକାରୀ ସିୟୁଜି ନମ୍ବର ଉଠାଉଥିବା ବେଳେ ଅନ୍ୟମାନେ ଫୋନ୍ ନମ୍ବରକୁ ବ୍ୟବହାର କରୁନାହାନ୍ତି।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲିଲେ ରାଜଧାନୀର ୪୬୦ ଶ୍ରଦ୍ଧାଳୁ



**ଭୁବନେଶ୍ୱର, ୯।୨(ସମିସ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନ ପାଇଁ ୫ଶହରୁ ଅଧିକ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ପୁରୀ ଅଭିମୁଖେ ଯାଇଥିଲେ। ବିଏମ୍‌ସି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତର ଓ ମଧ୍ୟ ବିଧାନସଭା ଅଞ୍ଚଳର ତୀର୍ଥ ପାଇଁ ୪୫୦ରୁ ଅଧିକ ଯାତ୍ରୀଙ୍କୁ ୧୨ଟି ବସରେ ନିଆଯାଇଥିଲା। ପୁରୀ-କଟକ ବାଇପାସ୍‌ର ପାଣ୍ଡରା ଛକରୁ ଶ୍ରଦ୍ଧାଳୁମାନେ ପୁରୀ ଅଭିମୁଖେ ବାହାରି ଥିଲେ। ଏହି ଯାତ୍ରୀମାନଙ୍କ ଗାଡିକୁ ପତାକା ଦେଖାଇ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିସନର ଶୁଭେନ୍ଦୁ କୁମାର ସାହୁ, ସମସ୍ତ ୱାର୍ଡର କର୍ପୋରେଟର, ଜୋନାଲ ଡେପୁଟି କମିସନର, ଡେପୁଟି କମିସନର ଉପସ୍ଥିତ ଥିଲେ। ୱାର୍ଡ ଅଫିସର ଓ ସାନିଟାରୀ ଇନସ୍ପେକ୍ଟମାନେ ଯାତ୍ରୀମାନଙ୍କର ସମସ୍ତ ଦାୟିତ୍ୱ ବୁଝିବା ସହ, ସେମାନଙ୍କୁ ଏହି ଯାତ୍ରାରେ ସହାୟତା କରିଥିଲେ। ହରେ କୃଷ୍ଣ, ହରେ ରାମ' ଏବଂ 'ଜୟ ଜଗନ୍ନାଥ' ଧ୍ୱନିରେ ଗଗନ ପବନ ମୁଖରିତ ହୋଇଥିଲା। ହରିବୋଲ ଓ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା ରାଜରାସ୍ତା। ଏହି ଅବସରରେ ଉପସ୍ଥିତ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରକଳ୍ପ ବାବଦରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କର ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ପରିଦର୍ଶନ ହଜାର ହଜାର ଶ୍ରଦ୍ଧାଳୁଙ୍କ ମୁହଁରେ ହସ ଫୁଟାଇ ପାରିଛି ବୋଲି ଉପସ୍ଥିତ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି।

## 'ମୋ ବସ୍' କର୍ମଚାରୀଙ୍କୁ ମାଡ଼; ୨ ଗିରଫ



**ଭୁବନେଶ୍ୱର, ୯।୨(ସମିସ):** ମୋ ବସ୍ କର୍ମଚାରୀଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ପଟିଆର ବୃକୋଦର ଜେନା (୩୩) ଓ ସନ୍ତୋଷ କୁମାର ପାଣି (୪୩)। ପୁଲିସ ସୂଚନା ଅନୁସାରେ, ଗତ ବୁଧବାର ରାତିରେ ବୃକୋଦର ଓ ସନ୍ତୋଷ ଏକ ସ୍କୁଟିରେ ପଟିଆ ଅଭିମୁଖେ ଯାଉଥିବା ବେଳେ ଡମଣା ଛକଠାରେ ଟ୍ରାଫିକ୍ ସିଗ୍‌ନାଲ୍ ବନ୍ଦ ଥିବାରୁ ସେଠାରେ ଛିଡ଼ା ହୋଇଥିଲେ। ସେହି ସମୟରେ ପଟିଆ ଡିପୋ ଅଭିମୁଖେ ଯାଉଥିବା ଏକ ଇଲେକ୍ଟ୍ରିକ 'ମୋ ବସ୍' ମଧ୍ୟ ସେଠାରେ ଆସି ରହିଥିଲା। ସିଗ୍‌ନାଲ ଲାଇଟ୍ ସବୁଜ ହେବା ପରେ ମୋ ବସ୍‌ଟି ସ୍କୁଟିକୁ ଓଭରଟେକ୍ କରି ଦ୍ରୁତ ଗତିରେ ପଳାଇବାରୁ ଦୁଇଜଣ ବସ୍‌ର ପିଛା କରି 'ମୋ ବସ୍' ଡିପୋରେ ପହଞ୍ଚିଥିଲେ। ସେଠାରେ ବସ୍‌ର ଡ୍ରାଇଭର ଓ କର୍ମଚାରୀମାନଙ୍କ ସହିତ ପ୍ରଥମେ ଯୁକ୍ତିତର୍କ କରିବା ସହ ମାଡ଼ ମାରିଥିଲେ। ଏ ନେଇ ପ୍ରିୟବ୍ରତ ରାମ ଅଭିଯୋଗ କରିବା ପରେ ପୁଲିସ ବୃକୋଦର ଓ ସନ୍ତୋଷକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଧାର ଟଙ୍କା ମାଗିବାରୁ ଦମ୍ପତିଙ୍କୁ ଆକ୍ରମଣ



**ଭୁବନେଶ୍ୱର, ୯।୨(ସମିସ):** ଧାର ଟଙ୍କା ମାଗିବାରୁ ଦମ୍ପତିଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗାୟତ୍ରୀ ବିହାରରେ ରହୁଥିବା ନିଆଳି ଅଞ୍ଚଳର ବିନୟ ଦାସ ଓରଫ୍ କୁଲୁ (୨୭)। ପୁଲିସ ସୂଚନା ଅନୁସାରେ, ପରିବାର ସହିତ ଗାୟତ୍ରୀ ବିହାର ଅଞ୍ଚଳରେ ରହୁଥିବା କଲ୍ୟାଣ ମହାନ୍ତିଙ୍କ ଠାରୁ ସ୍ଥାନୀୟ ଅଞ୍ଚଳର ବିଜୟ ଦାସ ୨ ଲକ୍ଷ ୩୦ ହଜାର ଟଙ୍କା ଧାର ନେଇଥିଲେ। କଲ୍ୟାଣଙ୍କର ନିହାତି ଟଙ୍କା ଦରକାର ପଡ଼ିବାରୁ ସେ ତାଙ୍କୁ ଏକାଧିକ ଥର ଧାର ଟଙ୍କା ଫେରାଇବା ଲାଗି ଅନୁରୋଧ କରି ଆସୁଥିଲେ। କଲ୍ୟାଣ ଗତ ୫ ତାରିଖ ଦିନ ବିଜୟଙ୍କ ପୁଅ ବିନୟଙ୍କ ଦୋକାନ ନିକଟକୁ ଯାଇଥିବାବେଳେ ତାଙ୍କ ବାପା ନେଇଥିବା ଧାର ଟଙ୍କା ଫେରାଇବାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ଗତ ବୁଧବାର ରାତିରେ ବିନୟ ଓ ତାଙ୍କ ସହଯୋଗୀ ମିଶି କଲ୍ୟାଣ ଓ ତାଙ୍କ ପତ୍ନୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ କଲ୍ୟାଣଙ୍କ ମୁଣ୍ଡକୁ ପଥରରେ ଆକ୍ରମଣ କରିଥିଲେ। ଏଥିରେ କଲ୍ୟାଣ ଆହତ ହେବାପରେ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ବିନୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ପାନ ଦୋକାନରେ ଗଞ୍ଜେଇ; ଜଣେ ଗିରଫ



**ଭୁବନେଶ୍ୱର, ୯।୨(ସମିସ):** ପାନ ଦୋକାନରେ ଗଞ୍ଜେଇ ବେପାର କରୁଥିବା ଜଣେ ଦୋକାନୀକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଡିଏନ୍ ରିଗାଲିଆ ପଛପାଖରେ ରହୁଥିବା ବାଘମାରି ଥାନା ପତନିବର ଗାଁର ଶଙ୍କର୍ଷଣ ପାଇକରାୟ। ପୁଲିସ ସୂଚନା ଅନୁଯାୟୀ, ଶଙ୍କର୍ଷଣ ଭିଭାନ୍ତ ହୋଟେଲ ପଛପାଖରେ ଏକ କ୍ୟାବିନରେ ପାନ ଦୋକାନ କରିଛି। ସେହି କ୍ୟାବିନରେ ଗଞ୍ଜେଇ ବିକ୍ରି ହେଉଥିବା ଖବରପାଇ ପୁଲିସର ଟିମ୍ ଚଢ଼ଉ କରିଥିଲା। ଦୋକାନ ଭିତରୁ ଶଙ୍କର୍ଷଣକୁ ଗିରଫ କରିବା ସହିତ ତା' ନିକଟରୁ ୧.୧୭ କିଲୋଗ୍ରାମ ଓଜନର ଗଞ୍ଜେଇ ଜବତ କରିଥିଲା। ତମାଣ୍ଡୋ ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ଶଙ୍କର୍ଷଣକୁ ଗିରଫ କରିଛି।

## ରଡ୍‌ରେ ଆକ୍ରମଣ; ଜଣେ ଗିରଫ

**ଭୁବନେଶ୍ୱର, ୯।୨(ସମିସ):** ବାଇକ୍ ଆରୋହୀଙ୍କୁ ରାସ୍ତାରେ ଅଟକାଇ ଲୁହା ରଡ୍‌ରେ ଆକ୍ରମଣ କରିଥିବା ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଶିଶୁପାଳଗଡ଼ର ମନୁ ଓରଫ୍ ମନମୋହନ ମହାପାତ୍ର (୩୩)। ପୁଲିସ ସୂଚନା ଅନୁଯାୟୀ, ସାମନ୍ତରାପୁର ପିଏଚ୍‌ଡି କଲୋନୀରେ ରହୁଥିବା ଜୀବନ ଜ୍ୟୋତି ଦାଶ ଗତକାଲି ରାତିରେ ତାଙ୍କ ବନ୍ଧୁଙ୍କ ସହିତ ମିଶି ଘରକୁ ଫେରୁଥିଲେ। ସେମାନେ ସାମନ୍ତରାପୁର ଗେଟ ଛକ ନିକଟରେ ହୋଇଥିବାବେଳେ ମନୁ ଓ ତା'ର ସହଯୋଗୀ ତାଙ୍କର ରାସ୍ତା ଓଗାଳିବା ସହ ଭିଡିଓ ସୁଟିଂ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଜୀବନ ବିରୋଧ କରିବାରୁ ମନୁ ହଠାତ୍ ଏକ ଲୁହା ଛଡ଼ରେ ଜୀବନଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ଜୀବନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଅଭିଯୋଗ ପାଇବା ପରେ ପୁଲିସ ମନୁକୁ ଗିରଫ କରି କୋର୍ଟ ଚାଲାଣ କରିଛି। ମନୁ ନାମରେ ଶ୍ରୀଲିଙ୍ଗରାଜ ଥାନା ଓ ଧଉଳି ଥାନାରେ ୨ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।



ଶୁକ୍ରବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରୁଛନ୍ତି ବଲିଉଡ୍ କଣ୍ଠଶିଳ୍ପୀ ଜୁବିନ୍ ନୌଟିଆଲ୍

### ଚକବନ୍ଦୀ ଓ ବନ୍ଦୋବସ୍ତ ସ୍ୱଳ୍ପ ପେନସନ୍‌ଭୋଗୀ କର୍ମଚାରୀ ସଂଘର ଦାବି

## 'ଆମକୁ ପୂର୍ଣ୍ଣ ପେନ୍‌ସନ୍ ଦିଅ'

**ଭୁବନେଶ୍ୱର, ୯।୨(ସମିସ):** ଓଡ଼ିଶା ରାଜ୍ୟ ଚକବନ୍ଦୀ ଓ ବନ୍ଦୋବସ୍ତ ସ୍ୱଳ୍ପ ପେନ୍‌ସନ୍‌ଭୋଗୀ କର୍ମଚାରୀ ପୂର୍ଣ୍ଣ ପେନ୍‌ସନ୍ ନିମନ୍ତେ ବାରମ୍ବାର ସରକାରଙ୍କୁ ଜଣାଇଲେ ସୁଦ୍ଧା କୌଣସି ସୁଫଳ ମିଳିପାରୁନାହିଁ। ତେଣୁ ଚକବନ୍ଦୀରେ କାର୍ଯ୍ୟକରିଥିବା ସମସ୍ତଙ୍କୁ ପୂର୍ଣ୍ଣ ପେନସନ ଦେବାକୁ ସରକାର ଯଥାଶୀଘ୍ର ନିଷ୍ପତ୍ତି ନିଅନ୍ତୁ। ଅନ୍ୟଥା ଆଗାମୀ ଦିନରେ ହଜାର ହଜାର ବୃଦ୍ଧ ଅବସରପ୍ରାପ୍ତ କର୍ମଚାରୀ ଆନ୍ଦୋଳନ କରିବେ ବୋଲି ଓଡ଼ିଶା ରାଜ୍ୟ ଚକବନ୍ଦୀ ଓ ବନ୍ଦୋବସ୍ତ ସ୍ୱଳ୍ପ ପେନସନ୍‌ଭୋଗୀ କର୍ମଚାରୀ ସଂଘ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜଣାଇଛନ୍ତି। ସଙ୍ଘ ସଭାପତି ରାମଚନ୍ଦ୍ର ରଣା କହିଛନ୍ତି ଏହି କର୍ମଚାରୀମାନଙ୍କୁ ସର୍ବନିମ୍ନ ପେନସନ୍ ୩ ହଜାର ୫୦୦ ଟଙ୍କା ଧାର୍ଯ୍ୟ କରାଗଲା। ତେଣୁ କର୍ମଚାରୀମାନେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୫୧୨ଜଣଙ୍କୁ ପୂର୍ଣ୍ଣ ପେନସନ ଦେବା ସ୍ଥଳେ ଅନ୍ୟ କର୍ମଚାରୀମାନଙ୍କୁ କୋର୍ଟଙ୍କ ଆଦେଶ ସତ୍ତ୍ୱେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସମ୍ପାଦକ ହରମୋହନ ରାଉତ ଏବଂ ଅନ୍ୟମାନଙ୍କ ମଧ୍ୟରେ ସଂଘର ଦୁର୍ଯ୍ୟୋଧନ ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କ୍ଷେତ୍ରମୋହନ ପରିଜା, ପୀତାମ୍ବର ହୋତା, ଯତୀନ୍ ମହାନ୍ତି, ଅଶୋକ ମହାନ୍ତି, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସୀମା ଟପିଲା ସ୍ୱାମୀ

### ସ୍ତ୍ରୀ'କୁ ଖୁଣ୍ଟରେ ବାନ୍ଧି ମାଡ଼, ଉଦ୍ଧାରକଲା ପୁଲିସ

**ଭୁବନେଶ୍ୱର, ୯ ।୨(ସମିସ):** ସବୁ ସୀମା ଟପିଲା ସ୍ୱାମୀ। ପାରିବାରିକ କଳହ ପାଇଁ ସ୍ୱାମୀ ସ୍ତ୍ରୀ'କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏପରିକି ମହିଳା ଜଣଙ୍କ ଖୁଣ୍ଟରେ ବନ୍ଧା ହୋଇଥିବାର ଭିଡିଓ ମଧ୍ୟ ଭାଇରାଲ ହୋଇଛି। ଏଭଳି ଘଟଣା ଲିଙ୍ଗରାଜ ଥାନା ଗୌରୀନଗରରେ ଦେଖିବାକୁ ମିଳିଛି। ଖବର ପାଇ ପୁଲିସ ସେଠାରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଥାନାକୁ ଆଣିଛି। କେଉଁ କାରଣ ପାଇଁ ମହିଳାଙ୍କୁ ତାଙ୍କ ସ୍ୱାମୀ ଖୁଣ୍ଟରେ ବାନ୍ଧିଥିଲେ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ମିଳିଥିବ ସୂଚନା ଅନୁସାରେ, ପୂର୍ବରୁ ମହିଳା ଏବଂ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏପରିକି ଶୁକ୍ରବାର ଅପରାହ୍ଣରେ ମହିଳା ଜଣଙ୍କ କୌଣସି କାରଣ ପାଇଁ ତାଙ୍କର ଛୋଟ ପିଲାକୁ ଗାଳି କରିବା ସହ ମାଡ଼ ମାରିଥିଲେ। ଏହାକୁ ତାଙ୍କ ସ୍ୱାମୀ ବିରୋଧ କରିଥିଲେ ମଧ୍ୟ ମହିଳା ଶୁଣିନଥିଲେ। ଯାହାକୁ କେନ୍ଦ୍ରକରି ମହିଳା ଏବଂ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ମହିଳାଙ୍କ ସ୍ୱାମୀ ତାଙ୍କୁ ଟେକି ନେଇ ଘର ଆଗରେ ଥିବା ଇଲେକ୍ଟ୍ରି ଖୁଣ୍ଟରେ ବାନ୍ଧି ଦେଇ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ।

## ଭଡ଼ାଟିଆଙ୍କୁ ଆକ୍ରମଣ; ଜଣେ ଗିରଫ

**ଭୁବନେଶ୍ୱର, ୯।୨(ସମିସ):** ଭଡ଼ାଟିଆଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଘର ମାଲିକଙ୍କ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମଧୁସୂଦନ ନଗରର ପୀୟୁଷ କୁମାର ଦାସ (୫୮)। ପୁଲିସ ସୂଚନା ଅନୁସାରେ, ଜଣେ ମହିଳା ପୀୟୁଷଙ୍କ ମା'ଙ୍କ ଘରେ ଗତ ୨୦୨୧ ମସିହାରୁ ଭଡ଼ାରେ ରହି ଆସୁଛନ୍ତି। ସେଠାରେ ଭଡ଼ାରେ ରହିବା ଦିନ ଠାରୁ ପୀୟୁଷ ତାଙ୍କୁ ଲକ୍ଷ୍ୟ କରି ନିୟମିତ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହିତ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲା। ଗତମାସ ୨୩ ତାରିଖ ଦିନ ମହିଳା ଜଣକ ଘର ମାଲିକଙ୍କ ଅନୁମତି ଆଧାରରେ ଜଣେ ଟେକ୍ନିସିଆନକୁ ଡାକି ଘରେ ସିସିଟିଭି ଲଗାଉଥିଲେ। ସେହି ସମୟରେ ପୀୟୁଷ ହଠାତ୍ ସେଠାରେ ପହଞ୍ଚି ଟେକ୍ନିସିଆନଙ୍କୁ ଏକ ଶକ୍ତ ଧକ୍କା ପକାଇବା ସହ ମହିଳାଙ୍କୁ ମାଡ଼ ମାରି ଅସଦାଚରଣ କରିଥିଲା।

## ତେଜରାତି ଦୋକାନରୁ ଚୋରି; ୨ ଗିରଫ

**ଭୁବନେଶ୍ୱର, ୯।୨(ସମିସ):** ପରିବା ଓ ଗ୍ରୋସରୀ ଦୋକାନରୁ ଚୋରି କରିଥିବା ଅଭିଯୋଗରେ ତମାଣ୍ଡୋ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତମାଣ୍ଡୋ ଟାଙ୍ଗୀ ସାହିରେ ରହୁଥିବା ଗଞ୍ଜାମ ଜିଲ୍ଲା ତାରସିଂ ଥାନା ବିଲୁଆପଡ଼ାର ଚିତ୍ତରଞ୍ଜନ ବେହେରା ଓରଫ୍ ନାଲିଆ (୩୮) ଓ ନୂଆପଲ୍ଲୀ ନାବାର୍ଡ ଅଫିସ୍ ପଛପାଖରେ ରହୁଥିବା ବାଣୀଗୋଛା ଥାନା ତାଳଗାଁର ସୁନୀଲ ନାୟକ (୨୪)। ପୁଲିସ ସୂଚନା ଅନୁସାରେ, କଳିଙ୍ଗ ନଗର କେ-୬ ରାସ୍ତାରେ ଗ୍ରୋସରୀ ଦୋକାନ କରିଥିବା ରାଜେଶ ବିଷୋୟୀ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଗତକାଲି ବିଳମ୍ବିତ ରାତିରେ ନାଲିଆ ଓ ସୁନୀଲ ତାଙ୍କ ଦୋକାନର ତାଲା ଭାଙ୍ଗି ଭିତରେ ପଶିବା ସହିତ ୪ହଜାର ଟଙ୍କା, ଆଳୁ ବସ୍ତା, ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିଲେ। ସେହିପରି ତମାଣ୍ଡୋ ବଜାରରେ ଥିବା ଏକ ପରିବା ଦୋକାନରୁ ମଧ୍ୟ ବିଭିନ୍ନ ପ୍ରକାରର ପରିବା ସବୁକୁ ଚୋରି କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବାପରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିବା ସହିତ ଚୋରି ସାମଗ୍ରୀ ଜବତ କରିଥିଲା। ପୂର୍ବରୁ ନାଲିଆ ନାମରେ ତମାଣ୍ଡୋ ଥାନାରେ ୩ଟି ମାମଲା ରହିଥିବାବେଳେ ସୁନିଲ ନାମରେ ୨ଟି ମାମଲା ରହିଛି।

# ମହିଳା ଅଡିଟରଙ୍କ ଭ୍ୟାନିଟି ଲୁଟ୍

**ଭୁବନେଶ୍ୱର, ୯।୨(ସମିସ):**

ଦ୍ରୁତ ଗତିରେ ଆସୁଥିଲେ ଆଉ ଭ୍ୟାନିଟି ବ୍ୟାଗ୍ ଲୁଟି ଆଖି ପିଛୁଳାକେ ପଳାଉଥିଲେ। ଏମିତି ଆତଙ୍କ ଖେଳାଉଥିବା ୨ଜଣଙ୍କୁ ଚା' ପିଉଥିବାବେଳେ କାବୁ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଦୁଇ ଅଭିଯୁକ୍ତ ହେଲେ ୟୁନିଟ୍ ୬ ହରିଜନ ବସ୍ତିରେ ରହୁଥିବା ଖଣ୍ଡପଡ଼ା ଅଞ୍ଚଳର ଚନ୍ଦନ ନାୟକ (୨୪) ଓ ଫତେଗଡ଼ ଜଗନ୍ନାଥ ପ୍ରସାଦର ଦିଲ୍ଲୀପ ନାୟକ (୨୬)। ସେମାନଙ୍କ ଠାରୁ ଦୁଇଟି ମୋବାଇଲ

- ଚା' ପିଇଲାବେଳେ ଧରାପଡ଼ିଲେ ୨ଜଣ
- ଉଭୟଙ୍କ ନାଁରେ ଦେଢ଼ ଡଜନ ମାମଲା
- ଖସିଗଲା ଗ୍ୟାଙ୍ଗ ମୁଖିଆ

ଫୋନ୍, ଗୋଟିଏ ମୋଟରସାଇକେଲ ଏବଂ ଏଟିଏମ୍ କାର୍ଡ, ପାନ କାର୍ଡ, ଭୋଟର କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ଅଫିସ ପରିଚୟପତ୍ର ଥିବା ଏକ ଭ୍ୟାନିଟି ବ୍ୟାଗ ଜବତ କରିଛି। ହେଲେ ଚଢ଼ଉବେଳେ ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ପୁଲିସକୁ ଚକମା ଦେଇ ଖସି ପଳାଇଛି।

ପୁଲିସ ସୂଚନା ମୁତାବକ, ବଲାଙ୍ଗିରର ବନ୍ଦନା ପ୍ରିୟଦର୍ଶିନୀ ହନୁମାନ ସଚିବାଳୟରେ ଅଡିଟର ଭାବେ କାର୍ଯ୍ୟ କରନ୍ତି। ସେ ଗତ ୩ ତାରିଖ ଦିନ ରାତି ପ୍ରାୟ ୮ଟା ସମୟରେ ତାଙ୍କ ବନ୍ଧୁଙ୍କ ସହିତ ସ୍କୁଟି ଯୋଗେ ମାଷ୍ଟର କ୍ୟାଣ୍ଟିନ ଛକଠାରୁ ପିଏମ୍‌ଜି ଆଡ଼କୁ ଯାଉଥିଲେ। ସେହି ସମୟରେ ଚନ୍ଦନ, ଦିଲ୍ଲୀପ ଓ ଗ୍ୟାଙ୍ଗ ମୁଖିଆ ଏକ ପଲସର୍‌ରେ ଆସି ତାଙ୍କ ଭ୍ୟାନିଟି ବ୍ୟାଗ ଛଡ଼ାଇ ନେଇଥିଲେ। ଭ୍ୟାନିଟି ବ୍ୟାଗରେ ଗୋଟିଏ ମୋବାଇଲ ଫୋନ, ୧ହଜାର ଟଙ୍କା ଓ ଅନ୍ୟ ଡକ୍ୟୁମେଣ୍ଟ ରହିଥିଲା। ଏନେଇ ବନ୍ଦନା କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ସକାଳେ ୩ ଅଭିଯୁକ୍ତ ମିଶି କ୍ୟାପିଟାଲ ଡାକ୍ତରଖାନା ପଛ ପାଖରେ ଚା ପିଉଥିବା ବେଳେ ଖବରପାଇ କ୍ୟାପିଟାଲ ଥାନା ପୁଲିସ ଚଢ଼ଉ କରିଥିଲା। ସେଠାରୁ ଚନ୍ଦନ ଓ ଦିଲ୍ଲୀପକୁ କାବୁ କରି ଉପରୋକ୍ତ ସାମଗ୍ରୀ ଜବତ କରିଥିଲା। ହେଲେ ଗ୍ୟାଙ୍ଗ ମୁଖିଆ ସେଠାରୁ ଖସି ପଳାଇଥିଲା। ସେହି ୩ ତାରିଖ ଦିନ ଲକ୍ଷ୍ମୀସାଗରର ସାଗରିକା ଦାସ ସ୍କୁଟି ଯୋଗେ ଜାଗମରାରୁ ସିଟି ଓମେନ୍ସ କଲେଜ ଆଡ଼କୁ ଯାଉଥିବା ବେଳେ ଏହି ୩ ଜଣିଆ ଗ୍ୟାଙ୍ଗ ତାଙ୍କ ଭ୍ୟାନିଟି ବ୍ୟାଗ ଲୁଟି ନେଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଭ୍ୟାନିଟି ବ୍ୟାଗରେ ଗୋଟିଏ ସୁନା ମୁଦି, ଗୋଟିଏ ମୋବାଇଲ, ୧୦ ହଜାର ଟଙ୍କା ଓ ଅନ୍ୟ ଡକ୍ୟୁମେଣ୍ଟ ଥିଲା। ଏହି ଗ୍ୟାଙ୍ଗ ଏକୁଟିଆ ଯାଉଥିବା ମହିଳାମାନଙ୍କୁ ଟାର୍ଗେଟ କରି ଲୁଟପାଟ କରୁଥିଲା ବୋଲି ପୁଲିସ କହିଛି। ଲୁଟ୍ ସାମଗ୍ରୀ ବିକ୍ରି କରିବା ପରେ ମିଳୁଥିବା ଟଙ୍କାରେ ସେମାନେ ନିଶା ସେବନ କରୁଥିବା ପୁଲିସକୁ କହିଛନ୍ତି। ଅଭିଯୁକ୍ତ ଚନ୍ଦନ ନାଁରେ ପୂର୍ବରୁ ୧୧ଟି ଓ ଦିଲ୍ଲୀପ ନାଁରେ ୭ଟି ଅପରାଧୀକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଦୁହେଁ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ସେମାନଙ୍କ ବିରୋଧରେ ସିଆରପିସି ଧାରା ୧୧୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କହିଛି।



### ଭାରତରେ ବିଶ୍ୱର ସର୍ବାଧିକ ଭୋଟର

# ଭୋଟଦେବେ ୯୭ କୋଟି ଲୋକ

**ନୂଆଦିଲ୍ଲୀ, ୯।୨ (ଏଜେନ୍ସି):** ଆସନ୍ତା ସାଧାରଣ ନିର୍ବାଚନରେ ୯୭ କୋଟି ଲୋକ ମତଦାନ ସାବ୍ୟସ୍ତ କରିପାରନ୍ତି । ୨୮ ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ଅଞ୍ଚଳର ଭୋଟରଙ୍କ ସମ୍ବନ୍ଧିତ ସ୍ପେସିଆଲ ସମରି ରିଭିଜନ (ଏସଏସଆର) ରିପୋର୍ଟ, ୨୦୨୪ ଜାରି କରି ସନିର୍ବାଚନ କମିଶନ (ଇସି) ଏହି ସୂଚନା ଦେଇଛନ୍ତି । ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ଭୋଟର ତାଲିକାରେ ୧୮ ରୁ ୨୯ ବର୍ଷର ୨ କୋଟି ନୂଆ ଭୋଟରଙ୍କୁ ସାମିଲ କରାଯାଇଛି । ଗତ ଲୋକସଭା ନିର୍ବାଚନ ତୁଳନାରେ ଭୋଟରଙ୍କ ସଂଖ୍ୟା ୬ ପ୍ରତିଶତ ବୃଦ୍ଧି ପାଇଛି । ବିଶ୍ୱର ସର୍ବାଧିକ ଭୋଟ ର(୯୬.୮୮ କୋଟି) ଭାରତରେ ଅଛନ୍ତି । ଲୋକସଭା ନିର୍ବାଚନ ପାଇଁ ଏମାନଙ୍କର ପଞ୍ଜିକରଣ ହୋଇଛି । ଏହା ସହିତ ଲିଙ୍ଗାନୁପାତ ୯୪୦ (୨୦୨୩) ରୁ ବୃଦ୍ଧି ପାଇ ୯୪୮ ହୋଇଯାଇଛି । ଏସଏସଆର ରିପୋର୍ଟ ଅନୁଯାୟୀ ୧,୬୫, ୭୬, ୬୫୪ ମୃତକ, ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ଏବଂ ନକଲି ଭୋଟରଙ୍କୁ ମତଦାନ ତାଲିକାରୁ ହଟାଇ ଦିଆଯାଇଛି । ଏମାନଙ୍କ ମଧ୍ୟରେ ୭୬,୮୨, ୬୪୨ ଜଣଙ୍କ ମୃତ୍ୟୁ, ୭୫,୧୧, ୧୨୮ ଜଣଙ୍କ ସ୍ଥାନ ବଦଳି ଯାଇଥିବାବେଳେ ୨୨୦୫୬୮୫ ନକଲି ଜାଲ ମତଦାତା ସାମିଲ ଥିଲେ । ନୂଆ ମତଦାତାଙ୍କ ମଧ୍ୟରେ ୧.୪୧ କୋଟି ମହିଳା ସାମିଲ ଅଛନ୍ତି । ଏମାନଙ୍କ ସଂଖ୍ୟା ପୁରୁଷଙ୍କ ତୁଳନାରେ ୧୫ ପ୍ରତିଶତ ଅଧିକ । ସେହିପରି ୮୮.୩୫ ଲକ୍ଷ ଦିବ୍ୟାଙ୍ଗ ଭୋଟରଙ୍କ ନାମ ମଧ୍ୟ ପଞ୍ଜିକରଣ ହୋଇଛି ।

# ଜଷ୍ଟିସ୍ ଖାନ୍‌ୱିଲକର୍ ନୂଆ ଲୋକପାଳ



**ନୂଆଦିଲ୍ଲୀ, ୯।୨ (ଏଜେନ୍ସି):** ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏଏମ୍ ଖାନୱିଲକର ଦେଶର ନୂଆ ଲୋକପାଳ ହେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ ଏବଂ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀଙ୍କ କମିଟି ତାଙ୍କ ନିଯୁକ୍ତିରେ ମୋହର ମାରିଥିବା ସୂଚନା ମିଳିଛି । ଜଷ୍ଟିସ ଖାନୱିଲକର ୨୦୨୨ ଜୁଲାଇ ୨୯ ରେ ଅବସରଗ୍ରହଣ କରିଥିଲେ । ତାଙ୍କ ଖଣ୍ଡପୀଠ ପିଏମଏଲଏ ନିୟମରେ ସଂଶୋଧନକୁ ବଜାୟ ରଖି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କୁ ସମନ, ଗିରଫ, ଯାଞ୍ଚ ଏବଂ ଜବତର ଅଧିକାରକୁ ସଠିକ ସାବ୍ୟସ୍ତ କରିଥିଲେ । ସେହିପରି ତାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ୨୦୦୨ ଗୁଜରାଟ ଦଙ୍ଗା ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କ୍ଲିନଚିଟ୍ ଦେଇଥିଲେ । ଏହା ପୂର୍ବରୁ ଝାଡ଼ଖଣ୍ଡ ହାଇକୋର୍ଟ ବିଚାରପତି ପ୍ରଦୀପ କୁମାର ମହାନ୍ତି ଲୋକପାଳ ଥିଲେ । ସେ ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ଲୋକପାଳ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

### ସାଂସଦଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ମଧ୍ୟାହ୍ନଭୋଜନ

## 'ସାଙ୍ଗରେ ଆସନ୍ତୁ, ଦଣ୍ଡ ଦେବିନାହିଁ'



**ନୂଆଦିଲ୍ଲୀ, ୯।୨ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ସଂସଦ କ୍ୟାଣ୍ଟିନରେ ବିଭିନ୍ନ ଦଳର ୮ ସାଂସଦଙ୍କ ସହିତ ମଧ୍ୟାହ୍ନଭୋଜନ କରିଛନ୍ତି । ପ୍ରଧାନମନ୍ତ୍ରୀ କ୍ୟାଣ୍ଟିନରେ ପହଞ୍ଚିବା ସମୟରେ ସାଂସଦଙ୍କୁ ମଜାକିଆ ଢଙ୍ଗରେ ସ୍ୱାଗତ କରିଥିଲେ । ମୋ ସହ ଆସନ୍ତୁ, ଦଣ୍ଡ ଦେବି ନାହିଁ ବୋଲି କହିଥିଲେ । ଏହି ସାଂସଦଙ୍କ ମଧ୍ୟରେ ବିଜୁ ଜନତା ଦଳ (ବିଜେଡି)ର ସସ୍ମିତ ପାତ୍ର, ବିଏସ୍‌ପିର ରିତେଶ ପାଣ୍ଡେ, ଟିଡିପିର ରାମମୋହନ ନାଇଡୁ, ବିଜେପିର ହୀନା ଗାବିତ, ଏସ୍ ଫାଙ୍ଗନନ କୋନୟାକ, ଜାମୟାଙ୍ଗ ସେରିଂ ନାମଗ୍ୟାଲ ଏବଂ ଏଲ ମୁରୁଗାନ ସାମିଲ ଥିଲେ । ଏହି ମଧ୍ୟାହ୍ନଭୋଜନ ବୈଠକ ପ୍ରାୟ ୪୫ ମିନିଟ ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟରେ ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଜୀବନଶୈଳୀ ବିଷୟରେ ପଚାରି ଥିଲେ । କେତେବେଳ ଉଠୁଛନ୍ତି, କେମିତି ସମୟ ପରିଚାଳନା କରୁଛନ୍ତି ତାହା ମଧ୍ୟ ଜାଣିବାକୁ ପ୍ରୟାସ କରିଥିଲେ । ମୋଦୀ ନିଜ ବିଦେଶ ଗସ୍ତ, ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ସହ ସାକ୍ଷାତ, ଷ୍ଟାଚ୍ୟୁ ଅଫ୍ ୟୁନିଟି, ଆବୁଧାବିର ମନ୍ଦିର ବିଷୟରେ ଆଲୋଚନା କରିଥିଲେ । ମଧ୍ୟାହ୍ନଭୋଜନରେ ସମସ୍ତଙ୍କୁ ଭାତ, ଡାଲି, ଖେଚୁଡ଼ି, ରାଗି ଏବଂ ରାଶି ଲଡୁ ପରସା ଯାଇଥିଲା ।

## ସାଂସଦଙ୍କୁ ହ୍ୱିପ୍ ଜାରିକଲା ବିଜେପି

**ନୂଆଦିଲ୍ଲୀ, ୯।୨ (ଏଜେନ୍ସି):** ବିଜେପି ଶୁକ୍ରବାର ନିଜର ସମସ୍ତ ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ହ୍ୱିପ୍ ଜାରି କରିଛି । ଏଥିରେ କୁହାଯାଇଛି ଯେ କିଛି ଜରୁରୀ ପ୍ରସଙ୍ଗରେ ଚର୍ଚ୍ଚା କରାଯିବ । ତେଣୁ ଏହାକୁ ସମର୍ଥନ ଦେବା ପାଇଁ ସମସ୍ତ ସାଂସଦଙ୍କୁ ଶନିବାର ଗୃହରେ ହାଜର ହେବାକୁ କୁହାଯାଇଛି । ରିପୋର୍ଟ ଅନୁଯାୟୀ ସରକାର ରାମ ମନ୍ଦିର ଉପରେ ଧନ୍ୟବାଦ ପ୍ରସ୍ତାବ ଉପସ୍ଥାପନ କରିପାରନ୍ତି । ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଶନିବାର ସନ୍ଧ୍ୟା ୫ଟାରେ ୧୭ତମ ଲୋକସଭାର ଶେଷ ଅଧିବେଶନକୁ ସମ୍ବୋଧନ କରିବେ ।

### ଚାକିରି ପାଇଁ ଜମି ମାମଲା

## ରାବ୍‌ଡୀ, ହେମା-ମିସାଙ୍କୁ ଜାମିନ

**ନୂଆଦିଲ୍ଲୀ, ୯।୨ (ଏଜେନ୍ସି):** ଚାକିରି ପାଇଁ ଜମି ମାମଲାରେ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ପରିବାରକୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । ଦିଲ୍ଲୀ ରାଉଜ ଆଭିନ୍ୟୁ କୋର୍ଟ ରାବଡ଼ୀ ଦେବୀ, ମିସା ଭାରତୀ ଏବଂ ହେମା ଯାଦବଙ୍କୁ ଶୁଣାଣିର ଆଗାମୀ ତାରିଖ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ଦେଇଛନ୍ତି । କୋର୍ଟ ସମସ୍ତଙ୍କୁ ଲକ୍ଷେ ଟଙ୍କାର ବଣ୍ଡ ପୂରଣ କରିବାକୁ କହିଛନ୍ତି । ୨୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ହୃଦୟାନନ୍ଦ ଚୌଧୁରୀଙ୍କୁ ମଧ୍ୟ ଜାମିନ ମିଳିଛି । ଶୁଣାଣି ସମୟରେ ମିସା ଭାରତୀ ହ୍ୱିଲଚେୟାରରେ ବସି କୋର୍ଟ ଯାଇଥିଲେ ।

## ମାଲଦ୍ୱୀପରେ ସୈନିକଙ୍କ ସ୍ଥାନନେବେ ଟେକ୍ନିକାଲ କର୍ମଚାରୀ

**ନୂଆଦିଲ୍ଲୀ, ୯।୨ (ଏଜେନ୍ସି):** ଭାରତର ଟେକ୍ନିକାଲ କର୍ମଚାରୀ ମାଲଦ୍ୱୀପରେ ଥିବା ସୈନିକଙ୍କ ସ୍ଥାନ ନେବେ । ବୈଦେଶିକ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୈସୱାଲ ଗୁରୁବାର ଏହି ସୂଚନା ଦେଇଛନ୍ତି । ଭାରତରୁ ମାଲଦ୍ୱୀପକୁ ମିଳୁଥିବା ଆର୍ଥିକ ସହାୟତା ହ୍ରାସ ଖବରକୁ ମଧ୍ୟ ସେ ଖଣ୍ଡନ କରିଛନ୍ତି । ଏଥିରେ କୌଣସି ହ୍ରାସ କରାଯାଇନାହିଁ । ବଜେଟରେ ୭୭୦.୯ କୋଟି ଟଙ୍କା ରଖାଯାଇଛି । ଆଗାମୀ ଦିନରେ ଏହାକୁ ବୃଦ୍ଧି କରଯାଇପାରେ । ଏଥିପାଇଁ ଅପେକ୍ଷା କରିବାକୁ ପଡ଼ିବ । ମାଲଦ୍ୱୀପର ବିକାଶରେ ଭାରତର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ଉଭୟ ଦେଶ ମଧ୍ୟରେ ତୃତୀୟ ପର୍ଯ୍ୟାୟ ଆଲୋଚନା ଖୁବଶୀଘ୍ର ହେବ ବୋଲି ସେ କହିଛନ୍ତି ।

## ୟୁପିଏ ଅର୍ଥବ୍ୟବସ୍ଥାର ସତ୍ୟାନାଶ କରିଥିଲା: ନିର୍ମଳା

**ନୂଆଦିଲ୍ଲୀ, ୯।୨ (ଏଜେନ୍ସି):** ସରକାର ଆଣିଥିବା ଶ୍ୱେତପତ୍ରକୁ ନେଇ ସଂସଦରେ ଚର୍ଚ୍ଚା ଜାରି ରହିଛି । ଶୁକ୍ରବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୟୁପିଏ ଏବଂ ଏନ୍ଡିଏର ୧୦ ବର୍ଷ କାର୍ଯ୍ୟକାଳ ଉପରେ ମନ୍ତବ୍ୟ ରଖିଛନ୍ତି । ସେ କମନୱେଲଥ ଦୁର୍ନୀତି, କୋଇଲା ଦୁର୍ନୀତି, ଏନ୍ପିଏ, କୋଇଲା ବ୍ଲକ ଆବଣ୍ଟନ ଭଳି ପ୍ରସଙ୍ଗକୁ ନେଇ ୟୁପିଏ ସରକାରକୁ ନିଶାଣ କରିଥିଲେ । କୋଇଲା ଦୁର୍ନୀତି ଯୋଗୁଁ ଦେଶର ୧.୮୬ ଲକ୍ଷ କୋଟି କ୍ଷତି ହୋଇଥିଲା । ଏମାନେ କୋଇଲାକୁ ପାଉଁଶ କରିଦେଇଥିଲେ । କିନ୍ତୁ ଏନଡିଏ ସରକାର ଏହାକୁ ହୀରା ବନାଇ ଦେଇଛନ୍ତି । ୟୁପିଏ ନୀତିରେ କେବେ ବି ଦେଶ ପ୍ରଥମ ଥିଲା । ଏହା ପରିବାର ପ୍ରଥମ ନୀତି ରଖି ଅର୍ଥବ୍ୟବସ୍ଥାର ସତ୍ୟାନାଶ କରିଦେଇଥିଲା । ପୂର୍ବ ସରକାର ମାର୍ଗହୀନ ଏବଂ ନେତୃତ୍ୱ ହୀନ ଥିଲା । କେବଳ ସୋନିଆ ଗାନ୍ଧୀ ସୁପର୍ ପ୍ରଧାନମନ୍ତ୍ରୀଙ୍କ ଭଳି କାର୍ଯ୍ୟ କରୁଥିଲେ ।

### ପାକିସ୍ତାନ ନିର୍ବାଚନକୁ ନେଇ ସଂଶୟ ଜାରି

# ସରକାର ଗଠନ ପାଇଁ ନୱାଜ-ଇମ୍ରାନଙ୍କ ଦାବି



### ସର୍ବାଧିକ ୯୬ ଆସନ ଜିତିଛି ଇମ୍ରାନଙ୍କ ଦଳ

### ୧୯ ସହରରେ ପିଟିଆଇର ବିକ୍ଷୋଭ ପ୍ରଦର୍ଶନ

**ଇସଲାମାବାଦ, ୯।୨ (ଏଜେନ୍ସି):** ପାକିସ୍ତାନ ନ୍ୟାସନାଲ ଆସେମ୍ବ୍ଲି ଏବଂ ପ୍ରାଦେଶିକ ନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି । ଭୋଟ ଗଣତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ଏପରି ସମୟରେ ନିର୍ବାଚନ ଫଳାଫଳକୁ ନେଇ ସଂଶୟ ଜାରି ରହିଛି । ଏ ପର୍ଯ୍ୟନ୍ତ କାହାରିକୁ ବହୁମତ ମିଳିନାହିଁ । ଏହା ମଧ୍ୟରେ ନିର୍ବାଚନରେ ଜାଲିଆତି ହେଉଥିବା ଅଭିଯୋଗ ଲାଗିଛି । ନିର୍ବାଚନରେ ଜେଲ୍‌ରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଦଳ ପିଟିଆଇ ସମସ୍ତଙ୍କୁ ଚମକାଇ ଦେଇଛି । ୯୬ ଆସନ ଜିତି ଏହି ଦଳ ଆଗରେ ରହିଛି । ଏହା ପଛକୁ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଦଳ ପିଏମଏଲ-ଏନ ଅଛି । ପିଏମଏଲଏନ ୬୬ ଆସନ ସହ ଦ୍ୱିତୀୟ ଏବଂ ବିଲାୱଲ ଭୁଟ୍ଟୋଙ୍କ ପିପିପି ୫୧ ଆସନ ଜିତିଛି ତୃତୀୟ ସ୍ଥାନରେ ଅଛି । ସେହିପରି ଏମକ୍ୟୁଏମପି ୧୪, ପିଏମଏଲ ୩, ଆଇପିପି ୨, ଜେୟୁଆଇ-ପି ୨ ଏବଂ ପିଏନଏପି ଗୋଟିଏ ଆସନରେ ବିଜୟୀ ହୋଇଛି । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ବହୁମତ ନ ଥାଇ ଇମ୍ରାନ ଏବଂ ନୱାଜ ଉଭୟେ ସରକାର ଗଠନ ପାଇଁ ଦାବି କରିଛନ୍ତି । ଇମ୍ରାନଙ୍କ ଦଳର ପ୍ରାର୍ଥି ନୱାଜ ସରିଫଙ୍କ ଦଳକୁ ପଛରେ ପକାଇ ଦେଇଛନ୍ତି । ନିର୍ବାଚନଠାରୁ ଦୂରେଇ ରଖିବା ପାଇଁ ଇମ୍ରାନଙ୍କୁ ଜେଲ୍‌ରେ ରଖା ଯାଇଥିଲା । କିନ୍ତୁ ତାଙ୍କ ସମର୍ଥକ ଜିତି ପାକିସ୍ତାନ ସେନାର ଯୋଜନାକୁ ବିଫଳ କରିଦେଇଛନ୍ତି । ଏହା ମଧ୍ୟରେ ସେନାର ଏକ ଭିଡିଓ ଯୋଜନା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାକୁ ଲାଗିଛି । ସେନା ଇମ୍ରାନଙ୍କୁ ଦୂରେଇ ରଖି ନୱାଜଙ୍କ ନେତୃତ୍ୱରେ ମେଣ୍ଟ ସରକାର ଗଠନ କରିବାକୁ ଚାହୁଁଛି । ନିର୍ବାଚନ ଫଳାଫଳକୁ ପିଟିଆଇ ସମର୍ଥକ ସହଜରେ ଗ୍ରହଣ କରିପାରୁନାହାନ୍ତି । ନିର୍ବାଚନ ଜାଲିଆତି ଅଭିଯୋଗରେ ଦେଶର ୧୯ ସହରର ରିଟର୍ଣ୍ଣିଂ ଅଫିସ ବାହାରେ ପିଟିଆଇ ସମର୍ଥକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ପୁଲିସ ଭିଡ଼ ନିୟନ୍ତ୍ରଣ କରିବାକୁ ଗୁଳିମାଡ଼ କରିଛି । ଏଥିରେ ୪ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ୧୦ ଜଣ ମଧ୍ୟ ଆହତ ହୋଇଛନ୍ତି । ଖୈବର ପଖତୁନଖ୍ୱାର ସେଙ୍ଗଲା ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ ଉଗ୍ର ରୂପ ଧାରଣ କରିଛି । ଏହା ମଧ୍ୟରେ ଉଭୟ ଇମ୍ରାନ ଏବଂ ନୱାଜ ସରିଫଙ୍କ ଦଳ ବିଜୟ ଦାବି କରିଛି । ନୱାଜ ସରିଫ ସରକାର ଗଠନ କରିବେ ବୋଲି ଘୋଷଣା କରିଛନ୍ତି । ଚରମପନ୍ଥୀ ଏଲଏଲପି ଦଳ ମଧ୍ୟ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ଘୋଷଣା କରିଛି । ସୂଚନାଯୋଗ୍ୟ ଯେ ନ୍ୟାସନାଲ ଆସେମ୍ବ୍ଲିର ୩୩୬ରୁ ୨୬୫ ଆସନରେ ମତଦାନ ହୋଇଛି । ଗୋଟିଏ ଆସନର ନିର୍ବାଚନକୁ ସ୍ଥଗିତ ରଖାଯାଇଛି । ଅନ୍ୟ ଆସନ ସଂରକ୍ଷିତ ରହିଛି । ସରକାର ଗଠନ ପାଇଁ ୧୩୪ରେ ବହୁମତ ରହିଛି ।

### ସମାଜବାଦୀ, ଧର୍ମନିରପେକ୍ଷ ହଟାଇବା ମାମଲାରେ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ସମ୍ବିଧାନ ଆପଣାଇବା ପରେ ମୁଖବନ୍ଧ ସଂଶୋଧନ କରିହେବ କି

**ନୂଆଦିଲ୍ଲୀ, ୯।୨ (ଏଜେନ୍ସି):** ଭାରତୀୟ ସମ୍ବିଧାନର ମୁଖବନ୍ଧରୁ ସମାଜବାଦୀ ଏବଂ ଧର୍ମନିରପେକ୍ଷ ଶବ୍ଦ ହଟାଇବା ଦାବିରେ ଆଗତ ଏକ ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ହୋଇଛି । ସମ୍ବିଧାନ ଆପଣାଇବା (୧୯୪୯ ନଭେମ୍ବର ୨୬) ପରେ ଏହାର ତାରିଖ ନ ବଦଳାଇ ମୁଖବନ୍ଧରେ ସଂଶୋଧନ କରାଯାଇପାରିବ କି ବୋଲି ଜଷ୍ଟିସ ସଞ୍ଜୀବ ଖନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ଆବେଦନକାରୀଙ୍କୁ ପ୍ରଶ୍ନ କରିଛନ୍ତି । ବିଜେପିର ପୂର୍ବତନ ସାଂସଦ ତଥା ଓକିଲ ସୁବ୍ରମଣ୍ୟନ ସ୍ୱାମୀ ଏବଂ ଓକିଲ ବିଷ୍ଣୁଶଙ୍କର ଜୈନଙ୍କ ଦ୍ୱାରା ଦାଏର ଏହି ମାମଲାର ଶୁଣାଣି ସମୟରେ ଜଷ୍ଟିସ ଦତ୍ତା କହିଥିଲେ ଯେ ମୁଖବନ୍ଧରେ ସଂଶୋଧନ କରାଯାଇପାରିବ । ଏଥିରେ କୌଣସି ସମସ୍ୟା ନାହିଁ । ତେବେ ଆପଣାଇବାର ତାରିଖକୁ ଅକ୍ଷୁର୍ଣ୍ଣ ରଖି ଏକାଡେମିକ ଦୃଷ୍ଟିକୋଣରୁ ଏଥିରେ ପରିବର୍ତ୍ତନ କରାଯାଇପାରିବ କି ବୋଲି ପ୍ରଶ୍ନ ଉଠୁଛି । ଜବାବରେ ଏହା ହିଁ ମାମଲାର ପ୍ରକୃତ ପ୍ରଶ୍ନ ବୋଲି ସ୍ୱାମୀ କହିଥିଲେ । ପୁଣି ଜଷ୍ଟିସ ଦତ୍ତ କହିଥିଲେ ଯେ ସେ ଦେଖିଥିବା ଏକମାତ୍ର ମୁଖବନ୍ଧ ଭାବେ ଏଥିରେ ତାରିଖରେ ରହିଛି । ପ୍ରଥମେ ଏଥିରେ ସମାଜବାଦୀ ଏବଂ ଧର୍ମନିରପେକ୍ଷ ଶବ୍ଦ ନ ଥିଲା । ଏହା ଉପରେ ଜୈନ କହିଥିଲେ ଯେ ତାରିଖ ସହ ଆସୁଥିବାରୁ ବିନା ଆଲୋଚନାରେ ମୁଖବନ୍ଧରେ କୌଣସି ପରିବର୍ତ୍ତନ କରିହେବ ନାହିଁ । ମାମଲାରେ ସ୍ୱାମୀ ହସ୍ତକ୍ଷେପ କରି କହିଥିଲେ ଯେ ଇନ୍ଦିରା ଗାନ୍ଧୀଙ୍କ ସମୟରେ ଦେଶରେ ଜରୁରୀକାଳୀନ ସ୍ଥିତି (୧୯୭୫-୭୭) ଲାଗିଥିବାବେଳେ ୪୨ତମ ସମ୍ବିଧାନ ସଂଶୋଧନ କରି ଏହି ୨ ଶବ୍ଦ ଯୋଡ଼ା ଯାଇଥିଲା । ପରେ ମାମଲାକୁ ଭଲ ଭାବେ ଦେଖି ନ ଥିବାରୁ ଏହା ଉପରେ ବିସ୍ତୃତ ଚର୍ଚ୍ଚା ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ । ଏପ୍ରିଲ ୨୯ରେ ଏହାର ପରବର୍ତ୍ତୀ ଶୁଣାଣି ହେବ । ଆବେଦନରେ କୁହାଯାଇଛି ଯେ ଇନ୍ଦିରା ଗାନ୍ଧୀ ସରକାର ୧୯୭୬ ରେ ମୁଖବନ୍ଧରେ ଏହି ୨ ଶବ୍ଦ ଯୋଡ଼ା ଯାଇଥିଲା । ଏଥିଯୋଗୁ ମୁଖବନ୍ଧରେ ଭାରତର ପରିଚୟ ବଦଳି ଥିଲା । ଏହି ମୁଖବନ୍ଧକୁ କେବେ ବି ବଦଳା ଯାଇପାରିବ ନାହିଁ ବୋଲି ସ୍ୱାମୀ ଦାବି କରିଛନ୍ତି ।

### ହଲଦୱାନୀ ହିଂସା

# ବାପପୁଅ ସମେତ ୬ ଜଣଙ୍କ ମୃତ୍ୟୁ

**ହଲଦୱାନୀ, ୯।୨ (ଏଜେନ୍ସି)**



ଉତ୍ତରାଖଣ୍ଡ ବନଭୁଲପୁରା କ୍ଷେତ୍ରର 'ମାଲିକ କେ ବଗିଚେ'ରେ ଥିବା ବେଆଇନ ମଦ୍ରାସା ହଟାଇବାକୁ ନେଇ ହିଂସା ହୋଇଛି । ମୁସଲମାନ ସମ୍ପ୍ରଦାୟର ଲୋକେ ପୁଲିସ ଏବଂ ପ୍ରଶାସନ ଟିମ୍ ଉପରେ ଆକ୍ରମଣ କରିଛନ୍ତି । ଉପଦ୍ରବୀ ଚାରିପଟୁ ଘେରି ପଥର ଏବଂ ପେଟ୍ରୋଲ ବୋମା ମାଡ଼ କରିଛନ୍ତି । ପୂର୍ବରୁ ଏଥିପାଇଁ ଷଡ଼ଯନ୍ତ୍ର କରାଯାଇଥିଲା । ଛାତ ଉପରେ ପଥର ଏବଂ ପେଟ୍ରୋଲ ବୋମା ରଖା ଯାଇଥିଲା । ଏହି ଆକ୍ରମଣରେ ସିଟି ମାଜିଷ୍ଟ୍ରେଟ ରଚା ସିଂହ, ରାମନଗର କୋତୱାଲଙ୍କ ସମେତ ୩୦୦ରୁ ଅଧିକ ପୁଲିସ କର୍ମଚାରୀ ଏବଂ ପୌର କର୍ମୀ ଆହତ ହୋଇଛନ୍ତି । ଉପଦ୍ରବୀ ବନଭୁଲପୁରା ଥାନା ଜାଳି ଦେଇଛନ୍ତି । ପୁଲିସ ଜିପ, ଜେସିବି, ଦମକଳ ସମେତ ୭୦ରୁ ଅଧିକ ଗାଡ଼ି ଜାଳି ଦେଇଛନ୍ତି । ପୁଲିସ ହିଂସା ବନ୍ଦ କରିବା ପାଇଁ ଲୁହବୁହା ଗୋଳା ମାଡ଼ ସହିତ ଲାଠିଚାର୍ଜ କରିଛି । ଲାଠି ଚାର୍ଜ ପରେ ସ୍ଥିତି ଅଧିକ ବିଗିଡ଼ି ଯାଇଥିଲା । ଉପଦ୍ରବୀ ମହିଳାଙ୍କୁ ଆଗକୁ ଛାଡ଼ି ପଛରୁ ଆକ୍ରମଣ କରିବାରେ ଲାଗିଥିଲେ । ଫଳରେ ପୁଲିସ ଏବଂ ପୌରପାଳିକା ଟିମ୍ ଜୀବନ ବଞ୍ଚାଇବା ପାଇଁ ଘଟଣାସ୍ଥଳରୁ ପଳାଇ ଥିଲେ । ଏହା ପରେ ଉପଦ୍ରବୀଙ୍କୁ ଦେଖିବା ମାତ୍ରେ ଗୁଳି ଚଳାଇବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଛି । ଏହି ହିଂସାରେ ବାପପୁଅ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି । ଏମାନଙ୍କ ଦେହରେ ଗୁଳି ବାଜିଥିଲା । ସହରରେ କର୍ଫ୍ୟୁ ଲଗାଯାଇଛି । ଇଣ୍ଟରନେଟ ସେବା ଏବଂ କେବୁଲ ଟିଭି ପ୍ରସାରଣରେ କଟକଣା ଲାଗିଛି । ବିଦ୍ୟାଳୟ, ମହାବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି । ଘଟଣାସ୍ଥଳରେ ଅର୍ଦ୍ଧସାମରିକ ବାହିନୀ ମୁତୟନ କରାଯାଇଛି । ୫ ହଜାର ଉପଦ୍ରବୀଙ୍କ ବିରୋଧରେ ମାମଲା ରୁଜୁ କରି ୫ ଜଣଙ୍କୁ ଗିରଫ କରାଯାଇଛି ।

ଆକ୍ରମଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଏନ୍‌ଏସଏ ଲାଗିବ ବୋଲି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କହିଛନ୍ତି । ସେ ହଲଦୱାନୀ ଗସ୍ତରେ ଯାଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ମଧ୍ୟ ପଚାରି ବୁଝିଛନ୍ତି । ସେ ଆକ୍ରମଣକୁ ସୁନିୟୋଜିତ କହିଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶରେ ବେଆଇନ କବ୍ଜା ହଟା ଯାଉଥିଲା । ଆଇନ ଭାଙ୍ଗିଥିବା ଲୋକ ଦେବଭୂମିର ଛବି ଖରାପ କରିଛନ୍ତି । ଅନେକ ସାମ୍ପ୍ରାଦିକଙ୍କୁ ହତ୍ୟା ଉଦ୍ୟମ କରାଯାଇଛି । ଭିଡିଓ ଫୁଟେଜ ଆଧାରରେ ଉପଦ୍ରବୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ଗୁରମିତ ସିଂହ ଏବଂ ଡିଜିପିଙ୍କୁ ଭେଟିଥିଲେ । ପରେ ଡିଜିପି ଏବଂ ମୁଖ୍ୟ ସଚିବ ସ୍ଥିତି ସମୀକ୍ଷା ଲାଗି ହଲଦୱାନୀ ପହଞ୍ଚି ଥିଲେ । ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ବରେଲିରେ ହଙ୍ଗାମା ହୋଇଛି । ଏଥିରେ ୪ ଜଣ ଆହତ ହୋଇଛନ୍ତି । ଇତେହାଦ-ଇ-ମିଲ୍ଲତ କାଉନସିଲ (ଆଇଏମସି)ର ରାଷ୍ଟ୍ରୀୟ ଅଧ୍ୟକ୍ଷ ତୌକିର ରଜା ବିବାଦୀୟ ବୟାନ ଦେଇଛନ୍ତି । ଏହାକୁ ନେଇ ଅଞ୍ଚଳର ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି ।




ଋଣଚିନ୍ତାରେ ସକାଳୁ ଉଠିବା ଅପେକ୍ଷା ବରଂ ରାତିରେ ଭୋକରେ ଶୋଇଯିବା ଶ୍ରେୟସ୍କର।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍



ସକାଳ
THE SAKALA

# ଶ୍ୱେତପତ୍ର ବନାମ କୃଷ୍ଣପତ୍ର

ଶ୍ୱେତପତ୍ର ଏକ ସରକାରୀ ଦସ୍ତାବିଜ, ଯେଉଁଥିରେ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ସବିଶେଷ ବସ୍ତୁନିଷ୍ଠ ତଥ୍ୟାବଳୀ ସ୍ଥାନ ପାଇଥାଏ। ଦୁଇଦିନ ତଳେ କେନ୍ଦ୍ର ଅର୍ଥମନ୍ତ୍ରୀ ଭାରତର ଅର୍ଥନୀତି ଏବଂ ତତ୍‌ସଂକ୍ରାନ୍ତ ବିଷୟଗୁଡ଼ିକ ଉପରେ ଦୁଇଟି ଶାସନ ବ୍ୟବସ୍ଥା କାଳର ଏକ ତୁଳନାତ୍ମକ ବିବରଣୀମୂଳକ ତଥ୍ୟ ଉପସ୍ଥାପନ କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଉପସ୍ଥାପିତ ଏହି ଶ୍ୱେତପତ୍ରରେ ୨୦୦୪ରୁ ୨୦୧୪ ଯାଏଁ ୧୦ ବର୍ଷ କଂଗ୍ରେସ ନେତୃତ୍ୱରେ ପରିଚାଳିତ ୟୁପିଏ ସରକାର ଏବଂ ପରବର୍ତ୍ତୀ ୨୦୧୪ ରୁ ୨୦୨୪ ଯାଏଁ ୧୦ ବର୍ଷର ବିଜେପି ନେତୃତ୍ୱ ଏନ୍‌ଡିଏ ଶାସନ କାଳ ମଧ୍ୟରେ ଆର୍ଥିକ ପରିଚାଳନା ଓ ସ୍ଥିତିର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରାଯାଇଛି। ଶ୍ୱେତପତ୍ର ପ୍ରକାଶ କରିବାରେ ସରକାରଙ୍କ ପାଇଁ ସ୍ଥାନ, କାଳ ଓ ପାତ୍ରର ବିଚାର ଅନିବାର୍ଯ୍ୟ ହୋଇ ନଥାଏ। ଶାସନ ଓ ଦେଶର ବାସ୍ତବ ସ୍ଥିତି ଲୋକଙ୍କୁ ଅବଗତ କରାଇବାର ଅଧିକାର ସରକାରଙ୍କର ରହିଛି। ତେବେ ସାଧାରଣ ନିର୍ବାଚନର ଅଳ୍ପ କେଇ ମାସ ଆଗରୁ ଏଭଳି ଶ୍ୱେତପତ୍ର ଜାରିର ଉଦ୍ଦେଶ୍ୟ ପଛରେ ରାଜନୀତି ରହିଛି ବୋଲି ବିରୋଧୀମାନେ ଅଭିଯୋଗ କରିଛନ୍ତି। ଆହୁରି ମଧ୍ୟ ଗୋଟିଏ ସରକାର ତୁଳନାତ୍ମକ ଭାବେ ତା'ର ପୂର୍ବବର୍ତ୍ତୀ ସରକାରଠାରୁ କେତେ ଅଧିକ ଦକ୍ଷ, କାମିକା ଏବଂ ସଫଳ, ତାହାର ସୂଚନା ଭୋଟର ଓ ଦେଶବାସୀଙ୍କୁ ଜଣାଇବାକୁ ଏହା ଏକ ରଣକୌଶଳାତ୍ମକ ପଦକ୍ଷେପ ବୋଲି ରାଜନୈତିକ ବିଶ୍ଳେଷକଙ୍କ ମତ।

୨୦୧୪ରୁ ବିଜେପି ନେତୃତ୍ୱରେ ପରିଚାଳିତ ଏନ୍‌ଡିଏ ସରକାର ଦେଶରେ ନିରବଚ୍ଛିନ୍ନ ଭାବେ କ୍ଷମତାରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସରକାରର ନେତୃତ୍ୱ ନେଇଛନ୍ତି। ଏହି ୧୦ ବର୍ଷ ମଧ୍ୟରେ ମୋଦୀ ନିଜକୁ ଦେଶର ଅନ୍ୟତମ ଶ୍ରେଷ୍ଠ, ଦକ୍ଷ ଓ ଦିଗ୍‌ଗଜ ପ୍ରଧାନମନ୍ତ୍ରୀ ଭାବେ ପ୍ରମାଣିତ କରିପାରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏନ୍‌ଡିଏ ପକ୍ଷରୁ ଜାରି ଶ୍ୱେତପତ୍ରର ସାରାଂଶ ବା ମର୍ମାଂଶ ଅନୁଯାୟୀ, ଶାସନର ପ୍ରତ୍ୟେକ କ୍ଷେତ୍ର, ଲୋକକଲ୍ୟାଣ ଏବଂ ବିକାଶର ସବୁ ବିଭାଗରେ ପ୍ରଧାନମନ୍ତ୍ରୀ ମୋଦୀଙ୍କର ସ୍ୱତନ୍ତ୍ର ଦିଗ୍‌ଦର୍ଶନ ଓ ସ୍ୱର୍ଶ ମର୍ମେ ମର୍ମେ ଅନୁଭୂତ ହେଉଛି। ଏହି ୧୦ ବର୍ଷରେ ଭାରତର ବିକାଶ ତଥା ଜନକଲ୍ୟାଣ ଏକ ନୂଆ ରୂପ ତଥା ପରିଚୟ ପାଇଛି। ଜାତୀୟ ଏବଂ ସାଧାରଣ ଜୀବନରେ ଦୁର୍ନୀତିକୁ ଉଲ୍ଲେଖନୀୟ ଭାବେ ହ୍ରାସ କରାଯାଇଛି। ସରକାର ଏକକ ନେତୃତ୍ୱରେ ସ୍ୱଚ୍ଛତା, ପାରଦର୍ଶିତା, ଦକ୍ଷତା, ସଂବେଦନଶୀଳତା, ନିଷ୍ଠା ଓ ସମର୍ପଣ ଭାବ ତଥା ସଫଳତା ହାସଲ କରି ଆଗେଇ ଚାଲିଛି। ଏକ ନୂଆ, ବିକଶିତ, ଆତ୍ମନିର୍ଭରଶୀଳ, ଭାରତ ଗଠନ ପାଇଁ ସରକାର ଲକ୍ଷ୍ୟ ପଥରେ ଅଗ୍ରସର। ଏଥିରେ ସମସ୍ତଙ୍କ ସହଯୋଗ, ସଭିଙ୍କ ବିକାଶ ଓ ସମସ୍ତଙ୍କ ବିଶ୍ୱାସକୁ ସରକାର ଅଗ୍ରାଧିକାର ଦେଇଛନ୍ତି। ଅନ୍ୟଦୃଷ୍ଟିରେ ଦେଖିଲେ ଶାସନରେ ବାହ୍ୟ ହସ୍ତକ୍ଷେପ, ଚାପ, ରାଜନୈତିକ ଅସ୍ଥିରତା, ବିଶୃଙ୍ଖଳା, ଅତିରିକ୍ତ ସାମ୍ବିଧାନିକ ପ୍ରାଧିକାରୀ ଓ ଭିନ୍ନ ଭିନ୍ନ କ୍ଷମତା କେନ୍ଦ୍ର ନାହିଁ। ତେଣୁ ସରକାର ଚାଲିବାରେ କୌଣସି ନୀତିଗତ ସ୍ଥାଣୁତା ଓ ସମସ୍ୟା ଏ ଯାଏଁ ଦେଖିବାକୁ ମିଳୁନାହିଁ। ନରେନ୍ଦ୍ର ମୋଦୀଙ୍କ ସରକାର ଏ ଯାଏଁ ଯାହା କରିଛି ଓ ଏବେ ଯାହା କରୁଛି ତାହାକୁ ରାଜନୈତିକ ପୁଞ୍ଜିକରି ଆଗାମୀ ସାଧାରଣ ନିର୍ବାଚନରେ ଭୋଟରଙ୍କ ବିଶ୍ୱାସ ଲୋଡ଼ିବାକୁ ଯାଉଛି। ତେଣୁ ଜନତା କି ରାୟ ଦେବେ ତାହା ତାଙ୍କ ଉପରେ ନିର୍ଭର କରେ। ଅପରପକ୍ଷରେ ୧୦ ବର୍ଷ ତଳର ୟୁପିଏ ସରକାରର ଯେଉଁ ସବୁ ତ୍ରୁଟି, ବିଫଳତା ଓ ଯତ୍‌କିଞ୍ଚିତ ଉପଲବ୍ଧି ଏହି ଶ୍ୱେତପତ୍ରରେ ଦର୍ଶାଯାଇଛି, ତାହା କେବଳ ଏନ୍‌ଡିଏ ଶାସନର ସଫଳତା ଓ ଉତ୍ତମ ପ୍ରଶାସନର ଏକ ତୁଳନାତ୍ମକ ବିବରଣୀ।

ଅପରପକ୍ଷରେ କଂଗ୍ରେସ ପକ୍ଷରୁ ଜାରି 'କୃଷ୍ଣପତ୍ର' ବା 'ବ୍ଲାକ୍‌ପେପର'ରେ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ଶାସନକାଳକୁ 'ଅନ୍ୟାୟକାଳ' ଭାବେ ଦର୍ଶାଯାଇଛି ଏବଂ ୧୦ ବର୍ଷ ତଳେ ମନମୋହନ ସିଂହଙ୍କ ନେତୃତ୍ୱରେ ପରିଚାଳିତ ୟୁପିଏ ସରକାରର ସଫଳତାକୁ ଦର୍ଶାଯାଇଛି। ସେଥିରେ ମୋଟାମୋଟି ଯାହା କୁହାଯାଇଛି ତାହାକୁ ତର୍ଜମା କଲେ ଏହି ନିଷ୍କର୍ଷ ବାହାରୁଛି ଯେ ସେ ସରକାର ପ୍ରଥମ ପାଞ୍ଚବର୍ଷ ଭଲ କାମ କରି ନ ଥିଲେ ଲୋକେ ପୁନର୍ବାର ସେହି ମେଣ୍ଟକୁ ନିର୍ବାଚିତ କରି ନ ଥା'ନ୍ତେ। ୧୦ ବର୍ଷର ଶାସନ ସହିତ ପରବର୍ତ୍ତୀ ୧୦ ବର୍ଷର ଶାସନର ତୁଳନା ବୋଧହୁଏ ରାଜନୀତିରେ ଠିକ୍ ନୁହେଁ। ଏହା ଏକ ସମୀକରଣ ଓ ସ୍ଥିତିର ପ୍ରଶ୍ନ। ଗୋଟିଏ ଶାସନଠାରୁ ଅନ୍ୟଟି ଭଲ କିମ୍ବା ଖରାପ ହୋଇପାରେ। କିନ୍ତୁ ଏହି ତୁଳନା ମଧ୍ୟରେ ସମୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି, ଯାହାକୁ ଅଣଦେଖା କରାଯାଇ ନ ପାରେ। ତେଣୁ ତୁଳନାତ୍ମକ ଭାବେ ଭଲ କରିଥିବା ସରକାର ନିଜେ ନିଜର ଢୋଲ ପିଟିବାର ବିଶେଷ ଆବଶ୍ୟକତା ନାହିଁ। ମହଙ୍ଗା, ବେକାରୀ ଭଳି କିଛି ଗୁରୁତର ସମସ୍ୟା ରହିଛି। ମଧ୍ୟବିତ୍ତ ବର୍ଗ ସବୁଠୁ ଅବହେଳିତ। ପ୍ରାୟ ୭୫ ଲକ୍ଷ ଇପିଏଫ୍ ପେନ୍‌ସନ୍ ଭୋଗୀ ହକ୍ ନ ପାଇ କାନ୍ଦୁଛନ୍ତି। ଏମାନେ ଶାସନର ଉତ୍ତମ ଅନୁଭବ ପାଉନାହାନ୍ତି। ଶ୍ୱେତପତ୍ରରେ ସେମାନଙ୍କ କଥା ମଧ୍ୟ ସ୍ଥାନ ପାଇବା ଉଚିତ ଥିଲା। ଏହାଛଡ଼ା ବିମୁଦ୍ରାୟନର ନିର୍ଯାତନା, ମହଙ୍ଗାମାଡ଼, ମଣିପୁର ହିଂସା, ବିରୋଧୀଙ୍କ ବିପକ୍ଷରେ ସିବିଆଇ ଓ ଇଡି ଭଳି ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାର ଉଦ୍ଦେଶ୍ୟମୂଳକ ଅପବ୍ୟବହାର ଆଦି ଅଭିଯୋଗ ମଧ୍ୟ ଏନ୍‌ଡିଏ ସରକାର ବିରୋଧରେ ରହିଛି।

ଏହି ଦୁଇ ବିପରୀତଧର୍ମୀ ପତ୍ରକୁ ସାଧାରଣ ଓ ନିରପେକ୍ଷ ଭାବେ ତର୍ଜମା କଲେ ଏହା କହିବା ବୋଧହୁଏ ଅତିଶୟୋକ୍ତି ହେବ ନାହିଁ ଯେ ଉଭୟ ସରକାରଙ୍କ ଅମଳର କିଛି ଭଲ ଦିଗ ଓ ତ୍ରୁଟି ରହିଛି। ଏ ଦେଶର ଭୋଟର ଅତ୍ୟନ୍ତ ବିଜ୍ଞ। ସେମାନେ ସବୁ ଦେଖୁଛନ୍ତି ଓ ଜାଣୁଛନ୍ତି। କାହାକୁ କେତେବେଳେ କ୍ଷମତାସୀନ କରାଇବେ କାହାକୁ ଦୂରେଇ ରଖିବେ ସେ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ସେମାନଙ୍କର। କାରଣ ଜନତାଙ୍କ ହାତରେ 'ଭୋଟ' ଭଳି ଅମୋଘ ଅସ୍ତ୍ର ରହିଛି, ଯାହା ଆଗରେ ଯେକୌଣସି ପ୍ରଚାର ଓ ଅପପ୍ରଚାର ପ୍ରଭାବହୀନ ହୋଇପଡ଼ିବ। ତେଣୁ ଆଗାମୀ ନିର୍ବାଚନ ହିଁ ରାଜନୈତିକ ଦଳମାନଙ୍କ ପାଇଁ ହିସାବନିକାଶର ନିର୍ଣ୍ଣାୟକ ଭୂମି ଏବଂ ସେଠାରେ ହିଁ ଜନତାଙ୍କ ରାୟକୁ ଅପେକ୍ଷା କରିବାକୁ ପଡ଼ିବ।

## ସୁଖ ବାଣ୍ଟିଲେ ବଢ଼େ

ଲୋକମତ

ଆଜିକାଲି ଦେଖା ଯାଉଛି ସାଙ୍ଗସାଥୀ ମାନେ ମିଳିମିଶି ବୁଲାବୁଲି କରି ଭୋଜିଭାତ ଖାଇ ସାରି ଖୁସି କରିବା ପରେ ନିଜନିଜ ମଧ୍ୟରେ ଗଣ୍ଡଗୋଳ ଲାଗୁଛନ୍ତି। ଜଣେ ଆଉ ଜଣଙ୍କର ଜୀବନ ନେବାକୁ ମଧ୍ୟ ଭୁଲୁ ନାହାନ୍ତି। ଏହାର ମୁଖ୍ୟ କାରଣ ହେଉଛି ଜଣେ ଅନ୍ୟ ଜଣକର ପ୍ରଶଂସା ସହିବା କଷ୍ଟକର ଏବଂ ଜଣେ ଅନ୍ୟ ଜଣଙ୍କର ଦୁଃଖରେ ସମଦୁଃଖୀ ହେବା ପରିବର୍ତ୍ତେ ଖୁସି ବ୍ୟକ୍ତ କରୁଛନ୍ତି। ଓଡ଼ିଆରେ ଥିବା 'ସୁଖ ବାଣ୍ଟିଲେ ବଢ଼େ, ଦୁଃଖ ବାଣ୍ଟିଲେ ଛିଡ଼େ' ଆପ୍ତବାକ୍ୟଟି ସତେଯେପରି ଏଠାରେ ଅପ୍ରାସଙ୍ଗିକ ଏବଂ ଓଲଟି ଯାଇଛି ବୋଲି ମନେହୁଏ। ଏକଥାକୁ ଆଧାର କରି ଗୋଟିଏ ଗପର ଅବତାରଣା କରାଯାଇପାରେ।

ଥରେ ଜଣେ ବୁଣାକାରଙ୍କ ପ୍ରାର୍ଥନାରେ ମୁଗ୍ଧ ହୋଇ ଭଗବାନ ତାଙ୍କୁ ବର ପ୍ରଦାନ କଲେ। ଏହି ବର ଆଧାରରେ ତାଙ୍କର ଯାହା ପ୍ରାପ୍ତ ହେବ ପଡ଼ୋଶୀଙ୍କର ତା'ର ଦୁଇଗୁଣ ହେବ ବୋଲି କହି ଭଗବାନ ଅନ୍ତର୍ଦ୍ଧାନ ହେଲେ। କିଛିଦିନ ପରେ ପଡ଼ୋଶୀ ବୁଣାକାରଙ୍କୁ ଅଦ୍ୱିତୀୟ ବାନ୍ଧକଳା ପାଇଁ ରାଜା ପୁରସ୍କୃତ କଲେ। ସିଏ ଏକଥା ତାଙ୍କ ବରପ୍ରାପ୍ତ ପଡ଼ୋଶୀଙ୍କୁ କହିଲେ। ପଡ଼ୋଶୀ ତାଙ୍କ ଆଗରେ ଖୁସିବ୍ୟକ୍ତ କରିଥିଲେ ମଧ୍ୟ ମନେମନେ ରାଗ ରଖି ଉପାୟ ଚିନ୍ତା କଲେ। ଶେଷରେ ଭଗବାନଙ୍କୁ ନିଜର ଗୋଟିଏ ହାତ କଟି ଯାଉ ବୋଲି ପ୍ରାର୍ଥନା କଲେ। ସତକୁ ସତ ତାଙ୍କର ହାତଟି କଟିଗଲା ଏବଂ ବର ଆଧାରରେ ପଡ଼ୋଶୀଙ୍କର ମଧ୍ୟ ଦୁଇ ହାତ କଟିଗଲା। ଯାହାଫଳରେ ଦ୍ୱିତୀୟ ବୁଣାକାର ଜଣକ ସବୁଦିନ ପାଇଁ ଅକାମୀ ହୋଇଗଲେ। ପ୍ରଥମ ଜଣକ ରାଜାଙ୍କଠାରୁ ପୁରସ୍କୃତ ହେବାର ବର ମାଗିପାରିଥା'ନ୍ତେ; କିନ୍ତୁ କାଳେ ପଡ଼ୋଶୀ ଜଣକ ଦୁଇଥର ପୁରସ୍କୃତ ହୋଇଯିବ, ସେହି ଆଶଙ୍କାରେ 'ମୂଳୁ ମାରିଲେ ଯିବ ସରି' ନ୍ୟାୟକୁ ସିଏ ଆପଣାଇଥିଲେ। ଏହା ହିଁ ଜଣେ ଆଉ ଜଣଙ୍କୁ ସହି ନପାରିବାର ଫଳ। ଅନ୍ୟପକ୍ଷରେ ଅପାତ୍ରରେ ଦୁଃଖ ବାଣ୍ଟିଲେ ତାହା ଛିଡ଼ିବ କ'ଣ ବଢ଼ି ଯାଇଥାଏ। ସେଥିପାଇଁ ସମସ୍ତେ ନିଜର ଭାବନା ବ୍ୟକ୍ତ କରିବା ସମୟରେ ସତର୍କ ରହିବା ଉଚିତ।

**ଡ ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ**

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଋଣଭାର ସଂକ୍ରମିତ ବିଶ୍ୱ

ଗୌରୀ ପ୍ରସାଦ ମହାପାତ୍ର
ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

ଋଣଂ କୃତ୍ୱା ଘୃତଂ ପିବେତ୍(ଋଣ କର ପଛେ ଘିଅ ଖାଅ)- ଭାରତୀୟ ମନୀଷୀ ଚାର୍ବାକଙ୍କ ଏହି ଦର୍ଶନରେ ବୋଧହୁଏ ସମଗ୍ର ବିଶ୍ୱ ଅନୁପ୍ରାଣିତ। ନ ହେଲେ ସମ୍ପ୍ରତି ବିଶ୍ୱର ସାମଗ୍ରିକ ଋଣ ପରିମାଣ ମୋଟ ଜିଡିପିର ୯୦ ପ୍ରତିଶତରେ ପହଞ୍ଚି ନ ଥା'ନ୍ତା କି ଆମେରିକା ପରି ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ର ଋଣ କରିବାରେ ତାଲିକାର ସର୍ବାଗ୍ରେ ନଥା'ନ୍ତା। 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟରନ୍ୟାଶ୍‌ନାଲ୍ ଫାଇନାନ୍ସ'ର ତଥ୍ୟକୁ ଉଦ୍ଧାର କରି 'ଆନ୍ତର୍ଜାତିକ ମୁଦ୍ରାପାଣ୍ଠି' ବିଶ୍ୱର ସାମଗ୍ରିକ ଋଣ ପରିମାଣର ଯେଉଁ ଚିତ୍ର ପ୍ରଦାନ କରିଛି ତାହା ଆଖି ଖୋସି ହୋଇଯିବା ଭଳି। ଏହି ସଂସ୍ଥାର ତଥ୍ୟାନୁସାରେ ୨୦୨୩ ମଧ୍ୟଭାଗ ସୁଦ୍ଧା ବିଶ୍ୱର ସାମଗ୍ରିକ ଋଣ ପରିମାଣ ୩୦୭ ଟ୍ରିଲିୟନ ଆମେରିକୀୟ ଡଲାର(୧ଟ୍ରିଲିୟନ ୧ ଲକ୍ଷ କୋଟି ସହିତ ସମାନ)। ବିଶ୍ୱ ଜିଡିପି(ମୋଟ ଘରୋଇ ଉତ୍ପାଦ)ର ଏହା ୯୦ ପ୍ରତିଶତ। ଏଥିରେ ବିଭିନ୍ନ ଦେଶର ସରକାରୀ, ଘରୋଇ, ବ୍ୟାବସାୟିକ, ବାଣିଜ୍ୟିକ, ବ୍ୟକ୍ତିଗତ ଋଣ ଆଦି ଅନ୍ତର୍ଭୁକ୍ତ। ଆହୁରି ଆଶ୍ଚର୍ଯ୍ୟଚକିତ କରିବା ଭଳି ତଥ୍ୟ ହେଉଛି ଆମେରିକା ସମେତ ଇଂଲଣ୍ଡ, ଫ୍ରାନ୍ସ, କାନାଡ଼ା ଓ ଚୀନ୍ ଭଳି ବିଶ୍ୱର ବୃହତ୍ ଅର୍ଥଶକ୍ତିମାନେ ମଧ୍ୟ ଋଣ ଭାରରୁ ମୁକ୍ତ ନୁହନ୍ତି।

ମୁଣ୍ଡପିଛା ଋଣ ଓ ଋଣ-ଜିଡିପି ଅନୁପାତ ହିସାବରେ ବିଶ୍ୱର ସର୍ବାଗ୍ରେ ଥିବା ଦେଶ ହେଉଛି ଆୟର୍ଲାଣ୍ଡ। ୨୦୨୩ ଜୁନ୍ ମାସ ସୁଦ୍ଧା ଏହି ଦେଶର ମୁଣ୍ଡପିଛା ଋଣ ପରିମାଣ ୬, ୨୮, ୫୦୫ ଡଲାର ଥିବା ବେଳେ ସେହି ଦେଶର ଜିଡିପିର ଏହା ୫୪୮.୫୩ ପ୍ରତିଶତ। ତାଲିକାରେ ସର୍ବଶେଷରେ ରହିଛି ଇରାନ୍। ୨୦୨୨ ଶେଷ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ଇରାନ୍‌ର ମୁଣ୍ଡପିଛା ଋଣ ଭାର ମାତ୍ର ୯୦ ଡଲାର ଥିବା ବେଳେ ମୋଟ ଋଣ ଜିଡିପିର ୨ ପ୍ରତିଶତ। ଭାରତରେ ମୁଣ୍ଡପିଛା ଋଣ ଭାର ୪୪୯.୨୮ ଡଲାର ଥିବା ବେଳେ ମୋଟ ଜିଡିପିର ଏହା ପ୍ରାୟ ୮୦ ପ୍ରତିଶତ(ସଂସଦରେ ସଦ୍ୟ ଉପସ୍ଥାପିତ 'ଦ ଇଣ୍ଡିଆନ୍ ଇକନୋମିକ୍: ଏ ରିଭ୍ୟୁ' ତଥ୍ୟ ଅନୁଯାୟୀ)। ଅପରପକ୍ଷରେ ମୋଟ ବହିଃଋଣ ତାଲିକାରେ ସର୍ବାଗ୍ରେ ରହିଛି ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ର ଆମେରିକା। ଏହି ଦେଶର ମୋଟ ବହିଃଋଣ ପରିମାଣ ୩୨.୯ ଟ୍ରିଲିୟନ ଡଲାର, ଯାହା ସେହି ଦେଶର ମୋଟ ଜିଡିପିର ୧୨୨.୫୬ ପ୍ରତିଶତ ଓ ମୁଣ୍ଡପିଛା ଋଣ ଭାର ୯୮, ୦୯୪ ଡଲାର।

ସମ୍ପ୍ରତି ବିଶ୍ୱର ବୋଧହୁଏ ଏପରି କୌଣସି ରାଷ୍ଟ୍ର ନାହିଁ, ଯିଏ ଋଣମୁକ୍ତ। ଆମ ଦୁଇ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଓ ଶ୍ରୀଲଙ୍କା ଯଥାକ୍ରମେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଓ ଚୀନ୍ ପାଖରେ ଏକପ୍ରକାର ବନ୍ଧା ପଡ଼ିଛନ୍ତି। ଜିମ୍ବାୱେ, ଗ୍ରୀସ୍, ଘାନା, ଜାମ୍ବିଆ ଆଦି ରାଷ୍ଟ୍ରଙ୍କ କଥା ନ କହିବା ଭଲ। ବିଶେଷକରି ଅନୁନ୍ନତ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କର ଋଣ ବୋଝ ଏତେ ବଢ଼ିଚାଲିଛି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଋଣଯନ୍ତାରେ ପଡ଼ି ସାରିଛନ୍ତି ଏବଂ ଆହୁରି ଅନେକ ଏହି ଯନ୍ତାର ମୁହଁରେ ଠିଆ ହୋଇଛନ୍ତି। ବିଶ୍ୱର ପ୍ରାୟ ଅଧା ଲୋକ ବସବାସ କରୁଥିବା ୫୨ଟି ବିକାଶଶୀଳ ଦେଶର ଋଣ ବୋଝ ଓ ତା' ସହିତ କ୍ରମବର୍ଦ୍ଧିଷ୍ଣୁ ସୁଧ ହାର ଏତେ ଉଦ୍‌ବେଗଜନକ ଯେ ସେହି ଦେଶଗୁଡ଼ିକର ଅର୍ଥନୀତି ଦୁର୍ଦ୍ଦିନରୁ ନିକଟ ଭବିଷ୍ୟତରେ ଉଦ୍ଧାର ପାଇବାର ସମ୍ଭାବନା ଦିଶୁ ନାହିଁ। ଅନୁନ୍ନତ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କ ପାଇଁ ଋଣ ଏକ ଅପରିହାର୍ଯ୍ୟ ଆବଶ୍ୟକତା, ଏହା ଅନସ୍ୱୀକାର୍ଯ୍ୟ; କିନ୍ତୁ ଧନୀରାଷ୍ଟ୍ରମାନଙ୍କ ଋଣ ପ୍ରବଣତା ଅନେକ ପ୍ରଶ୍ନ ସୃଷ୍ଟି କରେ। ଋଣ ପଛର କାରଣ ପାଇଁ ଚାର୍ବାକ ଦର୍ଶନ ଏକ ବ୍ୟଙ୍ଗାତ୍ମକ ଅନୁଶୀଳନ ହୋଇପାରେ। ମାତ୍ର ବାସ୍ତବ କ୍ଷେତ୍ରରେ ବା ଅର୍ଥନୀତିରେ ଏହାର କାରଣ ଅତି ଜଟିଳ ଓ ପ୍ରଭାବ ସୁଦୂରବିସ୍ତାରୀ।

ଅନେକ ସମୟରେ ସର୍ବନିମ୍ନ ଆବଶ୍ୟକତା ମେଣ୍ଟାଇବା ପାଇଁ ଯେତେବେଳେ କୌଣସି ଦେଶ ବା ରାଜ୍ୟ ସରକାରର ଆଭ୍ୟନ୍ତରୀଣ ରାଜସ୍ୱ ଆୟ ନିଅଣ୍ଟ ହୁଏ ସେତେବେଳେ ସେହି ସରକାର ଋଣ କରେ। ଚୁକ୍ତି ଅନୁଯାୟୀ ସମ୍ପୃକ୍ତ ସରକାର ନିର୍ଦ୍ଧାରିତ ଅବଧି ମଧ୍ୟରେ ଋଣ ପରିଶୋଧ ନ କରିପାରିଲେ ଋଣଦାତାମାନେ ସୁଧ ହାର ବଢ଼ାଇ ଚାଲନ୍ତି, ଯାହାଫଳରେ ଋଣ ମୂଲ୍ୟ(କଷ୍ଟ ଅଫ୍ ଲୋନ୍) ବଢ଼ିଯାଏ। ଏହାଛଡ଼ା ସରକାରୀ ବ୍ୟୟବରାଦ ବଢ଼ିଲେ ଅର୍ଥନୀତିର ଅନେକ କ୍ଷେତ୍ରରେ କ୍ରୟଶକ୍ତି ସହିତ ଲୋକଙ୍କ ଚାହିଦା ବୃଦ୍ଧି ପାଏ। ସେହି ଅନୁପାତରେ ଯଦି ଯୋଗାଣରେ ବୃଦ୍ଧି ନ ଘଟିଲା ତେବେ ସାମଗ୍ରୀ ମୂଲ୍ୟସ୍ଫୀତି ଓ ମୁଦ୍ରାସ୍ଫୀତି ବୃଦ୍ଧି ପାଏ। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାର ବୃଦ୍ଧି କରେ। ତାହାର ପ୍ରଭାବରେ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ପାଏ ଏବଂ ସରକାର ଆଣିଥିବା ଋଣ ଆହୁରି ମହଙ୍ଗା ହୁଏ। ନିବେଶ ବାଧାପ୍ରାପ୍ତ ହୁଏ, ରାଜସ୍ୱ ଆହୁରି ହ୍ରାସ ପାଏ, ନିଯୁକ୍ତି ବଜାରରେ ସଂକୋଚନ ଘଟେ ଏବଂ ଲୋକମାନଙ୍କର ଜମା ହାର ନିମ୍ନମୁଖୀ ହୁଏ। ଋଣ ପରିଶୋଧ ପାଇଁ ସମ୍ପୃକ୍ତ ସରକାରଙ୍କୁ ଆହୁରି ଋଣ କରିବାକୁ ପଡ଼େ। ଏହି ଧାରା ଚକ୍ରବତ୍ ରାଜ୍ୟର ବା ଦେଶର ଋଣ ବୋଝ ବୃଦ୍ଧି କରେ। ଏହି ଋଣ ଜାଲରେ ଥରେ ପଡ଼ିଲେ ଶେଷରେ ତାହା ଋଣଯନ୍ତାରେ ପରିଣତ ହୁଏ, ଯେଉଁଥିରୁ ଦୀର୍ଘକାଳ ଧରି ମୁକୁଳିବା କଷ୍ଟକର ହୋଇପଡ଼େ।

ଏହାଛଡ଼ା ଋଣ କରିବା ପଛରେ ଆଉ ଏକ ଅଦୃଶ୍ୟ କାରଣ ମଧ୍ୟ ରହିଛି। ଓଡ଼ିଆରେ ଗୋଟିଏ ଲୋକକଥା ଅଛି - ବାକିରେ ମିଳିଲେ କିଣିବ ହାତୀ, ଶୁଝିଲେ ଶୁଝିବେ ପଛକେ ନାତିର ନାତି। ସାଧାରଣତଃ ଯେକୌଣସି ଶିଳ୍ପପତି ବା ବ୍ୟାବସାୟିକ ପ୍ରତିଷ୍ଠାନ ସେମାନଙ୍କ ବାଣିଜ୍ୟ, ବ୍ୟବସାୟରେ ନିଜସ୍ୱ ସମ୍ବଳକୁ ପୁଞ୍ଜି ଆକାରରେ ନିବେଶ କରିବା ବଦଳରେ ଋଣ ଉତ୍ସକୁ ପ୍ରାଧାନ୍ୟ ଦିଅନ୍ତି। ଋଣ-ନିବେଶରୁ ଯାହା ଲାଭ ମିଳେ ତାହା ସେମାନଙ୍କ ବ୍ୟକ୍ତିଗତ ବା ସଂସ୍ଥାର ସମ୍ପତ୍ତି ବୃଦ୍ଧିରେ ସହାୟକ ହୁଏ। ଅପରପକ୍ଷରେ ଯଦି ବ୍ୟବସାୟ କ୍ଷତିଗ୍ରସ୍ତ ହୁଏ ତେବେ ତାହାକୁ ଚଳାଇ ରଖିବା ପାଇଁ ଆବଶ୍ୟକ ପୁଞ୍ଜି (ୱାର୍କିଙ୍ଗ କ୍ୟାପିଟାଲ୍) ଓ ଋଣ ପରିଶୋଧ(ରିଷ୍ଟ୍ରକଚରିଂ ଅଫ୍ ଲୋନ୍) କରିବା ପାଇଁ ଅତିରିକ୍ତ ଋଣ କରାଯାଏ। ଆମ ଦେଶରେ ଏହାର ପ୍ରକୃଷ୍ଟ ଉଦାହରଣ ହେଉଛି ତତ୍କାଳୀନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏୟାର ଇଣ୍ଡିଆ(ଏବେ ଘରୋଇ କମ୍ପାନୀ ଦ୍ୱାରା ପରିଚାଳିତ) ଓ ବିଜୟ ମାଲ୍ୟା, ଅନିଲ ଅମ୍ବାନୀ ପ୍ରମୁଖ। ଏପରିକି ଦେବାଳିଆ ହେବା ପର୍ଯ୍ୟନ୍ତ କିମ୍ବା ବ୍ୟବସାୟ ବନ୍ଦ ହୋଇଯିବା ପର୍ଯ୍ୟନ୍ତ ସେମାନେ କ୍ଷମତା ଥାଇ ମଧ୍ୟ ଋଣ ପରିଶୋଧ କରନ୍ତି ନାହିଁ କିମ୍ବା ବ୍ୟବସାୟରେ ନିଜ ସମ୍ବଳ ବିନିଯୋଗ କରନ୍ତି ନାହିଁ। ବ୍ୟାଙ୍କ, ଅର୍ଥଲଗାଣକାରୀ ସଂସ୍ଥା ମଧ୍ୟ ବିନା ଦ୍ୱିଧାରେ ଭବିଷ୍ୟତରେ ଆୟ ଆଶା ରଖି ଋଣ ଉପରେ ଆହୁରି ଋଣ ଦେଇଚାଲନ୍ତି। କେତେକ କ୍ଷେତ୍ରରେ ସରକାର ମଧ୍ୟ କୌଣସି ସଂସ୍ଥା ବା ବ୍ୟକ୍ତିଙ୍କ ଋଣବୋଝକୁ ନିଜମୁଣ୍ଡକୁ ନେବାକୁ (ବେଲ୍‌ଆଉଟ୍) ଉଦ୍ୟମ କରନ୍ତି। ଗୋଟିଏ ସଂସ୍ଥା ଆଉ ଗୋଟିଏ ସଂସ୍ଥାକୁ ଦେଉଥିବା ଋଣ ଏବଂ ସେହି ଋଣଦାତା ପୁଣି ଆଉ ଏକ ସଂସ୍ଥାରୁ ଋଣଗ୍ରହୀତା ହେବା ଆଦି କ୍ରିୟା-ପ୍ରକ୍ରିୟାର ସାମଗ୍ରିକ ପ୍ରଭାବରେ ଦେଶର ମୋଟ ଋଣ ବୋଝ ବୃଦ୍ଧି ପାଏ ଏବଂ ଋଣ-ଜିଡିପି ଅନୁପାତକୁ ବୃଦ୍ଧି କରେ। ରାଷ୍ଟ୍ର କ୍ଷେତ୍ରରେ ମଧ୍ୟ ତାହା ହିଁ ଘଟେ। ଲୋକକଲ୍ୟାଣ ଓ ଜନହିତକର ପ୍ରକଳ୍ପ ନାଁରେ ଲୋକପ୍ରିୟତା ହାସଲ (ଫ୍ରିବିଜ୍ ବା ରେବ୍‌ଡି ପଲିଟିକ୍‌ସ)ପାଇଁ କୌଣସି ଦେଶର ବା ରାଜ୍ୟର ସରକାର ତାଙ୍କ ଅମଳରେ ଯେଉଁ ବିପୁଳ ଋଣ କରନ୍ତି ସେଥିପାଇଁ ସେମାନେ ଭବିଷ୍ୟତରେ ଉତ୍ତରଦାୟୀ ହୁଅନ୍ତି ନାହିଁ। ଫଳରେ ପରବର୍ତ୍ତୀ ସରକାର ଆର୍ଥିକ ପରିଚାଳନାଗତ ସଙ୍କଟର ସମ୍ମୁଖୀନ ହୁଅନ୍ତି ଏବଂ ଦେଶ ଉପରେ ଋଣ ଭାର ବଢ଼ି ଚାଲି ଶେଷରେ ଯନ୍ତାର ରୂପ ନିଏ।

ଧନୀ ରାଷ୍ଟ୍ରମାନେ ଋଣ କରିବା ପଛରେ କିଛିଟା ଭିନ୍ନ କାରଣ ରହିଛି। ସେମାନେ ନିଜ ଦେଶରେ ନିବେଶ ପାଇଁ ନୁହେଁ, ବରଂ ଅନ୍ୟ ଦେଶକୁ ଋଣ ଦେବା ପାଇଁ ଓ ସେଥିରୁ ସୁଧ ଆକାରରେ ରାଜସ୍ୱ ଲାଭ ଆଶାରେ ବହିଃଋଣ କରନ୍ତି। ଫଳରେ ଯଦି ଋଣ ନେଇଥିବା ଦେଶ ଠିକ୍ ସମୟରେ ପରିଶୋଧ ନ କରିପାରିଲା ସେହି କ୍ଷେତ୍ରରେ ଋଣ ଦେଇଥିବା ଧନୀ ଦେଶମାନଙ୍କ ଅର୍ଥନୀତି ଉପରେ ହଠାତ୍ କୌଣସି ଚାପ ପଡ଼େ ନାହିଁ। ଋଣ ବ୍ୟବସ୍ଥାକୁ ଧନୀ ଦେଶମାନେ ଏକପ୍ରକାର ଲାଭଜନକ ବ୍ୟବସାୟ କରିସାରିଛନ୍ତି, ଯେଉଁଠି 'ମାଛ ତେଲରେ ହିଁ ମାଛ ଭଜା' ହୁଏ। ଋଣ ବ୍ୟବସାୟ ଚଳାଇ ରଖିବା ପାଇଁ ଧନୀ ଦେଶମାନେ ଅନୁନ୍ନତ ଓ ବିକାଶଶୀଳ ଦେଶମାନଙ୍କ ଆଗରେ ଏପରି ପରିସ୍ଥିତି ସୃଷ୍ଟି କରନ୍ତି ଯେ ସେମାନେ ଋଣ ନେବା ପାଇଁ ବାଧ୍ୟ ହୁଅନ୍ତି।

ପାରମ୍ପରିକ ଭାବେ ଅନୁନ୍ନତ ଓ ବିକାଶଶୀଳ ରାଷ୍ଟ୍ରମାନେ ଋଣ ପାଇଁ 'ପ୍ୟାରିସ୍ କ୍ଲବ୍ ଅଫ୍ କ୍ରେଡିଟର୍ସ'ଙ୍କ ଉପରେ ନିର୍ଭର କରନ୍ତି। ଏହି କ୍ଲବ୍‌ରେ ଆମେରିକା, ଇଂଲଣ୍ଡ, ଜର୍ମାନୀ, ଅଷ୍ଟ୍ରେଲିଆ, ୟୁରୋପୀୟ ସଂଘ ପରି ଧନୀ ଦେଶ ସମେତ ବିଶ୍ୱ ବ୍ୟାଙ୍କ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି, ଆଫ୍ରିକୀୟ ବିକାଶ ବ୍ୟାଙ୍କ ଆଦି ସଦସ୍ୟ ରହିଛନ୍ତି। ୨୦୦୦ ମସିହା ପର୍ଯ୍ୟନ୍ତ ଆନ୍ତର୍ଜାତିକ ଋଣ କାରବାରରେ ଏହି କ୍ଲବ୍‌ର ଆଧିପତ୍ୟ ରହିଥିବା ବେଳେ ଚଳିତ ଶତାବ୍ଦୀର ପ୍ରାରମ୍ଭରୁ ଚୀନ ସମେତ କେତେକ ଘରୋଇ ସଂସ୍ଥା ଏ କ୍ଷେତ୍ରରେ ପ୍ରବେଶ କଲେ। ତେଣୁ ୨୦୦୬ରେ ଆନ୍ତର୍ଜାତିକ ଋଣ କାରବାରରେ 'ପ୍ୟାରିସ୍ କ୍ଲବ୍ ଅଫ୍ କ୍ରେଡିଟର୍ସ'ର ଅଂଶ ୨୮ ପ୍ରତିଶତରୁ ୨୦୨୦ ବେଳକୁ ୧୧ ପ୍ରତିଶତକୁ ହ୍ରାସ ପାଇଲା। ଅପରପକ୍ଷରେ ଏହି ସମୟ ଭିତରେ ଚୀନ୍‌ର ଅଂଶ ୨ ପ୍ରତିଶତରୁ ବଢ଼ି ୧୮ ପ୍ରତିଶତରେ ଏବଂ ଘରୋଇ ସଂସ୍ଥାମାନଙ୍କର ଅଂଶ ୩ ପ୍ରତିଶତରୁ ୧୧ ପ୍ରତିଶତକୁ ବୃଦ୍ଧି ପାଇଥିଲା। 'ପ୍ୟାରିସ୍ କ୍ଲବ୍ ଅଫ୍ କ୍ରେଡିଟର୍ସ' ଏକଚାଟିଆ କାରବାର ପ୍ରଭାବିତ ହେବାରୁ ସମାଧାନର ସୂତ୍ର ବାହାର କରିବା ପାଇଁ ୨୦୨୦ରେ ଜି-୨୦ ଶୀର୍ଷ ସମ୍ମିଳନୀରେ ବିଚାରବିମର୍ଶ ହୋଇଥିଲା। କିନ୍ତୁ ସମସ୍ତେ ନିଜ ନିଜ ସ୍ୱାର୍ଥ ଜଗିବାରୁ କୌଣସି ନିଷ୍କର୍ଷ ବାହାରି ପାରିଲା ନାହିଁ ଏବଂ ଋଣ ଦେବା ପ୍ରତିଯୋଗିତା ଆହୁରି ତୀବ୍ର ହେଲା।

ସମ୍ପ୍ରତି ଜଗତୀକରଣ ପ୍ରକ୍ରିୟାରେ ସମଗ୍ର ବିଶ୍ୱ ଗୋଟିଏ ଗ୍ରାମରେ ପରିଣତ ହୋଇଛି। ତେଣୁ କୌଣସି ଗୋଟିଏ ଦେଶରେ ଆର୍ଥିକ ସମସ୍ୟା ସୃଷ୍ଟି ହେଲେ ତାହା ଅନ୍ୟଦେଶର ଅର୍ଥନୀତିକୁ ଅଳ୍ପେବହୁତ ପ୍ରଭାବିତ କରୁଛି। ଅତ୍ୟାଧୁନିକ ଅର୍ଥନୀତିଜ୍ଞମାନେ ଏହାକୁ ଜଗତୀକରଣର 'ଋଣ ସଂକ୍ରମଣ' ରୂପେ ଅଭିହିତ କରିଛନ୍ତି। ଉଲ୍ଲେଖନୀୟ ହେଲା ଋଣ ଜାଲରେ ଛନ୍ଦି ହୋଇପଡ଼ିଥିବା ବିକାଶଶୀଳ ଦେଶମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବିଶ୍ୱର ପ୍ରମୁଖ ରପ୍ତାନିକାରୀ। ତେଣୁ ଡଲାରର ବିନିମୟ ମୂଲ୍ୟ ବୃଦ୍ଧି ଯୋଗୁଁ ସେହି ଦେଶଗୁଡ଼ିକର କରେଣ୍ଟ ଆକାଉଣ୍ଟ ବା ଚାଲୁଖାତାରେ ନିଅଣ୍ଟିଆ ସ୍ଥିତି ସୃଷ୍ଟି ହେଉଛି, ଯାହା ମୁଦ୍ରାସ୍ଫୀତି ବୃଦ୍ଧି କରୁଛି। ଏକପକ୍ଷରେ ମୁଦ୍ରାସ୍ଫୀତି ବୃଦ୍ଧି ଓ ଅପରପକ୍ଷରେ ନିଅଣ୍ଟିଆ ସ୍ଥିତିକୁ ସୁଧାରିବା ପାଇଁ ସେହିସବୁ ରାଷ୍ଟ୍ର ସେମାନଙ୍କ ରପ୍ତାନୀ ଶୁଳ୍କ ବୃଦ୍ଧି କରିବାକୁ ବାଧ୍ୟ ହେଉଛନ୍ତି। ଏହିକ୍ରମରେ ସେମାନଙ୍କର ଋଣ ଭାର ବିଶ୍ୱର ଅନ୍ୟ ରାଷ୍ଟ୍ରର ଅର୍ଥନୀତିକୁ ସ୍ଥାନାନ୍ତରିତ ବା ସଂକ୍ରମିତ ହେଉଛି।

ଥରେ ଏହି ସଂକ୍ରମଣ ଆରମ୍ଭ ହେଲେ ରପ୍ତାନୀ ବାଣିଜ୍ୟ ଉପରେ ନିର୍ଭର କରୁଥିବା ଓ ବାଣିଜ୍ୟ ଋଣ(କମର୍ସିଆଲ୍ କ୍ରେଡିଟ୍) ଦେଇଥିବା ଦେଶର ଅର୍ଥନୀତି ଗୁରୁତର କ୍ଷତିଗ୍ରସ୍ତ ହୁଏ ଏବଂ ସେହି ଦେଶ ମଧ୍ୟ ଋଣ କରିବା ପାଇଁ ବାଧ୍ୟ ହୁଏ। ଏହିପରି ଭାବରେ ଏହି ଋଣ ବୋଝ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ସଂକ୍ରମିତ ହୁଏ। ଏହି କାରଣରୁ ମେକ୍ସିକୋର ଋଣ ବୋଝ ୧୯୮୨ରେ ଆମେରିକାକୁ, ୨୦୧୧-୧୨ର ଗ୍ରୀସ୍ ସଙ୍କଟ ୟୁରୋପୀୟ ସଂଘକୁ, ଥାଇଲାଣ୍ଡର ଆର୍ଥିକ ସଙ୍କଟ ଇଣ୍ଡୋନେସିଆ ଓ ଦକ୍ଷିଣ କୋରିଆକୁ ତତ୍କାଳ ଏବଂ ସମଗ୍ର ଏସିଆର ଅର୍ଥନୀତିକୁ ଦୀର୍ଘକାଳୀନ ଭାବେ ପ୍ରଭାବିତ କରିଥିବା ବେଳେ ୨୦୦୭-୦୮ରେ ଆମେରିକା ଅର୍ଥନୈତିକ ସଙ୍କଟ ସାରା ବିଶ୍ୱକୁ ପ୍ରଭାବିତ କରିଥିଲା।

ସମ୍ପ୍ରତି କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ କେନ୍ଦ୍ରୀୟ ବ୍ୟାଙ୍କମାନେ ଋଣ ସୁଧ ହାର ବୃଦ୍ଧି କରିଚାଲିଛନ୍ତି, ଯାହା ଋଣ ସଂକ୍ରମଣର ବେଗକୁ ତୀବ୍ର କରିଛି। ଏହି ସ୍ଥିତିକୁ ଆହୁରି ଜଟିଳ କରିଛି ରୁଷ-ୟୁକ୍ରେନ୍ ଯୁଦ୍ଧ। ଇତିମଧ୍ୟରେ ଡଲାର ତୁଳନାରେ ପ୍ରାୟ ସବୁଦେଶର ମୁଦ୍ରାର ବିନିମୟ ମୂଲ୍ୟ ମଧ୍ୟ ବହୁଗୁଣା ହ୍ରାସ ପାଇଛି। ଅନ୍ତର୍ଜାତୀୟ ବାଣିଜ୍ୟ କାରବାର, ଋଣ ବା ଆର୍ଥିକ ସହାୟତା, ବୈଦେଶିକ ପୁଞ୍ଜି ନିବେଶର ମାଧ୍ୟମ ଡଲାର ହୋଇଥିବାରୁ ତାହାର ପ୍ରଭାବ ସିଧାସଳଖ ବିକାଶଶୀଳ ଓ ଅନୁନ୍ନତ ରାଷ୍ଟ୍ରର ଅର୍ଥନୀତି ଉପରେ ପଡୁଛି। ଅନେକ ଦେଶର ନୀତିନିର୍ଦ୍ଧାରକଙ୍କ ତ୍ରୁଟିପୂର୍ଣ୍ଣ ଓ ଅଦୂରଦର୍ଶୀ ଆର୍ଥିକ ପରିଚାଳନା ମଧ୍ୟ ଏହି ଋଣ-ସଂକ୍ରମଣ ପାଇଁ ଅନେକାଂଶରେ ଦାୟୀ। ୨୦୨୩ ଜୁଲାଇ ମାସରେ ଜାତିସଂଘ ପକ୍ଷରୁ ଜାରି ସତର୍କବାଣୀରେ କୁହାଯାଇଛି ଯେ ଆଗକୁ ଏକ ବିରାଟ ଋଣ ସଙ୍କଟ ସୃଷ୍ଟି ହେବାକୁ ଯାଉଛି, ଯେଉଁଥିରେ ଅନେକ ଦେଶ ପ୍ରଭାବିତ ହେବେ। ଉପରୋକ୍ତ ପରିସଂଖ୍ୟାନକୁ ଅନୁଶୀଳନ କଲେ ବିଶ୍ୱ ଅର୍ଥନୀତିରେ ପୁଣି ଥରେ ଯେ ୧୯୮୦ ଦଶକର 'ଲଷ୍ଟ ଡିକାଡେ'ର ପୁନରାବୃତ୍ତି ଘଟିବ, ଏହି ଆଶଙ୍କା ଘନୀଭୂତ ହେଉଛି।

# ଦାମ୍ପତ୍ୟରେ କଳହ କାହିଁକି?



ଶ୍ୱେତା ରାଉତ
ମୋ: ୯୪୩୯୭୨୬୦୬୦



କଥାରେ ଅଛି - 'ଦାମ୍ପତ୍ୟ କଳହ ଦିନଟିଏ ରୁହେ, ଗାଁ କଳି ରୁହେ ମାସେ, ଅଜାତି କଳହ କେବେ ନ ତୁଟଇ ବାନ୍ଧିଲେ ବି ପ୍ରୀତି ଫାଶେ। ପତି-ପତ୍ନୀର ସମ୍ପର୍କ ସ୍ୱର୍ଗୀୟ। ଖଟା-ମିଠା ସମୟ, ସୁଖ-ଦୁଃଖର ସଂସାରରେ ଛୋଟଛୋଟ ମତାନ୍ତର ରହିଥାଏ। ମତାନ୍ତରକୁ ଆମେ କଳହ କହିବା ଅନୁଚିତ୍। ଏ ମତାନ୍ତର ବିଭ୍ରାଟ ସୃଷ୍ଟି କରିବା ପୂର୍ବରୁ ଦୁହିଁଙ୍କ ମଧ୍ୟରୁ ଜଣେ ଯଦି ନିରବ ରହି ଯାଆନ୍ତି ହୁଏତ କଳି ଯାଏଁ କଥା ଯାଆନ୍ତା ନାହିଁ। କିନ୍ତୁ ସମସ୍ତେ ନିଜ ନିଜ ସ୍ୱାଭିମାନ ଓ ଜିଦ୍‌ରେ ଅଟଳ ରହିବାରୁ କଳି ଶେଷରେ ବିଚ୍ଛେଦ ପରି ସ୍ଥିତି ସୃଷ୍ଟି କରୁଛି। ଏଥିରେ ମଧ୍ୟ ପରିବାର ଲୋକଙ୍କ ଭୂମିକା ଅଧିକ ରହୁଛି।

ବିଶେଷକରି ସଦ୍ୟ ବିବାହିତ ଦମ୍ପତିମାନଙ୍କ ବିଚ୍ଛେଦରେ ବଡ଼ ଭୂମିକା ରହୁଛି ପିତା ମାତା ବା ଅଭିଭାବକମାନଙ୍କର। ସେମାନେ ପିଲାମାନଙ୍କୁ ଆପୋସ ବୁଝାମଣା କରାଇବା ପରିବର୍ତ୍ତେ ଗେହ୍ଲା ଆଳରେ ନିଜର ଅଧିକାର ଜାହିର କରିବାକୁ ପରାମର୍ଶ ଦେଇ ଏକପ୍ରକାର ପରୋକ୍ଷ ଭାବେ ବିଚ୍ଛେଦକୁ ପ୍ରଶ୍ରୟ ଦେଉଛନ୍ତି। ଯେଉଁ କଥାଟି ଦୁଇଟି ପରିବାରରେ ସମାଧାନ ହୋଇପାରିବ, ତା'କୁ ଥାନାଠୁ କୋର୍ଟ କଚେରି ଯାଏଁ ଟାଣି ନେଇ ବିରାଟ ବିଭ୍ରାଟକୁ ଡାକି ଆଣୁଛନ୍ତି।

ସମୟ ଥିଲା, ଶାଶୂ ଘରେ ଝିଅ କେମିତି ସମସ୍ତଙ୍କ ମନ ନେଇ ଚଳିବ, ସମସ୍ତଙ୍କୁ ଆପଣାର କରିପାରିବ ଶିଖାଯାଉଥିଲା। ହେଲେ ଏବେ ଝିଅ କେମିତି କେବଳ ସ୍ୱାମୀକୁ ହାତରେ ରଖି ଶାଶୂ ଘର ପରିବାର ଜଞ୍ଜାଳରୁ ଖସି ବାହାରେ ଏକା ସ୍ୱାଧୀନ ଭାବେ ଉଡ଼ିବୁଲିବ ତାହା ଶିଖାଯାଉଛି। ପୁଅ-ବୋହୂ ଯେତେବେଳେ ଅଭିଭାବକ ବା ବାପାମାଆଙ୍କଠାରୁ ଦୂରରେ ରହୁଛନ୍ତି ସେମାନେ ନିଜକୁ ମୁକ୍ତ ଅନୁଭବ କରୁଛନ୍ତି ଓ ନିଜ ଇଚ୍ଛା ମୁତାବକ ଜୀବନ ବଞ୍ଚୁଛନ୍ତି। ପରିବାର ପ୍ରତି ଡର ଭୟ ରହୁନାହିଁ। ଯାହାଫଳରେ ପତି-ପତ୍ନୀ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହେଲେ କେହି ବୁଝାଇବାକୁ ନାହିଁ କି ସମାଧାନ କରିବାକୁ ନାହିଁ। ପରସ୍ପର ନିଜ ଜିଦ୍‌ରେ ଅଟଳ ରହି ବୈବାହିକ ଜୀବନକୁ ନଷ୍ଟ କରି ଦେଉଛନ୍ତି। ଛାଡ଼ପତ୍ର ଯାଏଁ କଥା ଯାଉଛି ଏବଂ ଏଥିରେ ସେମାନଙ୍କର ଅବସୋସ ବି ରହୁନାହିଁ। ଛାଡ଼ପତ୍ର ନେଇ ଯାଉଛନ୍ତି ପଛେ ଜିଦ୍ ଓ ଅହଙ୍କାରକୁ ଛାଡୁ ନାହାନ୍ତି।

ଦେଖିବାକୁ ଗଲେ ଏମାନଙ୍କ କଳହରେ ବିଶେଷକିଛି ବଡ଼ କାରଣ ନଥାଏ। ଛୋଟ ଛୋଟ କଥାରୁ କଳି ଆରମ୍ଭ ହୋଇ ବିରାଟ ରୂପ ନିଏ। ଦୁଃଖର କଥା ଯେ, ଯଦି କୌଣସି ଝିଅଟି ଜିଦ୍ କରି ସ୍ୱାମୀ ଉପରେ ରାଗି ବାପଘରକୁ ଚାଲିଆସେ, ବାପା ମାଆ ଜ୍ୱାଇଁଙ୍କୁ ଡାକି ସମାଧାନ କରିବା ପରିବର୍ତ୍ତେ ଓଲଟା ଜ୍ୱାଇଁକୁ ଫୋନ କରି ତା' ଘର ଲୋକଙ୍କୁ ଫୋନ୍ କରି କେସ୍ କରିବାର ଧମକ ଦେଉଥିବା ଦେଖାଯାଉଛି। ବାପା ମାଆ ବୁଝିବା ଉଚିତ୍ ଯୁକ୍ତି-ତର୍କ, କଳି- ଝଗଡ଼ା କି କେସ୍ କରିଦେଲେ କଥା ବଢ଼େ। ଝିଅର ବୈବାହିକ ଜୀବନ ନଷ୍ଟ ହୁଏ। ଏଥିରେ କିଛି ଲାଭ ହୁଏନାହିଁ।

ବେଳେବେଳେ ଏଭଳି ମଧ୍ୟ ଘଟେ ଯେ ଅପ୍ରୀତିକର ପରିସ୍ଥିତିରୁ ବାହାରିବାକୁ ଯାଇ ଯେଉଁ ପଦକ୍ଷେପ ନିଆଯାଏ ତାହା ସମ୍ପର୍କକୁ ହିଁ ଭାଙ୍ଗିଦିଏ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଥିବା ରାଗ, ରୁଷା, ମତାନ୍ତରରେ କେତେବେଳେ ଯେ ସୁନ୍ଦର ସମ୍ପର୍କଟିଏ ବଳି ପଡ଼ିଯାଏ ତାହା ଜଣାପଡ଼େ ନାହିଁ। ଜିତାପଟକୁ ନେଇ ଉଭୟ ପକ୍ଷ କିଛିଦିନ ଯାଏଁ ଖୁସି ହୁଅନ୍ତି। କିନ୍ତୁ ଦୀର୍ଘ ଜୀବନ ଅତିବାହିତ କଲାବେଳେ କେବଳ ଅବସୋସ ହିଁ ରହିଯାଏ। କେହି କେହି ଏକାନ୍ତ ଜୀବନରେ ଅତିଷ୍ଠ ହୋଇ ପଡ଼ନ୍ତି ତ କେହି ଅନୈତିକ ସମ୍ପର୍କ ସ୍ଥାପନ କରି ଧୋକା ଖାଆନ୍ତି। କାହାର ମାନସିକ ବିକୃତି ଘଟିଥାଏ ତ କିଏ ଆତ୍ମହତ୍ୟା କରିଥାଏ।

ବଡ଼ମାନେ ପିଲାମାନଙ୍କୁ କେବଳ ଶିକ୍ଷିତ ବା ଯୋଗ୍ୟ କରିଦେଲେ ହେବନାହିଁ। ସେମାନଙ୍କୁ ସମ୍ପର୍କର ମର୍ଯ୍ୟାଦା ଶିଖାଇବାକୁ ପଡ଼ିବ। ପାରିବାରିକ ବନ୍ଧନକୁ ଧରି ରଖିବାର କୌଶଳ ଶିଖାଇବାକୁ ହେବ। ପିଲାମାନଙ୍କୁ ଶିକ୍ଷା ସହିତ ସଂସ୍କାର ମଧ୍ୟ ଦେବା ଉଚିତ। ଏଥିସହିତ ଜୀବନର ସବୁଠାରୁ ବଡ଼ ଗୁଣ ଧୈର୍ଯ୍ୟ ଓ ସହନଶୀଳତା ବାପାମାଆମାନେ ପିଲାମାନଙ୍କୁ ଶିଖାଇବାର ଅଛି।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

## ଭିଜିଲାନ୍ସ ଜାଲରେ ଆରଟିଓ ଟ୍ରାଫିକ ଇନ୍ସପେକ୍ଟର୍

ଭୁବନେଶ୍ୱର/କଟକ/ଜଗତସିଂହପୁର, ୯ା୨(ସମିସ): ଜଗତସିଂହପୁର ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ କାର୍ଯ୍ୟାଳୟର ଟ୍ରାଫିକ୍ ଇନ୍ସପେକ୍ଟର୍ ପ୍ରଶାନ୍ତ ମହାପାତ୍ର ଆଜି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ନିଜ ଗାଡ଼ିରେ ନଗଦ ୪ ଲକ୍ଷ୨୭ ହଜାର ଟଙ୍କା ନେଇ ଭୁବନେଶ୍ୱର ଯାଉଥିବା ବେଳେ ଧରାପଡ଼ିଛନ୍ତି। ଶ୍ରୀ ମହାପାତ୍ର ଏକ କାର୍ (ଓଡି ୦୨ ସିପି-୫୪୧୪)ରେ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ବେଳେ ଭିଜିଲାନ୍ସ ବିଭାଗ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ଭିଜିଲାନ୍ସର ଏକ ଟିମ୍ କଟକ ନିକଟ ବିରିବାଟୀ ତାରିଣୀ ଛକରେ ଛକି ବସିଥିଲା। କାର୍‌ଟି ସେଠାରେ ପହଞ୍ଚିବା ପରେ ଭିଜିଲାନ୍ସ ଟିମ୍ ଅତର୍କିତ ଚଢ଼ଉ କରିଥିଲେ। କାର୍‌କୁ ଯାଞ୍ଚ କରିବାରୁ ସେଥିରୁ ନଗଦ ୪ଲକ୍ଷ ୨୭ ହଜାର ଟଙ୍କା ମିଳିଥିଲା। ଏତେ ଟଙ୍କା କେଉଁଠୁ ଆସିଲା, ସେନେଇ ଶ୍ରୀ ମହାପାତ୍ର ଭିଜିଲାନ୍ସକୁ ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଭିଜିଲାନ୍ସ ଏକ ମାମଲା ରୁଜୁ କରି ତାଙ୍କୁ ଭିଜିଲାନ୍ସ ଅଫିସ୍‌କୁ ଉଠାଇ ନେଇ ପଚରାଉଚରା କରୁଛି। ଏହାସହ ଭଡ଼ା ଘର ଏବଂ ପୈତୃକ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଉଛି।

## ଅପରେସନ୍ ପାଇଁ ୬ ହଜାର ଲାଞ୍ଚ ନେଇ ଡାକ୍ତର ଗିରଫ

ଭୁବନେଶ୍ୱର, ୯ ା୨(ସମିସ): ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସୁପ୍ରୀତ ସୌରଭ। ଅପରେସନ କରିବା ପାଇଁ ଦୁଇ ଜଣ ରୋଗୀଙ୍କଠାରୁ ସେ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଛନ୍ତି। ଗତକାଲି ବେଲପାହାଡ଼ର ଦୁଇ ଜଣ ରୋଗୀ ଗୁରୁଦେବ ଗରଡ଼ିଆ ଓ ଜୟରାମ ଭଇଁସା ହାଇଡ୍ରୋସିଲ୍ ଅପରେସନ ହେବା ପାଇଁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଅସ୍ତ୍ରୋପଚାର କରିବା ପାଇଁ ଡାକ୍ତର ସୌରଭ ସେମାନଙ୍କୁ ଲାଞ୍ଚ ମାଗିଥିଲେ। ଗୁରୁଦେବ ଓ ଜୟରାମ ଏନେଇ ଭିଜିଲାନ୍ସକୁ ଜଣାଇଥିଲେ। ଯୋଜନା ଅନୁଯାୟୀ, ଆଜି ସନ୍ଧ୍ୟାରେ ଏକ ହୋଟେଲ ପାଖରେ ଡାକ୍ତର ସୌରଭ ସୁପ୍ରୀତ ସେମାନଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିଲା।

## ସୋନପୁରରୁ ପୁରୀ ଗଡ଼ିଲା ରେଳ

ସୋନପୁର, ୯ା୨ (ସମିସ): ସୋନପୁରରୁ ଶୁକ୍ରବାର ପୁରୀ ଅଭିମୁଖେ ରେଳ ଗଡ଼ିଛି। ସନ୍ଧ୍ୟାରେ ସୋନପୁର ରେଳ ଷ୍ଟେସନରେ ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ ଚଳାଚଳ ଅବସରରେ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା। ଜୟ ଜଗନ୍ନାଥ, ଜୟ ମା' ସୁରେଶ୍ୱରୀ ଧ୍ୱନିରେ ଷ୍ଟେସନ୍ କମ୍ପିଥିଲା। ଏହି ଟ୍ରେନ୍ ପଶ୍ଚିମ ଓଡ଼ିଶାର ୪ଟି ଜିଲ୍ଲା ସୋନପୁର, ବଲାଙ୍ଗୀର, ବରଗଡ଼ ଏବଂ ସମ୍ବଲପୁର ସହ ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାକୁ ସଂଯୋଗ କରୁଛି। ପ୍ରତି ଶୁକ୍ରବାର ସନ୍ଧ୍ୟା ସାଢ଼େ ୭ଟାରେ ଏହି ଟ୍ରେନ୍ ସୋନପୁରରୁ ବାହାରି ଶନିବାର ସକାଳ ୬ଟା ୫୫ରେ ପୁରୀରେ ପହଞ୍ଚିବ। ସେହିଭଳି ପୁରୀ-ସୋନପୁର ଏକ୍ସପ୍ରେସ୍ ପୁରୀରୁ ପ୍ରତି ଗୁରୁବାର ସନ୍ଧ୍ୟା ୭ଟା ୩୫ରେ ଛାଡ଼ି ସୋନପୁରରେ ଶୁକ୍ରବାର ସକାଳ ସାଢେ ୫ଟାରେ ପହଞ୍ଚିବ। ପୁରୀ ଓ ସୋନପୁର ମଧ୍ୟରେ ଏହା ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ନାରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର, ଅନଗୋଳ, ବଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ବରଗଡ଼ ରୋଡ, ବଲାଙ୍ଗୀର, ବିଚ୍ଛୁପାଲି, ଝାରତରଭା, ନରସିଂହଗଡ଼ ଷ୍ଟେସନ୍‌ରେ ରହଣି କରିବ।

**ଦଶମ କଳିଙ୍ଗ ସାହିତ୍ୟ ମହୋତ୍ସବକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

# 'ଅତୀତକୁ ବର୍ତ୍ତମାନ ସହ ସଂଯୋଗ କରୁଛି କଳିଙ୍ଗ ସାହିତ୍ୟ ମହୋତ୍ସବ'

ଭୁବନେଶ୍ୱର, ୯ ା୨(ସମିସ):

ଅତୀତକୁ ବର୍ତ୍ତମାନ ସହ ସଂଯୋଗ କରୁଥିବା ସେତୁ ହେଉଛି କଳିଙ୍ଗ ସାହିତ୍ୟ ମହୋତ୍ସବ। ଯାହା ପ୍ରାଚୀନ ଜ୍ଞାନକୁ ସମସାମୟିକ ବୁଦ୍ଧି ସହିତ ସଂଯୋଗ କରିଥାଏ। ଏଥିରେ ଯୋଗ ଦେଉଥିବା ଅଂଶଗ୍ରହଣକାରୀମାନେ ଭାରତୀୟ ସାହିତ୍ୟରେ ନିଜକୁ ନିମଗ୍ନ କରି ରଖିଛନ୍ତି। ଉତ୍ସବ ମାଧ୍ୟମରେ ସେମାନେ ବିଭିନ୍ନ ସମୟରେ ମଣିଷ ସାମ୍ନା କରୁଥିବା ସମସ୍ୟା ତଥା ସାମାଜିକ ଆହ୍ୱାନ ପାଇଁ ପୂର୍ବପୁରୁଷଙ୍କ ଦ୍ୱାରା ପ୍ରସ୍ତାବିତ ସମାଧାନକୁ ବତାଇଥାନ୍ତି। ଏଥିସହ ଆଧୁନିକ ଦୁନିଆର କାହାଣୀରେ ସୌନ୍ଦର୍ଯ୍ୟ ଏବଂ ପ୍ରାସଙ୍ଗିକତାକୁ ପୁନଃ ଆବିଷ୍କାର କରିବା ପାଇଁ ପରାମର୍ଶ ଦିଅନ୍ତି। ଏସବୁ ଏଭଳି ପ୍ଲାଟଫର୍ମ ଦ୍ୱାରା ସମ୍ଭବ ହୋଇପାରୁଛି। ସ୍ୱସ୍ତି ପ୍ରିମିୟମ୍‌ରେ ଆୟୋଜିତ ଦଶମ 'କଳିଙ୍ଗ ସାହିତ୍ୟ ମହୋତ୍ସବ'(କେଏଲଏଫ୍) କୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହା କହିଛନ୍ତି।

'ପ୍ରାଚୀନ ଭାରତ ଓ ପରବର୍ତ୍ତୀ କିମ୍ବଦନ୍ତୀ: ଏକବିଂଶ ଶତାବ୍ଦୀରେ ପ୍ରେରଣାଦାୟକ ଜୀବନ୍ତ ଅନୁଭୂତି' ଆଧାରିତ ଏହି ମହୋତ୍ସବରେ



ସମ୍ମାନିତ ଅତିଥି ଜ୍ଞାନପୀଠ ପୁରସ୍କାର ବିଜେତା ବିଶିଷ୍ଟ ସାହିତ୍ୟିକ ସୀତାକାନ୍ତ ମହାପାତ୍ର ଓଡ଼ିଶାର ପ୍ରାଚୀନ କଳା, ସଂସ୍କୃତି ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରାଚୀନତା ସହ ବର୍ତ୍ତମାନ ଯୋଡ଼ି ହେଲେ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧି ହେବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ସଂତୃପ୍ତ ମିଶ୍ର କହିଲେ, ଓଡ଼ିଶାର ପ୍ରାଚୀନ ସଂସ୍କୃତି ହେଉଛି ଜ୍ଞାନର ଭଣ୍ଡାର। କଳିଙ୍ଗ ସାହିତ୍ୟ ମହୋତ୍ସବ ଆମ ସାଂସ୍କୃତିକ ମୂଳ ଗଭୀରତାକୁ ଅନୁସନ୍ଧାନ କରିବାର କ୍ଷମତା ବୃଦ୍ଧି କରିଥାଏ। ଅତିଥି ଅମୀଷ ତ୍ରିପାଠୀ କହିଲେ, ଏହି ମହୋତ୍ସବ ହେଉଛି ଅନ୍ୟତମ ଶ୍ରେଷ୍ଠ ସାହିତ୍ୟ ଉତ୍ସବ, ଯାହା ସାହିତ୍ୟକୁ ବିଭିନ୍ନ ରୂପରେ ଆଲୋଚନା କରିବାର ସୁଯୋଗ ଦେଇଥାଏ। ଅତିଥି ପାରମିତା ପଣ୍ଡା କହିଲେ, ସାହିତ୍ୟ ଓ କଳା ମଧ୍ୟରେ ଏକ ସୁନ୍ଦର ସମନ୍ୱୟ ରହିଛି, ଯାହା କଳାକାରଙ୍କ ମଧ୍ୟରେ ଥିବା ପ୍ରତିବନ୍ଧକକୁ ଦୂର କରିବାର ସୁଯୋଗ ପ୍ରଦାନ କରୁଛି। କେଏଲ୍‌ଏଫ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶିକା ରଶ୍ମି ରଞ୍ଜନ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ।

ଏହି ଅବସରରେ ନସିରା ଶର୍ମା ଓ ବିନା ପୌଦୟାଲଙ୍କୁ 'କେଏଲଏଫ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅମୀଷ ତ୍ରିପାଠୀ ଓ ସନ୍ଦୀପ ବାମଜାଇଙ୍କୁ 'ନ୍ୟାସନାଲ ଲିଭିଂ ଲେଜେଣ୍ଡ ଆୱାର୍ଡ' ପ୍ରଦାନ କରାଯାଇଥିଲା। ଏହାସହ କଳିଙ୍ଗ କଳା ମହୋତ୍ସବରେ ଓଡ଼ିଶାର ସୃଜନଶୀଳ ପ୍ରତିଭାକୁ ପ୍ରଦର୍ଶିତ କରାଯାଇଥିଲା। ଭର୍ଚୁଆଲ ଗ୍ୟାଲେରିରେ ବିଶିଷ୍ଟ କଳାକାରଙ୍କ ୭୦ରୁ ଅଧିକ ଚିତ୍ର କଳାପ୍ରେମୀଙ୍କ ପାଇଁ ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରଦର୍ଶନୀରେ ଓଡ଼ିଶାର କଳା ଜଗତର ବିବିଧ ଅଭିବ୍ୟକ୍ତିକୁ ପ୍ରଶଂସା କରାଯିବା ସହ ରାଜ୍ୟର ସାଂସ୍କୃତିକ କାହାଣୀ ରଚନା କରୁଥିବା ସୃଜନଶୀଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏଥିସହ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ନିଜର ଦୃଷ୍ଟିକୋଣ ବ୍ୟକ୍ତ କରିଥିଲେ। ସାହିତ୍ୟର ଗଭୀରତା, କାହାଣୀ ଗଠନରେ ଗଣମାଧ୍ୟମର ଭୂମିକା, ସାହିତ୍ୟ ମାଧ୍ୟମରେ ମହିଳାଙ୍କ ସଶକ୍ତୀକରଣ ଏବଂ ସମସାମୟିକ ସମୟରେ ଜାତୀୟତା ଉପରେ ପ୍ରତିଫଳନ ଉପରେ ଆଲୋଚନା ହୋଇଥିଲା। ସେହିପରି ପ୍ରଥମ ଦିନ ଅଧିବେଶନଗୁଡ଼ିକରେ ବିଶିଷ୍ଟ ଲେଖକ, କବି ଏବଂ ସାମ୍ବାଦିକମାନେ ସାହିତ୍ୟ, ଗଣମାଧ୍ୟମ, ନାରୀ, ଜାତୀୟତାବାଦ ଆଦି ବିଭିନ୍ନ ବିଷୟ ଉପରେ ଗଭୀର ଆଲୋଚନା କରିଥିଲେ।

## କ୍ରିଷନ କୁମାର ଏନ୍‌ଏଚ୍‌ଆଇଡିସିଏଲ ନୂଆ ପରିଚାଳନା ନିର୍ଦ୍ଦେଶକ

ଭୁବନେଶ୍ୱର, ୯ ା୨ (ସମିସ): ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଧିକାରୀ ଡଃ କ୍ରିଷନ କୁମାର ଜାତୀୟ ରାଜପଥ ଓ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ୍ (ଏନ୍‌ଏଚ୍‌ଆଇଡିସିଏଲ)ର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ୨୦୦୨ ବ୍ୟାଚ୍ ଆଇଏଏସ୍ ଡଃ କୁମାର ବର୍ତ୍ତମାନ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଏନଏଚଆଇଡିସିଏଲର ସର୍ବକନିଷ୍ଠ ପରିଚାଳନା ନିର୍ଦ୍ଦେଶକ ଭାବେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ପୂର୍ତ୍ତ ବିଭାଗର ସଚିବ ଭାବେ ଓଡ଼ିଶାରେ ମେଗା ଭିତ୍ତିଭୂମି ପ୍ରକଳ୍ପ ପରିଚାଳନା ରେ ଡଃ କୁମାରଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ଉଲ୍ଲେଖଯୋଗ୍ୟ ଯେ କିଛି ଦିନ ତଳେ



ଉତ୍ତରାଖଣ୍ଡରେ ଘଟିଥିବା ଟନେଲ ଦୁର୍ଘଟଣା ଓ ଉଦ୍ଧାର କାର୍ଯ୍ୟର ତଦାରଖପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡଃ ପି.କେ.ମିଶ୍ର ଘଟଣାସ୍ଥଳକୁ ଯାଇଥିବା ବେଳେ ଏଭଳି ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ପାଇଁ ଜଣେ ଯୁବ ଓ ଦକ୍ଷ ଅଫିସରଙ୍କ ଆବଶ୍ୟକତା ଅନୁଭବ କରିଥିଲେ। ବିଶେଷକରି ଯେଉଁ ଅଧିକାରୀଙ୍କର ଉଭୟ ଭିତ୍ତିଭୂମି ନିର୍ମାଣ ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଭିଜ୍ଞତା ଓ ଦକ୍ଷତା ଥିବ ତାଙ୍କୁ ଏହି ଦାୟିତ୍ୱ ଦେବା ପାଇଁ ଯୋଜନା କରାଯାଇଥିଲା। ଏହା ପରେ ଡଃ କୁମାର କେନ୍ଦ୍ର ସରକାରଙ୍କ ନଜରକୁ ଆସିଥିଲେ। ଡଃ କୁମାର ଓଡ଼ିଶାର ପୂର୍ତ୍ତ ସଚିବ ଭାବେ ଓଡ଼ିଶାରେ ବିଭିନ୍ନ ଭିତ୍ତିଭୂମି ନିର୍ମାଣ ବିଶେଷକରି ପୁରୀ ପରିକ୍ରମା ପ୍ରକଳ୍ପ ନିର୍ମାଣର ପ୍ରମୁଖ ସାରଥୀ ସାଜିଥିବା ବେଳେ ଗଞ୍ଜାମ ଜିଲ୍ଲାପାଳ ଭାବେ ଫାଇଲିନ୍ ଭଳି ବାତ୍ୟାର ସଫଳ ମୁକାବିଲା କରିଥିଲେ।

**ପୁନର୍ଜୀବିତ ହେବ ଓଡ଼ିଶାର ନୌ-ବାଣିଜ୍ୟ ପରମ୍ପରା**

# ପୂର୍ବ ଭାରତର ଆର୍ଥିକ କେନ୍ଦ୍ର ସାଜିବ ଶିଳ୍ପ ତ୍ରିଭୁଜ କରିଡର୍

ଭୁବନେଶ୍ୱର, ୯ ା୨(ସମିସ): ପୂର୍ବ ଓଡ଼ିଶା ହେବ ପୂର୍ବ ଭାରତର ଆର୍ଥିକ ପ୍ରାଣକେନ୍ଦ୍ର। ପାରାଦ୍ୱୀପ-କଟକ-କେନ୍ଦୁଝର-ଯାଜପୁର-ଭଦ୍ରକକୁ ନେଇ ଶିଳ୍ପ ତ୍ରିଭୁଜ ଗଠନ କରାଯିବ। ପୁରୁଣା ଶିଳ୍ପର ପୁନରୁଦ୍ଧାର ସହ ନୂଆ ବୃହତ୍ ଶିଳ୍ପ ପ୍ରତିଷ୍ଠା କରିବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି। ଶିଳ୍ପ ତ୍ରିଭୁଜ ଗଠନ ନେଇ ରାଜ୍ୟ ସରକାରଙ୍କର ବଡ଼ ଯୋଜନା ରହିଛି ବୋଲି ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି।

> **ଧାମରା, ପାରାଦ୍ୱୀପ ବନ୍ଦର ସହ ଶିଳ୍ପକେନ୍ଦ୍ର ଓ ଖଣି ଅଞ୍ଚଳକୁ ଯୋଡ଼ିବା ଲକ୍ଷ୍ୟ**
>
> **୧୦ ବର୍ଷରେ ୬୩୭ଟି ବୃହତ ଶିଳ୍ପରେ ୧୫ଲକ୍ଷ କୋଟି ନିବେଶ ଅନୁମତି**

ଶୁକ୍ରବାର ବିଧାନସଭାରେ ଶିଳ୍ପ ପ୍ରତିଷ୍ଠା ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଦେବ କହିଥିଲେ, ଶିଳ୍ପ ପ୍ରତିଷ୍ଠା ସହିତ ବ୍ୟାପକ ନିଯୁକ୍ତି ସୃଷ୍ଟି ରାଜ୍ୟ ସରକାରଙ୍କ ଅନ୍ୟତମ ପ୍ରମୁଖ ଆଭିମୁଖ୍ୟ। ଓଡ଼ିଶାରେ ଏବେ ପାରାଦ୍ୱୀପ, ଗୋପାଳପୁର ଓ ଧାମରା ବନ୍ଦର କାର୍ଯ୍ୟକ୍ଷମ ଥିବା ବେଳେ ଆଗକୁ ଆଉ ଦୁଇଟି ବନ୍ଦର ପ୍ରତିଷ୍ଠା ହେବ। ପଣ୍ୟ ପରିବହନରେ ପାରାଦ୍ୱୀପ ଦେଶର ପ୍ରଥମ ସ୍ଥାନ ହାସଲ କରିଛି। ସେହିପରି ଧାମରା ବନ୍ଦରର କ୍ଷମତା ମଧ୍ୟ ବୃଦ୍ଧି ପାଉଛି। ଏହି ବନ୍ଦରକୁ କିପରି ଅଧିକ ବ୍ୟବହାର କରାଯିବ ତାହା ସରକାରଙ୍କ ଶିଳ୍ପ ପ୍ରତିଷ୍ଠା ଯୋଜନା ଉପରେ ନିର୍ଭର କରୁଛି। ତେଣୁ ରପ୍ତାନୀଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହା ଜରିଆରେ ଓଡ଼ିଶାର ହୃତ ଗୌରବ ନୌ-ବାଣିଜ୍ୟ ପରମ୍ପରା ପୁନଃ ଉଜ୍ଜୀବିତ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ କେନ୍ଦୁଝରରେ ଖଣିଜ ସମ୍ପଦ ଭରି ରହିଥିବା ବେଳେ କଳିଙ୍ଗ ନଗରରେ ଶିଳ୍ପ ପାର୍କ ରହିଛି। ଯାଜପୁରର ସୁକିନ୍ଦାରେ ଖଣି ରହିଛି। ସେହିପରି କଟକ ଓ ଭଦ୍ରକ ଜିଲ୍ଲାରେ ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉଛି। ଏସବୁ ଜିଲ୍ଲାରେ ବନ୍ଦ ହୋଇ ରହିଥିବା କାରଖାନା ପୁନଃ କାର୍ଯ୍ୟକ୍ଷମ କରାଯିବା ସହ ପାରାଦ୍ୱୀପ ଓ ଧାମରା ବନ୍ଦରରୁ ପରିବହନ ତଥା ଆମଦାନୀ ବୃଦ୍ଧି କରାଯିବ। ଏହି ରୁଟ୍‌ରେ ରେଳ ସଂଯୋଗ ମଧ୍ୟ ହୋଇ ସାରିଛି। ମନ୍ତ୍ରୀ ଶ୍ରୀ ଦେବ କହିଛନ୍ତି, ମେକ୍-ଇନ୍-ଓଡ଼ିଶା କନକ୍ଲେଭ୍‌ରେ ପ୍ରାପ୍ତ ଏବଂ ରାଜ୍ୟସ୍ତରୀୟ ଏକୀକୃତ ନିର୍ଗମନ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ଅନୁମୋଦନ ସହ ଅଦ୍ୟାବଧି ରାଜ୍ୟରେ କାର୍ଯ୍ୟକ୍ଷମ ହୋଇଥିବା ୨୦୪ଟି ବୃହତ ଶିଳ୍ପ ପ୍ରକଳ୍ପ ମାଧ୍ୟମରେ ସମୁଦାୟ ୯, ୧୦, ୯୮୮ କୋଟି ଟଙ୍କାର ପୁଞ୍ଜିନିବେଶ ଓ ୪, ୮୬, ୧୮୪ଟି ନିଯୁକ୍ତି ସୃଷ୍ଟି ହେବ। ଅପରପକ୍ଷେ ମେକ୍-ଇନ୍-ଓଡ଼ିଶା-୨୦୨୨ ପରେ ରାଜ୍ୟରେ ବୃହତ ଶିଳ୍ପ ପ୍ରତିଷ୍ଠା କରିବା ଲାଗି ଅଦ୍ୟାବଧି ୩୨ଟି ଶିଳ୍ପ ସଂସ୍ଥା ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏହା ମାଧ୍ୟମରେ ୪, ୪୯, ୭୧୩.୪୩ କୋଟି ଟଙ୍କାର ପୁଞ୍ଜିନିବେଶ ଓ ୧, ୮୭, ୨୪୩ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟିର ଆକଳନ କରାଯାଇଛି। ବୁଝାମଣା ସ୍ୱାକ୍ଷର କରିଥିବା ଉପରୋକ୍ତ କମ୍ପାନୀ ମଧ୍ୟରୁ ଏବେ ସୁଦ୍ଧା ୧୮ ଟି ବୃହତ ଶିଳ୍ପ ପ୍ରକଳ୍ପରେ ୩, ୧୫, ୮୦୨.୭୩ କୋଟି ଟଙ୍କା ନିବେଶ ପାଇଁ ରାଜ୍ୟ ସରକାରଙ୍କଠାରୁ ଅନୁମତି ପାଇଛନ୍ତି। ଓଡ଼ିଶା ଶିଳ୍ପ ବିକାଶ ଯୋଜନା, ୨୦୨୫ (ଓଆଇଡିପି-୨୦୨୫) ନାମକ ଏକ ଖସଡ଼ା ମାଧ୍ୟମରେ କରାଯାଇଥିବା ପରିକଳ୍ପନା ଅନୁସାରେ ଶିଳ୍ପର ବିଭିନ୍ନ କ୍ଷେତ୍ର ଯଥା ଖାଦ୍ୟ ଓ କୃଷି ପ୍ରକ୍ରିୟାକରଣ, କେମିକାଲ ଓ ପେଟ୍ରୋକେମିକାଲ୍ସ, ବୟନ, ଆନୁସଙ୍ଗିକ କ୍ଷେତ୍ର, ଇଏସ୍‌ଡିଏମ୍, ଆଇଟି/ଆଇଟିଇଏସ୍‌ରେ ୨.୫ ଲକ୍ଷ କୋଟିର ନିବେଶ ଓ ୩୦ଲକ୍ଷ ନିଯୁକ୍ତି ସୃଷ୍ଟିର ଆକଳନ କରାଯାଇଥିଲା। ଏଥିରୁ ୨୩୯ଟି ବୃହତ ପ୍ରକଳ୍ପ ୩,୧୮,୩୦୯.୩୯ କୋଟି ଟଙ୍କାର ପୁଞ୍ଜିନିବେଶ ମାଧ୍ୟମରେ ଅନୁମୋଦନ ଦିଆଯାଇଛି। ଗତ ୧୦ବର୍ଷ ମଧ୍ୟରେ (୨୦୧୩-୨୦୨୩) ୬୪୯ଟି ବୃହତ ପ୍ରକଳ୍ପରେ ୧୫, ୧୬, ୧୦୮.୬୭ କୋଟି ଟଙ୍କା ପୁଞ୍ଜିନିବେଶ ପାଇଁ ଅନୁମୋଦନ ପାଇଛନ୍ତି। ତେବେ ସେଥିରୁ ୧୨ଟି ପ୍ରକଳ୍ପ ଓହରି ଯାଇଛନ୍ତି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

## ପ୍ରତିବର୍ଷ ସମ୍ମାନିତ ହେବେ ଅଙ୍ଗନବାଡ଼ି କର୍ମୀ, ସହାୟିକା ଓ ସୁପରଭାଇଜର୍

ଭୁବନେଶ୍ୱର, ୯ ା୨(ସମିସ): ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅଙ୍ଗନବାଡ଼ି କର୍ମୀ, ଅଙ୍ଗନବାଡ଼ି ସହାୟିକା, ମହିଳା ସୁପରଭାଇଜର୍, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସ (ମାର୍ଚ୍ଚ ୮)ରେ ସମ୍ମାନିତ କରାଯିବ। ପ୍ରତିବର୍ଷ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଚାରି ଜଣ ଅଙ୍ଗନବାଡ଼ି କର୍ମୀ, ତିନି ଜଣ ଅଙ୍ଗନବାଡ଼ି ହେଲ୍ପର, ଦୁଇ ଜଣ ମହିଳା ହେଲ୍ପର ଏବଂ ଜଣେ ସିଡିପିଓଙ୍କୁ ଜିଲ୍ଲାସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କର୍ମଚାରୀଙ୍କୁ ଚିହ୍ନଟ ପାଇଁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ବିସ୍ତୃତ ମାର୍ଗଦର୍ଶିକା ଜାରି କରିବା ସହ ସେହି ଅନୁସାରେ ପ୍ରତିଯୋଗୀଙ୍କୁ ଚୟନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ସେହିପରି ପ୍ରତିବର୍ଷ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ୩ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ମଧ୍ୟ ସମ୍ମାନିତ କରାଯିବ। ପଞ୍ଚାୟତିରାଜ ଦିବସରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ସରକାରଙ୍କ ପକ୍ଷରୁ ଯଥାକ୍ରମେ ୨୦ ହଜାର, ୧୫ ହଜାର ଏବଂ ୧୦ ହଜାର ଟଙ୍କା ପୁରସ୍କାର ମିଳିବ। ଏହି ଅର୍ଥକୁ ସମ୍ପୃକ୍ତ ଅଙ୍ଗନବାଡ଼ି କେନ୍ଦ୍ରର ବିକାଶ କାମରେ ବିନିଯୋଗ କରାଯିବ। ଅପରପକ୍ଷେ ଅଙ୍ଗନବାଡ଼ି କେନ୍ଦ୍ରର ଦକ୍ଷତା ବୃଦ୍ଧି କରି ଆଦର୍ଶ ଶିକ୍ଷା କେନ୍ଦ୍ରରେ ପରିଣତ ନିମନ୍ତେ ରାଜ୍ୟ ସରକାର ବିସ୍ତୃତ ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ 'ଅଙ୍ଗନବାଡ଼ି ଜ୍ଞାନ କେନ୍ଦ୍ର' ଭାବେ ନାମିତ କରାଯିବ। ପ୍ରତ୍ୟେକ ସେକ୍ଟରରେ ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଜ୍ଞାନ କେନ୍ଦ୍ରରେ ପରିଣତ କରାଯିବ।

> **ପ୍ରତି ସେକ୍ଟରରେ ପ୍ରତିଷ୍ଠା ହେବ ଅଙ୍ଗନବାଡ଼ି ଜ୍ଞାନକେନ୍ଦ୍ର**
>
> **ଜିଲ୍ଲାର ଦୁଇ ଶ୍ରେଷ୍ଠ କେନ୍ଦ୍ରକୁ ମିଳିବ ଆର୍ଥିକ ପୁରସ୍କାର**

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରିବେ। ପୁରସ୍କାର ପାଇବା ଲାଗି ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି ଦାୟିତ୍ୱ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଉପରେ ନ୍ୟସ୍ତ କରାଯାଇଛି। ଜିଲ୍ଲା ସ୍ତରରେ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ୧୦ ହଜାର ଟଙ୍କା ମିଳିବ। ଅପରପକ୍ଷେ ଅଙ୍ଗନବାଡ଼ି ଜ୍ଞାନ କେନ୍ଦ୍ର ଗୁଡିକ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ରକୁ ସହାୟତା ପ୍ରଦାନ କରି ତାହାର ଦକ୍ଷତା ବୃଦ୍ଧି କରିବ। ଏହି କେନ୍ଦ୍ର ସମସ୍ତ ଅଙ୍ଗନବାଡ଼ି କର୍ମୀମାନଙ୍କ ପାଇଁ ଜ୍ଞାନ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଅଙ୍ଗନବାଡ଼ି କର୍ମୀମାନେ ଘରକୁ ଘର ବୁଲିବା ପାଇଁ ସ୍ୱତନ୍ତ୍ର କିଟ୍ ପାଇବେ। ଏହାକୁ ଉପଯୋଗ କରି ସେମାନେ ପୋଷଣ ବୃଦ୍ଧି ସମ୍ପର୍କରେ ଗର୍ଭବତୀ ମହିଳା ତଥା ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କୁ ସଚେତନ କରିବେ। ୫-ଟି ଉପକ୍ରମ ଅନୁସାରେ ହିତାଧିକାରୀଙ୍କଠାରୁ ସେମାନଙ୍କ ମତାମତ ସଂଗ୍ରହ କରାଯିବ। ପୂରା ପ୍ରକ୍ରିୟା ସମ୍ପର୍କରେ ବିଭାଗ ପକ୍ଷରୁ ଭିନ୍ନଭିନ୍ନ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇ ଜିଲ୍ଲାପାଳମାନଙ୍କୁ ପ୍ରଦାନ କରାଯାଇଛି।

**ୟୁଜିସି ନିୟମାବଳୀ ଉଲ୍ଲଙ୍ଘନ ଅଭିଯୋଗ**

## ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତି ଉପରେ ରହିତାଦେଶ

କଟକ, ୯ା୨ (ସମିସ): ଷ୍ଟେଟ୍ ସିଲେକ୍ସନ ବୋର୍ଡ (ଏସ୍‌ଏସ୍‌ବି) ପକ୍ଷରୁ ବିଭିନ୍ନ କଲେଜରେ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ନିଯୁକ୍ତି ଉପରେ ହାଇକୋର୍ଟ ଅନ୍ତରୀଣ ରୋକ ଲଗାଇଛନ୍ତି। ଏହି ବିଭାଗରେ ଅଧ୍ୟାପକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିବ ହେଲେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କାହାରିକୁ ଚୂଡ଼ାନ୍ତ ନିଯୁକ୍ତିପତ୍ର ପ୍ରଦାନ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଡ. ଅମୀୟ ରଞ୍ଜନ ବାରିକଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟରେ ମାମଲାରେ ପ୍ରତିପକ୍ଷ ରାଜ୍ୟ ସରକାରଙ୍କୁ ଅଦାଲତ ନୋଟିସ ଜାରି କରିଛନ୍ତି। ଆସନ୍ତା ମାର୍ଚ୍ଚ ପହିଲାକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି।

ମାମଲାରୁ ପ୍ରକାଶ ଯେ ୨୦୨୩ ସେପ୍ଟେମ୍ବର ୧୧ରେ ଏସ୍‌ଏସ୍‌ବି ପକ୍ଷରୁ ରାଜ୍ୟର ବିଭିନ୍ନ ଡିଗ୍ରୀ କଲେଜରେ ୧୦୬୫ଟି ଅଧ୍ୟାପକ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରୁ ପଦାର୍ଥ ବିଜ୍ଞାନ ବିଭାଗରେ ମୋଟ ୫୪ଟି ପଦରେ ମଧ୍ୟ ନିଯୁକ୍ତି ପାଇଁ ଉଲ୍ଲେଖ ଥିଲା। ଯେଉଁମାନେ କେବଳ ସ୍ନାତକୋତ୍ତରରେ ୫୫ ପ୍ରତିଶତ ମାର୍କ ରଖିଥିବେ, ସେମାନେ ଆବେଦନ କରିବାକୁ ଯୋଗ୍ୟ ହେବେ ବୋଲି ନିଯୁକ୍ତି ବିଜ୍ଞପ୍ତିରେ କୁହାଯାଇଥିଲା। ତେବେ ଏହା ୟୁଜିସିର ନିୟମାବଳୀକୁ ଉଲ୍ଲଙ୍ଘନ କରୁଥିବା ଆବେଦନକାରୀ ଦର୍ଶାଇଛନ୍ତି। ୟୁଜିସି ନିୟମାବଳୀ ଅନୁସାରେ ପିଜି ସହିତ ପିଏଚଡି ଓ ନେଟ୍ ଆଦିକୁ ଯୋଗ୍ୟତା ମାନଦଣ୍ଡ ଭାବେ ଧାର୍ଯ୍ୟ କରାଯାଇଛି। ଏପରିକି ୟୁଜିସି ନିୟମାବଳୀ ଅନୁପାଳନ ପାଇଁ ୨୦୧୬ରେ ମଧ୍ୟ ସରକାରଙ୍କ ଗେଜେଟ ବିଜ୍ଞପ୍ତି ରହିଛି। ହେଲେ ଏସଏସବିର ଏହି ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାରେ ୟୁଜିସି ନିୟମାବଳୀକୁ ଉଲ୍ଲଙ୍ଘନ କରାଯାଇଥିବାରୁ ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୌଭାଗ୍ୟ ସ୍ୱାଇଁ ମାମଲା ପରିଚାଳନା କରୁଛନ୍ତି।

**ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନା**

# ବିକାଶ, ନୂଆ ଓଡ଼ିଶା, ନବୀନ ଓଡ଼ିଶାର ବଜେଟ

ଭୁବନେଶ୍ୱର, ୯ ା୨(ସମିସ):

ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନା ସମୟରେ ବିରୋଧୀଙ୍କ ଅଭିଯୋଗର କଡ଼ା ଜବାବ ରଖିଛନ୍ତି ଶାସକ ଦଳର ବିଧାୟକ। ଏକଦା ନିଅଣ୍ଟିଆ ରାଜ୍ୟ ଭାବେ ପରିଗଣିତ ହେଉଥିବା ଓଡ଼ିଶା କ୍ରମାଗତ ଭାବେ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି। ଦାରିଦ୍ର୍ୟ ଦୂରୀକରଣଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ଭିତ୍ତିଭୂମି ଉନ୍ନୟନ ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ ରାଜ୍ୟ ସରକାର ସଫଳ ହୋଇପାରିଛନ୍ତି। ନୂଆ ବଜେଟରେ ମଧ୍ୟ ସରକାର ସବୁ ବର୍ଗର ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହା ବିକାଶ, ନୂଆ ଓଡ଼ିଶା, ନବୀନ ଓଡ଼ିଶାର ବଜେଟ। ବ୍ୟୟମଞ୍ଜୁରୀ ବିଧେୟକ ଉପରେ ଆଲୋଚନାରେ ଭାଗନେଇ ଶାସକ ଦଳର ବିଧାୟକମାନେ ଉପରୋକ୍ତ ମତ ରଖିଛନ୍ତି।

ଶୁକ୍ରବାର ବିଧାନସଭାରେ ଏହି ଆଲୋଚନାରେ ଭାଗ ନେଇ ବିଜେଡି ବିଧାୟକ ଅମର ଶତପଥୀ କହିଲେ ଯେ ଏଥରର ବଜେଟ ସବୁ ରେକର୍ଡକୁ ଟପିଯାଇଛି। ଓଡ଼ିଶା ନିଜସ୍ୱ ସମ୍ବଳରୁ ବହୁ ଯୋଜନା କରୁଛି। ସୁଦୃଢ଼ ଆର୍ଥିକ ପରିଚାଳନା ଯୋଗୁଁ ଓଡ଼ିଶା ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ରୂପାନ୍ତରିତ ଓଡ଼ିଶା ଗଠନ ଦିଗରେ ଆଗେଇ ଚାଲିଛି। ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସରକାର ସଫଳ ହୋଇଛନ୍ତି।

> **ସୁଦୃଢ଼ ଆର୍ଥିକ ପରିଚାଳନା ଯୋଗୁଁ କମିଛି କେନ୍ଦ୍ରୀୟ ନିର୍ଭରଶୀଳତା**
>
> **ଶାସକ ଦଳର କଟାକ୍ଷ; ବିରୋଧୀଙ୍କୁ ଦେଖାଯାଉନି ରାଜ୍ୟ ବିକାଶ**
>
> **ନିର୍ବାଚନ ପ୍ରତିଶ୍ରୁତି ପୂରଣ କରି ପାରିନାହିଁ ଶାସକ ଦଳ: ବିରୋଧୀ**

ବିଧାୟକ ଶଶିଭୂଷଣ ବେହେରା କହିଲେ ଯେ ସରକାର ବଜେଟରେ ପ୍ରମୁଖ ୧୦ଟି ବିଭାଗ ଉପରେ ବିଶେଷ ଗୁରୁତ୍ୱ ଦେଇ ୫୪% ଅର୍ଥ ବ୍ୟୟବରାଦ କରାଯାଇଛି। '୫-ଟି' ଓ 'ମୋ ସରକାର' କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ନିରନ୍ତର ବିକାଶ କାର୍ଯ୍ୟ ଜାରି ରହିଛି। ଅପରପକ୍ଷେ ବାରମ୍ବାର ଦାବି ସତ୍ତ୍ୱେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଓଡ଼ିଶାକୁ ମିଳିଲା ନାହିଁ କି ଧାନର ଏମ୍‌ଏସ୍‌ପି ମଧ୍ୟ ବଢ଼ିଲା ନାହିଁ। ରାଜନୈତିକ ସ୍ଥିରତା କାରଣରୁ ରାଜ୍ୟ ପ୍ରଗତି ପଥରେ ଆଗେଇ ଚାଲିଛି ବୋଲି ବିଧାୟକ ଭୂପିନ୍ଦର ସିଂ କହିଥିଲେ। ବିଧାୟିକା ଲତିକା ପ୍ରଧାନ ବିରୋଧୀଙ୍କ ସମାଲୋଚନାର ଜବାବ ଦେଇ କହିଥିଲେ ଯେ ବିରୋଧୀ ସଦସ୍ୟମାନେ ରାଜ୍ୟ ସରକାରଙ୍କ ବିକାଶ ପ୍ରକ୍ରିୟାକୁ ବୁଝିପାରୁ ନାହାନ୍ତି।

ଆଲୋଚନାରେ ଭାଗନେଇ ବିଜେପି ବିଧାୟକ ମୋହନ ଚରଣ ମାଝୀ କହିଥିଲେ ଯେ ରାଜ୍ୟ ସରକାର ବିଶାଳକାୟ ବଜେଟ ଆଣୁଛନ୍ତି, ସ୍ୱତନ୍ତ୍ର କୃଷି ବଜେଟ ଅଣାଯାଉଛି; ହେଲେ ଚାଷୀଙ୍କ ଆୟ ବୃଦ୍ଧି ହୋଇପାରୁନାହିଁ। ବିଜେଡି ୨୦୧୯ ନିର୍ବାଚନ ପ୍ରତିଶ୍ରୁତି ପୂରଣ କରି ପାରିନାହିଁ। ବିଧାୟକ ମୁକେଶ ମହାଲିଙ୍ଗ କହିଥିଲେ ଯେ ରାଜ୍ୟ ବଜେଟ ସମ୍ପୂର୍ଣ୍ଣ ଭାବେ ଖଣି ରାଜସ୍ୱ ଉପରେ ନିର୍ଭରଶୀଳ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ ବଜେଟ ଅର୍ଥ ସଠିକ୍ ଢଙ୍ଗରେ ଖର୍ଚ୍ଚ ହେଉନାହିଁ। ଆଞ୍ଚଳିକ ବୈଷମ୍ୟ ଦୂର କରିବାରେ ସରକାର ବିଫଳ ହୋଇଛନ୍ତି। ରାଜ୍ୟରେ ଶ୍ରମିକ ଓ ଚାଷୀଙ୍କର ବିକାଶ ହୋଇନାହିଁ ବୋଲି ସେ ଅଭିଯୋଗ କରିଥିଲେ। କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା ଓ ତାରାପ୍ରସାଦ ବାହିନୀପତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଶେଷରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଉତ୍ତର ପରେ ବ୍ୟୟମଞ୍ଜୁରୀ ବିଧେୟକ ପାରିତ ହୋଇଥିଲା।

# ବିଭିନ୍ନ ଜିଲ୍ଲାରେ ସଂଗଠନ ସୁଦୃଢ଼ କଲା ବିଜେଡି

ଭୁବନେଶ୍ୱର, ୯ ା୨(ସମିସ): ସାଧାରଣ ଓ ବିଧାନସଭା ନିର୍ବାଚନ ଆସନ୍ନ। ଏହାର ଅବ୍ୟବହିତ ପୂର୍ବରୁ ବିଜେଡି ସଂଗଠନକୁ ଅଧିକ ଶକ୍ତିଶାଳୀ କରିବାକୁ ଆରମ୍ଭ କରିଛି ପ୍ରସ୍ତୁତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଭିନ୍ନ ଜିଲ୍ଲା ଓ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଛାମୁଆ ସଂଗଠନର କର୍ମକର୍ତ୍ତା, ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଇଛି। ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସରୋଜିନୀ ରାଜ ଓ ସୁଭଦ୍ରା ଦାସଙ୍କୁ ବିଜୁ ମହିଳା ଜନତା ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଯଥାକ୍ରମେ ନୂଆପଡ଼ା ଏବଂ ଭଦ୍ରକ ଜିଲ୍ଲା ଦାୟିତ୍ୱ ମିଳିଛି। ସସ୍ମିତାରାଣୀ ନାୟକ ମହିଳା ବିଜେଡିର ଛେଣ୍ଡିପଦା ଏବଂ ଆଠମଲ୍ଲିକ୍ ବିଧାନସଭା କ୍ଷେତ୍ରର ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତି ପାଇଛନ୍ତି।

ଧାମନଗର ବିଧାନସଭା କ୍ଷେତ୍ରର ଶଶଧର ସାମଲଙ୍କୁ ଭଦ୍ରକ ଜିଲ୍ଲା ବିଜେଡି କମିଟିରେ ସାଧାରଣ ସମ୍ପାଦକ ଭାବେ ଅବସ୍ଥାପିତ କରାଯାଇଛି। ଦଳର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ହସ୍ତାକ୍ଷରରେ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନୁରୂପ ଭାବରେ ୧୧ଜଣ ନେତାଙ୍କୁ ବିଜୁ ଛାତ୍ର ଜନତା ଦଳର ନିର୍ବାଚନମଣ୍ଡଳୀ ସହ ସଂଯୋଜକ ନିଯୁକ୍ତ କରାଯାଇଛି। ଅଲ୍ଲାରଖା ଖାନ୍ ଆଠମଲିକ୍ ବିଧାନସଭା କ୍ଷେତ୍ର ପାଇଁ ଛାତ୍ର ବିଜେଡି ପକ୍ଷରୁ ସହ ସଂଯୋଜକ ଦାୟିତ୍ୱ ପାଇଛନ୍ତି। ସେହିପରି ଦେବେଶ ଦାସ (ଖରିଆର), ଅସିତ ଦାସ (ଛେଣ୍ଡିପଦା), ଅଭିଷେକ ଜଗତ (ସମ୍ବଲପୁର), ପ୍ରଦୋଷ ପରିଡ଼ା (ରେଙ୍ଗାଲି), ମିଙ୍କୁ ପ୍ରଧାନ (କୁଚିଣ୍ଡା), ରଞ୍ଜିତ ଦାସ (ରେଢ଼ାଖୋଲ), ସୌମ୍ୟ ମହାପାତ୍ର (ଦେବଗଡ଼), ସୁଜିତ ପାଲଟାସିଂ (ଜୟପୁର), ଦେବୀ ପ୍ରସାଦ ଲେଙ୍କା (ନବରଙ୍ଗପୁର) ଏବଂ ଦୀନେଶ ପ୍ରଧାନ (ଭବାନୀପାଟଣା ଓ ନର୍ଲା) ସହ ସଂଯୋଜକ ନିଯୁକ୍ତ ହୋଇଛନ୍ତି। ଅପରପକ୍ଷେ ୩୫ ଜଣ ନେତାଙ୍କୁ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା ନିଯୁକ୍ତ କରାଯାଇଛି। ହରେକୃଷ୍ଣ ସୁଆର ଛାତ୍ର ବିଜେଡି ଉପ ସଭାପତି ନିଯୁକ୍ତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ଦିନବନ୍ଧୁ ପତି, ଓମ୍ ମହାପାତ୍ର, ରୁଦ୍ର ଆଚାର୍ଯ୍ୟ, ଅମିତ ଜେନା, ଜ୍ୟୋତିରଞ୍ଜନ ସାହୁ, ଶିବ ପ୍ରସାଦ ମହାପାତ୍ର, ସୁମିତ୍ରା ପଟ୍ଟନାୟକ, ଶୁଭଶ୍ରୀ ମଲ୍ଲିକ୍, ବୈଶାଳୀ ଦଳେଇଙ୍କୁ ନିଯୁକ୍ତ କରାଯାଇଛି। ଛାତ୍ର ବିଜେଡିର ନୂତନ ସମ୍ପାଦକ ଭାବେ ବିକାଶ ଧଳ, ଶାନ୍ତନୁ ମାଝି, ଉଦିତ ଭୋଇ, ଅଂଶୁମାନ ହୋତା, ସିଦ୍ଧାର୍ଥ ସ୍ୱାଇଁ, କୁଳଦୀପ ମହାପାତ୍ର, ସୁନିଲ କୁମାର ସାହୁ, ସ୍ୱରୂପ ରଞ୍ଜନ ମଲ୍ଲିକ୍, ରାଜଲକ୍ଷ୍ମୀ ପଟ୍ଟନାୟକ, ସୁରଭି ଭୌମିକ, ଚନ୍ଦନା ମଲ୍ଲିକ୍, ରାଜଶ୍ରୀ ଦାଶ, ସିପ୍ରା ସ୍ମିତା ମହାନ୍ତି, ସୁଶ୍ରୀ ସଙ୍ଗୀତା ପାତ୍ର, ସିପ୍ରା ସରିତା ରାଉତ, ସ୍ମୃତି ପ୍ରିୟଦର୍ଶିନୀ ସ୍ୱାଇଁ, ଦେବସ୍ମିତା ସାମଲ, ସ୍ୱରାଜ ଲକ୍ଷ୍ମୀ ପତି, ଅଭିଲିପ୍ସା ମହାନ୍ତି, ଶିବ ପ୍ରସାଦ ଦାସ, ସ୍ୱାଗତ ଦାସ, ଭୁଲନ ମଲ୍ଲ, ମନୋଜ ସାମଲ, ଭବାନୀ ଶଙ୍କର ଦାସ ଓ ନିଶିକାନ୍ତ ରାଜଙ୍କୁ ନିଯୁକ୍ତି ମିଳିଛି।

# ଭୁବନେଶ୍ୱର ସିଟି





ଏକାମ୍ର ଉତ୍ସବ ଉଦ୍‌ଯାପିତ

# ଜୁବିନ୍‌ଙ୍କ ଗୀତରେ ଝୁମିଲେ ଯୁବପିଢ଼ି

**ଭୁବନେଶ୍ୱର, ୯।୨(ସମିସ):**

ଯୁବପିଢ଼ିଙ୍କ ମନ ମୋହିଲେ କଣ୍ଠଶିଳ୍ପୀ ଜୁବିନ୍ ନୌଟିଆଲ୍। ୩୪ ବର୍ଷୀୟ ଏହି କଣ୍ଠଶିଳ୍ପୀଙ୍କ ଗୀତରେ ମନ୍ତୁଆଲା ହେଲେ ଦର୍ଶକ। ବିଶେଷକରି ତାଙ୍କୁ ଦେଖିବାକୁ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଭିତରେ ଗୋଟିଏ ବି ଚୌକି ଫାଙ୍କା ପଡ଼ି ନଥିଲା। ବାହାରେ ବି ଦର୍ଶକଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା। ଦର୍ଶକଙ୍କ ହୋ ହାଲ୍ଲାରେ କମ୍ପୁଥିଲା ପ୍ରଦର୍ଶନୀ ପଡ଼ିଆ। ସଙ୍ଗୀତର ତାଳେ ତାଳେ ନାଚିଉଠିଥିଲେ ଦର୍ଶକ। ପ୍ରିମିୟମ୍ ଗ୍ୟାଲେରୀରେ ବସିଥିବା ଯୁବପିଢ଼ି ମଞ୍ଚ ସାମ୍ନାରେ ରୁଣ୍ଡ ହୋଇ ଜୁବିନ୍‌ଙ୍କ ସଙ୍ଗୀତର ମଜା ନେଉଥିଲେ। ମଞ୍ଚ ନିକଟରେ ଥିବା ଯୁବତୀମାନେ ନିଜ ସେଲଫି ଫ୍ରେମ୍‌ରେ ଜୁବିନ୍‌ଙ୍କୁ ଆଣିବାକୁ ଚେଷ୍ଟା କରି ଫଟୋ କ୍ଲିକ୍ କରି ଚାଲିଥିଲେ। ପ୍ରଦର୍ଶନୀ ପଡ଼ିଆର ମାହୋଲ ପୂରା ଜୁବିନ୍‌ମାନିଆ ହୋଇଯାଇଥିଲା। ତୁମେ ଚାହିଁଲ ବୋଲି ଚକାଆଖି ... ଗୀତ ସହ ଅନ୍ୟାନ୍ୟ ହିନ୍ଦୀ ଗୀତ ବେଶ ଉପଭୋଗ କରିଥିଲେ ଶ୍ରୋତାମଣ୍ଡଳୀ। ହିନ୍ଦୀ ସଙ୍ଗୀତ ତେରେ ଜାନେକା ଗମ୍...ରୁ ଆରମ୍ଭ କରି ପୈହେଲା ନଶା..., ନୈୟା ପ୍ୟାର୍ ହେ..., ଏକ ମୁଲାକାତ୍ ହେ ତୁମ ମେରେ..., କାଲ୍ ରାସ୍ତେ ମେଁ ଗମ୍ ମିଲ୍ ଗୈୟାଥା..., ରାତା ଲମ୍ବିଆ, କଟେ ତେରେ ସଙ୍ଗିୟା...।

ଓଡ଼ିଆ ଭାଷା, ସଂସ୍କୃତିକୁ ନେଇ ଆରମ୍ଭ ହୋଇଥିବା ଏକାମ୍ର ଉତ୍ସବ ଶୁକ୍ରବାର ଶେଷ ହୋଇଛି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଏଥର ଏକାମ୍ର ଉତ୍ସବରେ ଏକାଧିକ କାର୍ଯ୍ୟକ୍ରମ ଓଡ଼ିଶାର କଳା, ସଂସ୍କୃତି, ହସ୍ତଶିଳ୍ପ ସାମଗ୍ରୀ, ଖାଦ୍ୟକୁ ନେଇ ହୋଇଥିଲା। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଆୟୋଜିତ ଏକାମ୍ର ଉତ୍ସବରେ ରାଜଧାନୀ ପାଲଟିଥିଲା ଆକର୍ଷଣର କେନ୍ଦ୍ର ବିନ୍ଦୁ। ଆକର୍ଷଣୀୟ ସାଜସଜ୍ଜା ସହ ପ୍ରଦର୍ଶନୀ ପଡ଼ିଆରେ ଲୋକଙ୍କ ମନୋରଞ୍ଜନ ପାଇଁ ସଙ୍ଗୀତର ମୂର୍ଚ୍ଛନା ସନ୍ଧ୍ୟା ସହ ଭୁବନେଶ୍ୱର କାହାଣୀ ଉତ୍ସବ, ଆମ ବ୍ୟଞ୍ଜନ, ଏକାମ୍ର ୱାକ୍, ଏକାମ୍ର ରାତ୍ରି ଫ୍ଲି ମାର୍କେଟ ଆୟୋଜନ କରାଯାଇଥିଲା। ଶେଷ ସନ୍ଧ୍ୟାରେ ବଲିଉଡର ଜଣାଶୁଣା କଣ୍ଠଶିଳ୍ପୀ ଜୁବିନ ନୌଟେଲଙ୍କ ଲାଇଭ ପ୍ରଦର୍ଶନ ରହିଥିଲା। ଯାହାକୁ ଦେଖିବାକୁ ଶ୍ରୋତାଙ୍କ ଭିଡ଼ ବେଶ୍ ଜମିଛି। ଏଥିସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆମ ବ୍ୟଞ୍ଜନ ଓ ରାତ୍ରିକାଳୀନ ବଜାରରେ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଛି। ଶେଷ ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।





# ଓୟୁଏଟି ପରିସରରେ ମିଲେଟ୍ ଶକ୍ତି କାଫେ




**ଭୁବନେଶ୍ୱର, ୯।୨(ସମିସ):** ଓଡ଼ିଶା ମିଲେଟ୍ସ ମିଶନ ଓ ମିଶନ ଶକ୍ତିର ମିଳିତ ଉଦ୍ୟମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ମିଲେଟ୍ ଶକ୍ତି କାଫେ ଉଦ୍‌ଘାଟିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି କାଫେକୁ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାର ପୁଷ୍ଟିକର ଖାଦ୍ୟ ମିଲେଟ୍‌କୁ ସହରବାସୀଙ୍କ ଖାଦ୍ୟ ଥାଳିରେ ସାମିଲ କରିବା ସହ ମିଲେଟ୍‌ର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହି କାଫେ ଖୋଲାଯାଇଛି। ମିଲେଟ୍ସ କାଫେର ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ପୁଷ୍ଟିଶସ୍ୟର ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଶା ମିଲେଟ୍ସ ମିଶନ ପକ୍ଷରୁ ବିଭିନ୍ନ ପଦକ୍ଷେପମାନ ନିଆଯାଉଛି। ଲୋକମାନଙ୍କୁ ପୁଷ୍ଟିକର ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ଯୋଗାଇବା ସହ ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ରୋଜଗାରକ୍ଷମ ହୋଇପାରିବେ। ଏହା ସହିତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ପୁଷ୍ଟିକର ଖାଦ୍ୟ ପାଇପାରିବେ। ଯେପରି ଅଧିକ ସଂଖ୍ୟକ ଲୋକଙ୍କୁ ମିଲେଟ୍ ଖାଦ୍ୟ ପ୍ରତି ଆକୃଷ୍ଟ କରାଯାଇପାରିବ, ସେଥିପାଇଁ ଏହି କାଫେରେ ପୁଷ୍ଟିଶସ୍ୟରୁ ବିଭିନ୍ନ ଖାଦ୍ୟ ଉପଲବ୍ଧ ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ଏହି ମିଲେଟ୍ ଶକ୍ତି କାଫେର ପରିଚାଳନା ଦାୟିତ୍ୱ ଭୁବନେଶ୍ୱର ୱାର୍ଡ ନମ୍ବର ୫୧ଅଧୀନରେ ଥିବା ସ୍ୱୟଂ ଶକ୍ତି ଆଞ୍ଚଳିକ ପରିଷଦର ମହିଳା ସଦସ୍ୟାମାନଙ୍କୁ ଦିଆଯାଇଛି। କାଫେରେ ମାଣ୍ଡିଆରୁ ପ୍ରସ୍ତୁତ ବରା, ଆଳୁଚପ, ବିଭିନ୍ନ ପିଠା, ଲଡୁ, ଚକୋଲେଟ, କେକ୍, ସୁଆଁ ଖିରୀ ଆଦି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରାଯିବାର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲ୍ଲାରେ ୯ଟି ମିଲେଟ୍ ଶକ୍ତି କାଫେ ରହିଥିବାବେଳେ ଭୁବନେଶ୍ୱରରେ ୩ଟି କାଫେ ଖୋଲାଯାଇଛି। ଏହି ଉଦ୍‌ଘାଟନୀ ସମାରୋହରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ଟାଟା ପାୱାରର ତୃତୀୟ ତ୍ରୈମାସିକ ରାଜସ୍ୱ ୧୪,୮୦୦ କୋଟି ଟପିଲା

**ଭୁବନେଶ୍ୱର, ୯।୨(ସମିସ):** ଟାଟା ପାୱାର ପକ୍ଷରୁ ଏହାର ତୃତୀୟ ତ୍ରୈମାସିକ ବ୍ୟାବସାୟିକ ଫଳାଫଳ ଘୋଷଣା କରାଯାଇଛି। ଏଥିରେ ଟାଟା ପାୱାରର ରାଜସ୍ୱ ୧୪,୮୦୦ କୋଟି ଟଙ୍କା ଅତିକ୍ରମ କରିଛି। କମ୍ପାନୀର ମୁଖ୍ୟ ବ୍ୟବସାୟ ବିଦ୍ୟୁତ ଉତ୍ପାଦନ, ପରିବହନ, ଆବଣ୍ଟନ ଓ ନବୀକରଣ ଭଳି ସେଗ୍‌ମେଣ୍ଟ ଟାଟା ପାୱାରକୁ ଏଭଳି ରାଜସ୍ୱ ଅଭିବୃଦ୍ଧି ହାସଲରେ ସାହାଯ୍ୟ କରିଛି। ଗତ ଆର୍ଥିକବର୍ଷରେ କମ୍ପାନୀ ୧୪,୩୩୯ କୋଟି ଟଙ୍କାର ରାଜସ୍ୱ ହାସଲ କରିଥିବାବେଳେ ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ୧୪,୮୪୧ କୋଟି ଯଙ୍କାର ରାଜସ୍ୱ ହାସଲ କରିଛି। ଏହି ତ୍ରୈମାସିକରେ ଟାଟ ପାୱାରର ଇବିଆଇଟିଡିଏ ରେ ୧୫ ପ୍ରତିଶତ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। କମ୍ପାନୀର ଟିକସ ପରବର୍ତ୍ତୀ ଲାଭ(ପ୍ୟାଟ୍) ରେକର୍ଡ ଅଭିବୃଦ୍ଧି ହାସଲ କରିଛି। ଓଡିଶାରେ ଟାଟା ପାୱାରର ଡିଷ୍ଟ୍ରିବ୍ୟୁସନ୍ ବ୍ୟାବସାୟରେ ପ୍ୟାଟ୍ ୬୩ କୋଟି ଟଙ୍କା ଲାଭ ହୋଇଛି। ଟାଟା ପାୱାରର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ଡ. ପ୍ରବୀର ସିହ୍ନା କହିଛନ୍ତି ଯେ,ଆମର ମୁଖ୍ୟ ବ୍ୟବସାୟ ଗୁଡିକରେ କ୍ରମାଗତ ଭାବେ ଉତ୍ତମ ପ୍ରଦର୍ଶନ ଜାରୀ ରହିବା କମ୍ପାନୀକୁ ରେକର୍ଡ ୧୭ କ୍ରମାଗତ ତ୍ରୈମାସିକ ପ୍ୟାଟ୍ ଅଭିବୃଦ୍ଧି ହାସଲ କରିବାରେ ସହାୟକ ହୋଇଛି।

# ଦିଲ୍ଲୀ ଛାତ୍ରଛାତ୍ରୀଙ୍କ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପରିଦର୍ଶନ

**ଭୁବନେଶ୍ୱର, ୯।୨(ସମିସ):** ସ୍ଥାନୀୟ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପରିସରରେ ଆଜି ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସହକାରୀ ପ୍ରଫେସର ଟି.ଲକ୍ଷ୍ମୀପ୍ରିୟା ଓ ତୁଲିକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିଲ୍ଲୀସ୍ଥିତ ଯୋଜନା ତଥା ବାସ୍ତୁକଳା ବିଦ୍ୟାଳୟ ପ୍ରତ୍ନତତ୍ତ୍ୱ ବିଭାଗର ଛାତ୍ରଛାତ୍ରୀମାନେ କେନ୍ଦ୍ର ପରିଦର୍ଶନ କରିବା ଅବସରରେ ଏହି ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ସମୟରେ ପ୍ରଫେସର ଶ୍ରୀ ପଣ୍ଡା ସଂସ୍କୃତ ଭାଷା ସମ୍ପର୍କରେ ଆଲୋକପାତ କରିବା ସହ ଉତ୍କୃଷ୍ଟ କଳାର ଦେଶ, ଉତ୍କଳର ପ୍ରତିଷ୍ଠିତ ମନ୍ଦିରମାନଙ୍କର ପ୍ରତ୍ନତାତ୍ତ୍ୱିକ ଢାଞ୍ଚା ବାବଦରେ ଆଲୋଚନା କରିବା ସହ କଳା, ଭାସ୍କର୍ଯ୍ୟ, ସ୍ଥାପତ୍ୟ ସମ୍ପର୍କରେ ଥିବା ବିଭିନ୍ନ ତତ୍ତ୍ୱ ଓ ତଥ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମନ୍ଦିରମାଳିନୀ ସହର ଏକାମ୍ର କ୍ଷେତ୍ରର ଐତିହ୍ୟ ବିଷୟରେ ମଧ୍ୟ ସେ ବର୍ଣ୍ଣନା କରିଥିଲେ। ଛାତ୍ରଛାତ୍ରଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିବା ବେଳେ ପ୍ରଫେସର ଶ୍ରୀ ପଣ୍ଡା ଓଡ଼ିଶାର ସଂସ୍କୃତି ଓ ବୈଭବମୟ ଅତୀତର ଅବତାରଣା କରିଥିଲେ।

■ ଓୟୁଏଟିରେ ଓଡ଼ିଶା ଉତ୍ପାଦକ ଗୋଷ୍ଠୀ ସମ୍ମିଳନୀ

# 'ଏଫ୍‌ପିଓ ସହ ସମ୍ପୃକ୍ତ ହୁଅନ୍ତୁ ଯୁବଗୋଷ୍ଠୀ'




**ଭୁବନେଶ୍ୱର, ୯।୨(ସମିସ):** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ପକ୍ଷରୁ ଓଡ଼ିଶା ଉତ୍ପାଦକ ଗୋଷ୍ଠୀ ସମ୍ମିଳନୀ(ଏଫ୍‌ପିଓ) ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏଫ୍‌ପିଓ ଜରିଆରେ ଚାଷୀଙ୍କୁ ମିଳୁଥିବା ରୋଜଗାର ସମ୍ପର୍କରେ ଆଲୋକପାତ କରିଛନ୍ତି। ଏହାସହ ଯୁବଗୋଷ୍ଠୀ ସମ୍ପୃକ୍ତ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଏଫ୍‌ପିଓ ଜରିଆରେ ସାହାଯ୍ୟ ଯୋଗାଇବା ପାଇଁ ସରକାର ସହାୟତା ଯୋଗାଉଥିବା କହିଛନ୍ତି। ସମ୍ମାନିତ ଅତିଥି ଭାବେ ବିଭାଗୀୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଯୋଗଦେଇ ଚାଷୀଙ୍କ ପାଇଁ ବଜାର ବ୍ୟବସ୍ଥା, ବଜାର ସଂଯୋଗୀକରଣ, ଋଣ ବ୍ୟବସ୍ଥା ଆଦି ସବୁକୁ ଧ୍ୟାନ ଦେବାକୁ ହେବ। ଏଥିପାଇଁ ଏଫ୍‌ପିଓ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ସେହିପରି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି, ଚାଷୀଙ୍କ ବିକାଶକୁ ପ୍ରାଥମିକ କର୍ତ୍ତବ୍ୟ ଭାବେ ବିବେଚନା କରୁଥିବା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏଫ୍‌ପିଓ ପାଇଁ କାମ କରୁଥିବା ୩୪ଟି ବ୍ୟବସାୟିକ ଓ ୫ଟି ବ୍ୟବସାୟିକ କାର୍ଯ୍ୟକାରୀ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ସ୍ୱାଗତ ଭାଷଣ ଦେଇଥିବାବେଳେ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ଓ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନଜିତ ମିଶ୍ର ଧନ୍ୟବାଦ ଦେଇଛନ୍ତି।

# ୬ ସଂସ୍ଥା ସହ ଓରମାସ୍‌ର ବୁଝାମଣା




ଭୁବନେଶ୍ୱର, ୯।୨(ସମିସ): ଗ୍ରାମୀଣ ବିକାଶ ଦିଗରେ ୨୦ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରି ଆସୁଥିବା ଓରମାସ୍ ଆଉ ଏକ ଅଭିନବ ପଦକ୍ଷେପ ନେଇଛି। ଗୁରୁବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓରମାସ୍ ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥା ସହିତ ୬ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛି।

## ଗ୍ରାମୀଣ ବିକାଶ ଦିଗରେ ଅଭିନବ ପଦକ୍ଷେପ

ଲୁଧିଆନାସ୍ଥିତ ଭାରତୀୟ ମକା ଗବେଷଣା ପ୍ରତିଷ୍ଠାନ (ଆଇଆଇଏମଆର୍), ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ(ସିଡାକ୍), ବିଶ୍ୱ ଦକ୍ଷତା କେନ୍ଦ୍ର (ଡବ୍ଲ୍ୟୁଏସସି), ସରକାରୀ ଇ-ମାର୍କେଟ ପ୍ଲେସ୍(ଜି-ଇ-ଏମ୍), ଉଷା ଇଣ୍ଟରନ୍ୟାସନାଲ ଲିମିଟେଡ ଏବଂ ଓଡ଼ିଶା ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିମିଟେଡ(ଟିଡିସିସିଓଏଲ) ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍, ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ ଲୋହାନି, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷା ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଲକା ଆରୋରା ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଓରମାସ୍ ପକ୍ଷରୁ ନିର୍ଦ୍ଦେଶିକା ତଥା ସିଇଓ ଗୁହା ପୁନମ୍ ତାପସ କୁମାର ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏଥିରେ ସ୍ୱାକ୍ଷରକାରୀ ସଂସ୍ଥାର ପ୍ରତିନିଧି ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ତେବେ ଏହା ଦ୍ୱାରା ଗ୍ରାମୀଣ କାରିଗର, କୃଷକ ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ ଉଦ୍ୟୋଗ, ମହିଳା ଗୋଷ୍ଠୀ, ସ୍ୱଧାର ଗୃହ ଅନ୍ତେବାସୀଙ୍କ ଦକ୍ଷତା ବିକାଶ, ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ଆଦି ଦିଗରେ ସହାୟକ ହେବ ବୋଲି ଓରମାସ୍ ପକ୍ଷରୁ କୁହାଯାଇଛି।

## ସରିଲା ପଞ୍ଚମ ଓଡ଼ିଶା ଟ୍ରାଭେଲ ବଜାର

# ଓଡ଼ିଶାର ସାଂସ୍କୃତିକ ଓ ଐତିହାସିକ ସ୍ଥାପତ୍ୟକୁ ପ୍ରଶଂସା

**ଭୁବନେଶ୍ୱର, ୯।୨ (ସମିସ):**

ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ଏଫ୍‌ଆଇସିସିଆଇ ଦ୍ୱାରା ମିଳିତ ଭାବେ ଆୟୋଜିତ ୫ମ ଓଡ଼ିଶା ଟ୍ରାଭେଲ ବଜାର-୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୪ଟି ଦେଶରୁ ବିଦେଶୀ ଟୁର୍ ଅପରେଟର ଏବଂ ଭାରତର ୧୭ଟି ରାଜ୍ୟର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ବିଦେଶୀ ଟୁର ଅପରେଟର୍‌ମାନେ ତ୍ରୟୋଦଶ ଶତାବ୍ଦୀର ଚମତ୍କାର ସ୍ଥାପତ୍ୟ କଳାକୃତି ଓ ସାଂସ୍କୃତିକ ମହତ୍ତ୍ୱରେ ବିମୋହିତ ହୋଇଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ନିମଜ୍ଜିତ ଅନୁଭୂତି ପ୍ରଦାନ କରିଥିବା ବେଳେ ଅଂଶଗ୍ରହଣକାରୀଙ୍କୁ ଜଗନ୍ନାଥ ମନ୍ଦିରର ଚାରିପାର୍ଶ୍ୱର ଆଧ୍ୟାତ୍ମିକ ପରିବେଶକୁ ମଧ୍ୟ ଅନୁଭବ କରିଥିଲେ। ଲଳିତଗିରି, ରତ୍ନଗିରି, ଉଦୟଗିରିର ପ୍ରାଚୀନ ବୌଦ୍ଧ ମନ୍ଦିର ଓ ସ୍ତୂପଗୁଡ଼ିକୁ ପରିଦର୍ଶନ ସହ ଓଡ଼ିଶାରେ ବୌଦ୍ଧ ଧର୍ମର ସମୃଦ୍ଧ ଇତିହାସର ଅନୁଭୂତି ପାଇଥିଲେ। ତେବେ ଏହି କାର୍ଯ୍ୟକ୍ରମ କେବଳ ଓଡ଼ିଶାର ପର୍ଯ୍ୟଟନ ଉତ୍ପାଦଗୁଡିକୁ ପ୍ରଦର୍ଶିତ କରିବା ପାଇଁ ନୁହେଁ, ବରଂ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ଓ ଅନ୍ତର୍ଜାତୀୟ ଟ୍ରାଭେଲ ଏଜେନ୍ସି ମଧ୍ୟରେ ସହଭାଗିତା ଓ ସହଯୋଗିତା ବିକଶିତ କରିବା ପ୍ରମୁଖ ଲକ୍ଷ୍ୟ ରହିଥିଲା। ଅନ୍ତର୍ଜାତୀୟ ପର୍ଯ୍ୟଟନ ପାଇଁ ଥାଇଲ୍ୟାଣ୍ଡର ଟୁର୍ ଅପରେଟର୍‌ମାନେ ଓଡ଼ିଶା ସହ ନିଜର ସଂଯୋଗ ସ୍ଥାପନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଓଡ଼ିଶାର ସାଂସ୍କୃତିକ ସମୃଦ୍ଧତା ଓ ଐତିହାସିକ ଉତ୍କର୍ଷ ଦ୍ୱାରା ବିମୋହିତ ହୋଇ ଏହି ଥାଇ ଟୁର୍ ଅପରେଟରମାନେ ଦୁଇ ଦେଶ ମଧ୍ୟରେ ଏକ ତତ୍କାଳ ସାଂସ୍କୃତିକ ବିନିମୟ ପାଇଁ ସମ୍ଭାବନାକୁ ଚିହ୍ନଟ କରିଥିଲେ। ଏହି ଅବସରରେ ଏକ୍ସୋରେସ୍ ଇଣ୍ଟରନ୍ୟାସନାଲର ଏମ୍‌ଡି ସୁଥିମ ସାଚାଫିମୁଖ କହିଛନ୍ତି, ଲୋକମାନଙ୍କ ସହ ସଂଯୋଗ କରିବା ଓ ଓଡ଼ିଶାକୁ ପର୍ଯ୍ୟଟନର ବିସ୍ତାର କରିବା ପାଇଁ ଏହା ଏକ ଉନ୍ନତ ସୁଯୋଗ। ଆମେ ଆମର ସମସ୍ତ ବ୍ୟାଙ୍ଗକକ୍ ସହଯୋଗୀଙ୍କ ସହିତ ଏଠାକୁ ଆସି ଖୁବ୍ ଆନନ୍ଦିତ। ଇଣ୍ଡିଆନ ଆସୋସିଏସନ୍ ଅଫ୍ ଥାଇଲ୍ୟାଣ୍ଡର ଉପାଧ୍ୟକ୍ଷ ସୋମ୍‌ସଙ୍ଗ ସମୁଖ୍ କହିଥିଲେ ଯେ ଥାଇଲ୍ୟାଣ୍ଡର ଅଧିକାଂଶ ଲୋକଙ୍କର ବୌଦ୍ଧ ଧର୍ମରେ ବିଶ୍ୱାସ ରହିଛି। ତେଣୁ ମୁଁ ଓଡ଼ିଶାକୁ ଥାଇଲ୍ୟାଣ୍ଡରେ ଏକ ପର୍ଯ୍ୟଟନ ଗନ୍ତବ୍ୟବସ୍ଥଳୀ ଭାବେ ପ୍ରୋତ୍ସାହିତ କରୁଛି। ବର୍ତ୍ତମାନ ବ୍ୟାଙ୍ଗକକ୍‌ରୁ ଭୁବନେଶ୍ୱରକୁ ସିଧାସଳଖ ବିମାନ ସେବା ଉପଲବ୍ଧ ରହିଛି। ତେଣୁ ଭାରତ ଦେଶର ପ୍ରମୁଖ ବୁଦ୍ଧିଷ୍ଟ ସାଇଟ୍‌ଗୁଡ଼ିକ ପାଇଁ ସିଧାସଳଖ ବିମାନ ଚଳାଚଳ ସୁବିଧା କରିପାରିବ। ଗଠନମୂଳକ ବୈଠକ ପରେ ବିଦେଶୀ ଟୁର୍ ଅପରେଟରମାନଙ୍କ ପାଇଁ ଚିହ୍ନାପରିଚିତ (ଫ୍ୟାମ) ଭ୍ରମଣ ମଧ୍ୟ ଆୟୋଜନ କରାଯାଇଛି। ଏହି ଭ୍ରମଣଗୁଡ଼ିକ ଏଫଟିଓମାନଙ୍କୁ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଜୈବ ବିବିଧତା ଏବଂ ଅନନ୍ୟ ପର୍ଯ୍ୟଟନ ଅନୁଭୂତିର ପ୍ରାଥମିକ ଅନୁଭୂତି ପ୍ରଦାନ କରିବ, ଯାହାଦ୍ୱାରା ସେମାନଙ୍କର ବୁଝାମଣା ଏବଂ ସାମର୍ଥ୍ୟ ବୃଦ୍ଧି ପାଇବ। ଏଫଏଟିଓମାନଙ୍କୁ ରଘୁରାଜପୁର, ପିପିଲି, ଧଉଳି ଶାନ୍ତି ସ୍ତୁପ, ଇକୋ ରିଟ୍ରିଟ ସାତକୋଶିଆ



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୦୫ ● ପାଉଣ୍ଡ ୧୦୪.୯୩
- ୟୁରୋ ୮୯.୮୧ ● ୟେନ୍ ୦.୫୫

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୦୦୦ (ନୂଆଦିଲ୍ଲୀ)
- ରୁପା : ୭୪,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୫୯୫.୦୦
- ନିଫ୍ଟି ୨୧,୭୮୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



**ଆରବିଆଇ ସୂଚନା**

# ଫେବୃଆରୀ ୨୯ ପରେ ବି ଚାଲିବ ପେଟିଏମ୍ ଆପ୍

**ନୂଆଦିଲ୍ଲୀ ୯।୨(ଏଜେନ୍ସି)**

ପେଟିଏମ ପେମେଣ୍ଟସ ବ୍ୟାଙ୍କ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରିଜର୍ଭ ବ୍ୟାଙ୍କ ପେଟିଏମ ପେମେଣ୍ଟସ ବ୍ୟାଙ୍କ ବିରୋଧରେ ଲଗାଯାଇଥିବା ନିଷେଧାଦେଶ ଆଦେଶ ଜାରି କରିଛି। ଏଥିରେ ଫେବୃଆରୀ ୨୯ରୁ ପେଟିଏମ ପେମେଣ୍ଟସ ବ୍ୟାଙ୍କ ଲିମିଟେଡକୁ କୌଣସି କଷ୍ଟମର ଆକାଉଣ୍ଟ, ପ୍ରିପେଡ୍, ୱାଲେଟ୍ ଏବଂ ଫାଷ୍ଟଟ୍ୟାଗ୍‌ରେ ଜମା କିମ୍ବା ଟପ୍-ଅପ୍ ସ୍ୱୀକାର କରିବ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ତେବେ ଏହାମଧ୍ୟରେ ଶୁକ୍ରବାର ରିଜର୍ଭ ବ୍ୟାଙ୍କ କମ୍ପାନୀକୁ ନେଇ ଆଉ ଏକ ବଡ଼ ଅପଡେଟ ଦେଇଛି। ଏହି ଅନୁଯାୟୀ, ୨୯ ତାରିଖ ପରେ ମଧ୍ୟ ପେଟିଏମ ଆପ୍ ବନ୍ଦ ହେବନାହିଁ ବୋଲି ଆରବିଆଇ କହିଛି।



ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ପରେ ପେଟିଏମ ବ୍ୟବହାର କରୁଥିବା ଗ୍ରାହକମାନଙ୍କର ସମସ୍ୟା ବଢିଯାଇଥିଲା। ଏହାକୁ ନେଇ ଅନେକଙ୍କର ମନରେ ବିଭିନ୍ନ ପ୍ରଶ୍ନ ରହିଥିବା କି ପେଟିଏମ୍ ପେମେଣ୍ଟସ ବ୍ୟାଙ୍କ ଏବଂ ପେଟିଏମ୍ ଆପ୍ ଗୋଟିଏ ବୋଲି ଧରତି ନେଉଛନ୍ତି। ଏମିତିକି କେତେକ ୟୁଜର ଫେବୃଆରୀ ୨୯ ପରେ ପେଟିଏମ ଆପ୍ ମଧ୍ୟ ବନ୍ଦ ହୋଇଯିବ ବୋଲି ଭୟ କରୁଛନ୍ତି। ତେବେ ଏ ନେଇ ରିଜର୍ଭ ବ୍ୟାଙ୍କ କହିଛି ଯେ, ଫେବୃଆରୀ ୨୯ ତାରିଖ ପରେ ପେଟିଏମ୍ ଆପ୍ ବନ୍ଦ ହେବନାହିଁ। ଏହି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ କେବଳ ପେଟିଏମ ପେମେଣ୍ଟସ ବ୍ୟାଙ୍କ ବିରୋଧରେ ଗ୍ରହଣ କରାଯାଇଛି। ତେଣୁ ପେଟିଏମ୍ ଆପ୍ ଏହାଦ୍ୱାରା ପ୍ରଭାବିତ ହେବନାହିଁ ବୋଲି ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ସ୍ୱାମୀନାଥନ ଜେ. ସ୍ପଷ୍ଟ ସୂଚନା ଦେଇଛନ୍ତି।

## ପେଟିଏମ୍ ଇ-କମର୍ସ ହେଲା 'ପାଇ ପ୍ଲାଟଫର୍ମ'




ନୂଆଦିଲ୍ଲୀ, ୯।୨(ଏଜେନ୍ସି): ପେଟିଏମ୍ ଇ-କମର୍ସ ଏହାର ନାମ ପାଇ ପ୍ଲାଟଫର୍ମରେ ପରିବର୍ତ୍ତନ କରିଛି। ଅନଲାଇନ୍ ଖୁଚୁରା ବ୍ୟବସାୟରେ ଅଂଶଧନ ବଢ଼ାଇବା ପାଇଁ କମ୍ପାନୀ ବିଟ୍‌ଶିଲାର ଅଧିଗ୍ରହଣ କରିଛି। ଏଠାରେ ସୂଚନାଯୋଗ୍ୟ ଯେ, ବିଟ୍‌ଶିଲା ହେଉଛି ଏକ ବିକ୍ରେତା ବା ସେଲର୍ସ ପ୍ଲାଟଫର୍ମ। ରିପୋର୍ଟ ଅନୁଯାୟୀ, କମ୍ପାନୀ ପ୍ରାୟ ତିନିମାସ ପୂର୍ବରୁ ନାମ ପରିବର୍ତ୍ତନ ପାଇଁ ଆବେଦନ କରିଥିଲା। ଫେବୃଆରୀ ୮ରେ, ଏହା ରେଜିଷ୍ଟ୍ରାର୍ ଅଫ୍ କମ୍ପାନୀଜ୍‌ର ଅନୁମୋଦନ ଲାଭ କଲା। ଫେବୃଆରୀ ୮ ର ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ୍ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, କମ୍ପାନୀର ନାମ ପେଟିଏମ୍ ଇ-କମର୍ସ ପ୍ରାଇଭେଟ ଲିମିଟେଡରୁ ପାଇ ପ୍ଲାଟଫର୍ମ ପ୍ରାଇଭେଟ ଲିମିଟେଡକୁ ପରିବର୍ତ୍ତନ କରାଯାଇଛି।

ପେଟିଏମ୍ ଇ-କମର୍ସରେ ଏଲିଭେସନ୍ କ୍ୟାପିଟାଲ୍ ହେଉଛି ସବୁଠାରୁ ବଡ ଅଂଶୀଦାର। ଏହାକୁ ପେଟିଏମ୍ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବିଜୟ ଶେଖର ଶର୍ମା, ସଫ୍ଟବ୍ୟାଙ୍କ ଏବଂ ଇବେ ମଧ୍ୟ ସମର୍ଥନ କରିଛନ୍ତି। କମ୍ପାନୀ ବର୍ତ୍ତମାନ ଇନୋବିଟ୍ସ ସଲ୍ୟୁସନ୍ ପ୍ରାଇଭେଟ ଲିମିଟେଡ୍ (ବିଟ୍‌ଶିଲା) ଅଧିଗ୍ରହଣ କରିଛି। ଏହା ୨୦୨୦ ରେ ଆରମ୍ଭ କରାଯାଇଥିଲା। ଏହା ଏକ ଓଏନ୍‌ଡିସି ବିକ୍ରେତା ପ୍ଲାଟଫର୍ମ ଭାବରେ ଫୁଲ୍-ଷ୍ଟେକ୍ ଓମନିଚ୍ୟାନେଲ୍ ଏବଂ ହାଇପରଲୋକାଲ୍ ବାଣିଜ୍ୟ କ୍ଷମତା ସହିତ କାର୍ଯ୍ୟ କରିଥାଏ। ଓପନ ନେଟୱାର୍କ ଫର ଡିଜିଟାଲ କମର୍ସ (ଓଏନ୍‌ଡିସି ) ହେଉଛି ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ଏକ ପଦକ୍ଷେପ, ଯାହାର ଉଦ୍ଦେଶ୍ୟ ହେଉଛି ଛୋଟ ଖୁଚୁରା ବ୍ୟବସାୟୀମାନଙ୍କୁ ଡିଜିଟାଲ ବାଣିଜ୍ୟର ଲାଭ ଉଠାଇବାରେ ସାହାଯ୍ୟ କରିବା ପାଇଁ ଏକ ସୁବିଧାଜନକ ମଡେଲ ସୃଷ୍ଟି କରିବା। ପାଇ ଟଫର୍ମଗୁଡିକ ଓଏନ୍‌ଡିସି ନେଟୱାର୍କରେ ଏକ ଅଗ୍ରଣୀ କ୍ରେତା ପ୍ଲାଟଫର୍ମ ଏବଂ ବିଟ୍‌ଶିଲା ଅଧିଗ୍ରହଣ ଏହାର ବାଣିଜ୍ୟ କାର୍ଯ୍ୟକଳାପକୁ ଆହୁରି ବଢ଼ାଇବ।

# ୨୦ଟି କ୍ରିଟିକାଲ ଓ ଷ୍ଟ୍ରାଟେଜିକ ଖଣିଜ ବ୍ଲକର ନିଲାମ

## ଖଣି ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରରେ ରୋଡ଼ ଶୋ'



**ଭୁବନେଶ୍ୱର, ୯।୨(ସମିସ):** କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଦ୍ୱାରା ଗତ ନଭେମ୍ବର ମାସରେ ଆରମ୍ଭ ହୋଇଥିବା କ୍ରିଟିକାଲ୍ ଏବଂ ଷ୍ଟ୍ରାଟେଜିକ୍ ମିନେରାଲ୍ସର ନିଲାମିକୁ ସଫଳ କରିବା ନିମନ୍ତେ ଭୁବନେଶ୍ୱରରେ ଏକ ରୋଡ୍ ଶୋ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଆଶାୟୀ ବିଡରମାନେ ଯୋଗଦେଇଥିଲେ। ଏହି ଅବସରରେ ଖଣି ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ନାଲକୋ ସିଏମଡି ଶ୍ରୀଧର ପାତ୍ର ଏବଂ ଖଣି ମନ୍ତ୍ରଣାଳୟର ନିଯୁକ୍ତ ଅଧିକାରୀ ତଥା ଯୁଗ୍ମ ସଚିବ ଡ. ବୀଣା କୁମାରୀ ଡର୍ମାଲ ଉପସ୍ଥିତ ରହି ଆଶାୟୀ ବିଡର, ଶିଳ୍ପ ପରାମର୍ଶଦାତା ଏବଂ ଖଣିଜ ଅନୁସନ୍ଧାନ ଏଜେନ୍ସିଗୁଡ଼ିକ ସହ ଆଲୋଚନା କରିଥିଲେ। ନିଲାମ ପ୍ରକ୍ରିୟା ବିଷୟରେ ସମ୍ଭାବ୍ୟ ବିଡରମାନଙ୍କୁ ମାର୍ଗଦର୍ଶନ ଦେବା ଏହି ରୋଡ୍ ସୋ ର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ମୋଟ ୨୦ଟି କ୍ରିଟିକାଲ୍ ଏବଂ ଷ୍ଟ୍ରାଟେଜିକ୍ ଖଣିଜ ବ୍ଲକ ନିଲାମ କରାଯାଉଛି। ଏଥିରେ ୧୬ ଗୋଟି କମ୍ପୋଜିଟ୍ ଲାଇସେନ୍ସ ସହ ୪ ଗୋଟି ମାଇନିଙ୍ଗ ଲିଜ୍ ଅନ୍ତର୍ଭୁକ୍ତ। ପ୍ରାରମ୍ଭିକ ଭାଷଣରେ ଶ୍ରୀ ପାତ୍ର ଦେଶରେ ଆଧୁନିକ ବୈଷୟିକ ଜ୍ଞାନକୌଶଳ, ଅର୍ଥନୈତିକ ଅଭିବୃଦ୍ଧି ଏବଂ ଜାତୀୟ ନିରାପତ୍ତା କ୍ଷେତ୍ରରେ କ୍ରିଟିକାଲ୍ ଏବଂ ଷ୍ଟ୍ରାଟେଜିକ୍ ମିନେରାଲ୍ସର ଭୂମିକା ଉପରେ ଆଲୋକପାତ କରିଥିଲେ।

**କଳିଙ୍ଗ ମାରିଟାଇମ୍ ଏକ୍ସପୋ-୨୦୨୪ ଉଦ୍‌ଘାଟିତ**

# 'ବୃତ୍ତିଗତ ମନୋବୃତ୍ତି ରଖିଲେ ସମୃଦ୍ଧି ମିଳିବ'



**କଟକ, ୯ ।୨ (ସମିସ):** ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ରାଜ୍ୟ ସରକାର ସର୍ବଦା ପ୍ରସ୍ତୁତ ଅଛନ୍ତି। କିଛି ଦିନ ପୂର୍ବେ ସରକାର ନୂଆ ଆମଦାନୀ ନୀତି ଘୋଷଣା କରିଛନ୍ତି। ଯଦ୍ୱାରା କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନଙ୍କୁ ଅଗ୍ରାଧିକାର ଦିଆଯିବା ସହ କୋହଳ ନୀତି ଅବଲମ୍ବନ କରାଯିବ। ସରକାରଙ୍କଠାରୁ ଦ୍ରବ୍ୟ କିଣିବା ଉପରେ ରିଆତି ମିଳିବ। ଏତଦବ୍ୟତୀତ ରାଜ୍ୟ ସରକାରଙ୍କ ଆଉ ଏକ ଯୋଜନା ହେଉଛି, ଚିଫ ମିନିଷ୍ଟର ସ୍କିମ ଫର ରିଏମ୍ବର୍ସମେଣ୍ଟରେ ଯେଉଁ ଉଦ୍ୟୋଗପତିମାନେ ଋଣ ବାବଦରେ ସୁଧ ଦେଉଛନ୍ତି, ସେଥିରୁ କିଛି ପ୍ରତିଶତ ଫେରାଇ ଦିଆଯିବ। ଏହି ଯୋଜନା ପ୍ରଚଳିତ ହୋଇଛି। ପ୍ରାୟ ୨ହଜାର ଉଦ୍ୟୋଗପତି ଏହାର ଫାଇଦା ପାଇଁ ଆବେଦନ କରିଛନ୍ତି। ଏମାନଙ୍କୁ ୩୫କୋଟିରୁ ଅଧିକ ଟଙ୍କା ସରକାର ରିଏମ୍ବର୍ସମେଣ୍ଟ ସ୍କିମରେ ଆଗାମୀ ଦିନରେ ତାଙ୍କୁ ପ୍ରଦାନ କରିବେ। ସେହିପରି ନୌବାଣିଜ୍ୟ କ୍ଷେତ୍ରରେ ସରକାର ମଧ୍ୟ ପଦକ୍ଷେପ ନେଇଛନ୍ତି। ଫଳରେ ଆଗାମୀ ଦିନରେ ଗୋପାଳପୁର ବନ୍ଦରରୁ ଅନେକ ଦ୍ରବ୍ୟର ଆମଦାନୀ ଓ ରପ୍ତାନୀ କରାଯିବ। ଏମଏସ୍‌ଏମଇ କ୍ଷେତ୍ର ଏଥିରୁ ଲାଭବାନ ହେବେ ବୋଲି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ବାଲିଯାତ୍ରା ଉପର ପଡ଼ିଆରେ ଶୁକ୍ରବାର ଉଦ୍ଘାଟିତ ହୋଇଥିବା କଳିଙ୍ଗ ମାରିଟାଇମ୍ ଏକ୍ସପୋ-୨୦୨୪ରେ ଯୋଗଦେଇ କହିଛନ୍ତି।

ଏହି ପ୍ରଦର୍ଶନୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମଇ ବିଭାଗ, ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏସନ, ନାଭି ଫାଉଣ୍ଡେସନ ଓଡ଼ିଶା ଚାପ୍ଟର ଏବଂ ଇଡକୋର ମିଳିତ ସହଯୋଗରେ ନୌସେନା ଯନ୍ତ୍ରପାତି ନିର୍ମାଣ ଏବଂ ଏହାର ବ୍ୟବହାର ସଂକ୍ରାନ୍ତରେ ପ୍ରଦର୍ଶନୀ ଏବଂ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। କଟକ ମେୟର ସୁବାସ ସିଂହ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏସନର ଏଭଳି ପ୍ରୟାସ ନୂତନ ଉଦ୍ୟୋଗୀ ସୃଷ୍ଟି କରିବାରେ ସହାୟକ ହେବ ବୋଲି ମତ ଦେଇଥିଲେ। ଓଆଇଏର ଅଧ୍ୟକ୍ଷ ଅବନୀ କାନୁନଗୋ ସ୍ୱାଗତ ଭାଷଣ ଦେଇଥିଲେ। ଏମଏସ୍‌ଏମଇର ନିର୍ଦ୍ଦେଶକ ପି.କେ ଗୁପ୍ତା ମୁଖ୍ୟବକ୍ତା ଭାବେ, ନାଭି ଫାଉଣ୍ଡେସନ ଓଡ଼ିଶା ଚାପ୍ଟର ପ୍ରେସିଡେଣ୍ଟ ଭାଇସ ଆଡମିରାଲ ଆର.କେ ପଟ୍ଟନାୟକ ଅତିଥି ଭାବେ ଏବଂ ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏସନର ସଭାପତି ସୁଶାନ୍ତ କୁମାର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇଥଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଓଆଇଏର ସାଧାରଣ ସମ୍ପାଦକ ଗୌର ଗୋପାଳ ସେନ , ପୂର୍ବତନ ସଭାପତି ରାଜେଶ କାନୁନଗୋ, ସଂଯୋଜକ ପ୍ରଫୁଲ୍ଲ ସିଂହ, ଉପସଭାପତି ବିନୋଦ ଭୂତ ପ୍ରମୁଖ ଉପସ୍ଥିତ ଥିଲେ।

## ଟାଟା ଷ୍ଟିଲ୍ କଳିଙ୍ଗନଗର ଓ ମେରାମଣ୍ଡଳୀ କାରଖାନାକୁ ରେସ୍ପନ୍ସିବଲ୍ ଷ୍ଟିଲ୍ ସାର୍ଟିଫିକେସନ

**ଭୁବନେଶ୍ୱର, ୯।୨(ସମିସ):** ଟାଟା ଷ୍ଟିଲ୍‌ର କଳିଙ୍ଗନଗର ଓ ମେରାମଣ୍ଡଳୀ କାରଖାନା ରେସ୍ପନ୍ସିବଲ୍ ସାର୍ଟିଫିକେସନ ହାସଲ କରିଛନ୍ତି। ୨୦୨୨ରେ କମ୍ପାନିର ଜାମସେଦପୁର କାରଖାନା ପ୍ରଥମ ଭାରତୀୟ ଇସ୍ପାତ କାରଖାନା ଭାବେ ଏହି ଐତିହାସିକ ସଫଳତା ହାସଲ କରିଥିଲା। ଟାଟା ଷ୍ଟିଲ୍ ଏବେ ରେସ୍ପନ୍ସିବଲ୍ ଷ୍ଟିଲ୍ ସାର୍ଟିଫିକେସନ ହାସଲ କରିଥିବା କାରଖାନାରୁ ଏହାର ୯୦ ପ୍ରତିଶତ ଇସ୍ପାତ ଉତ୍ପାଦନ କରୁଛି। ୨୦୨୨ ଅକ୍ଟୋବରରେ କମ୍ପାନିର ଜାମସେଦପୁର କାରଖାନାର ତିନିଟି ଡିଭିଜନ ଯଥା ଷ୍ଟିଲ୍ ୱାର୍କସ୍, ଟ୍ୟୁବ୍ସ ଡିଭିଜନ ଓ କୋଲ୍ଡ ରୋଲିଂ ମିଲ୍କୁ ଏହି ସାର୍ଟିଫିକେସନ ମିଳିଥିଲା। ସେଥିରେ କଳିଙ୍ଗନଗର ଓ ମେରାମଣ୍ଡଳୀ କାରଖାନାକୁ ସାମିଲ କରାଯିବା ଦାୟିତ୍ୱବାନ ବ୍ୟବସାୟ ଅଭ୍ୟାସ ଓ ପରିବେଶ ଦାୟିତ୍ୱ କମ୍ପାନୀର ରହିଥିବା ସମର୍ପଣ ଭାବକୁ ଦର୍ଶାଉଛି। ଟାଟା ଷ୍ଟିଲର ସିଇଓ ଏବଂ ଏମ୍‌ଡି ଟିଭି ନରେନ୍ଦ୍ରନ୍ କହିଛନ୍ତି ଯେ, ଆମ କାରଖାନାଗୁଡ଼ିକ ପାଇଁ ରେସପନ୍ସିବଲ୍ ଷ୍ଟିଲ୍ ସାର୍ଟିଫିକେସନ୍ ଦୀର୍ଘସ୍ଥାୟିତ୍ୱ ପ୍ରତି ଟାଟା ଷ୍ଟିଲର ପ୍ରତିବଦ୍ଧତାର ପ୍ରମାଣ। ଏହା ଇସ୍ପାତ ଶିଳ୍ପର ବିଭିନ୍ନ ଆହ୍ୱାନର ମୁକାବିଲା ଏବଂ ଏକ ଉନ୍ନତ ଭବିଷ୍ୟତ ଗଠନ ଦିଗରେ ଆମର ସକ୍ରିୟ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି।

# ଟ୍ୱିନ୍ ସିଟିରେ କିଆର ନୂଆ ଶୋ' ରୁମ୍ 'ତୃପ୍ତି କିଆ'




**ଭୁବନେଶ୍ୱର, ୯।୨(ଏଜେନ୍ସି):** ଦିନକୁ ଦିନ ବଢୁଛି ଟ୍ୱିନ୍ ସିଟିର ଆକାର। ପୂର୍ବରୁ ଦ୍ୱୈତ ନଗରୀରେ କିଆ ମୋଟର୍ସର ଗୋଟିଏ ଶୋ' ରୁମ୍ ରହିଥିଲା। ତେବେ ପରବର୍ତ୍ତୀ ସମୟରେ ଭୁବନେଶ୍ୱରରେ କିଆ ମୋଟର୍ସର ଆଉ ଏକ ଡିଲରଶିପ୍ 'ତୃପ୍ତି କିଆ' ଖୋଲିଛି। ଟ୍ୱିନ୍ ସିଟିରେ ବର୍ତ୍ତମାନ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିଛି 'ତୃପ୍ତି କିଆ'। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱର ପାତ୍ରପଡ଼ାଠାରେ ଛିଡ଼ା ହୋଇଛି କିଆର ଏହି ବିଶାଳ ଶୋ' ରୁମ୍ 'ତୃପ୍ତି କିଆ'। ଅବସ୍ଥିତି ଦୃଷ୍ଟିରୁ ବେଶ ଗୁରୁତ୍ୱପୂର୍ଣ୍ଣ ଆଉ ଲୁକ୍‌ରୁ ବେଶ ମନଲୋଭା ଦିଶୁଥିବା ଏହି ଶୋ' ରୁମ୍ ଜାତୀୟ ରାଜପଥରେ ଯାଉଥିବା ପଥଚାରୀଙ୍କ ଦୃଷ୍ଟି ଆକର୍ଷିତ କରୁଛି। ମାତ୍ର ତିନି ମାସ ହେବ ଖୋଲାଯାଇଥିବା ଏହି ଶୋ' ରୁମ୍ ପୂର୍ବାଞ୍ଚଳରେ ଅଟୋ ଶିଳ୍ପରେ ଏକ ବେଞ୍ଚମାର୍କ ସୃଷ୍ଟି କରିଛି। ଗ୍ରାହକ ସନ୍ତୁଷ୍ଟୀକରଣ ସୂଚୀରେ 'ତୃପ୍ତି କିଆ' ନିଜର ଏକ ସ୍ୱତନ୍ତ୍ର ପରିଚୟ ବନାଇଛି। ଯାହାର ଫଳ ସ୍ୱରୂପ ଡିଜିଟାଲ ମିଡିଆରେ ଗ୍ରାହକମାନେ 'ତୃପ୍ତି କିଆ'ର ପ୍ରଶଂସା କରିବା ସହ ଏ ନେଇ ସକାରାତ୍ମକ ପ୍ରତିକ୍ରିୟାମାନ ଦେଉଛନ୍ତି। 'ତୃପ୍ତି କିଆ'କୁ ଏକ ବୃହତ୍ ଡିଲରଶିପ୍ କୁହାଯାଉଛି, ଯାହାର ପ୍ରମାଣ ହେଉଛି ଏଠାରେ ଏକ ସଙ୍ଗରେ ୭-୮ କାର ପ୍ରଦର୍ଶନ କରାଯାଇଛି, ଯାହା ଫଳରେ ଗ୍ରାହକମାନେ ସେମାନଙ୍କର ପସନ୍ଦର କାର ବାଛିବାରେ ସହଜ ଅନୁଭବ କରିବେ। ୭୫ ହଜାର ବର୍ଗ ଫୁଟ ଅଞ୍ଚଳରେ ସ୍ଥାପିତ 'ତୃପ୍ତି କିଆ'ରେ ଗ୍ରାହକମାନେ ସେଲ୍ସ, ସର୍ଭିସ୍ ଏବଂ ସ୍ପେୟାର ସୁବିଧା ଗୋଟିଏ ଛାତ ତଳେ ପାଇପାରିବେ।

'ତୃପ୍ତି କିଆ'ର ପରିଚାଳନା ନିର୍ଦ୍ଦେଶକ ବଦ୍ରିନାରାୟଣ ସାମନ୍ତରାୟଙ୍କ ଦିଗ୍‌ଦର୍ଶନରେ ପରିଚାଳିତ ଏହି ଶୋ'ରୁମ୍ ଖୁବ୍ କମ୍ ସମୟ ମଧ୍ୟରେ ଦ୍ରୁତ ଅଭିବୃଦ୍ଧି ହାସଲ କରି ରାଜ୍ୟର ଅଟୋ ଶିଳ୍ପରେ ନୂଆ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି। ଶ୍ରୀ ସାମନ୍ତରାୟଙ୍କର ଅଟୋ ଶିଳ୍ପରେ ୩୫ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ଗ୍ରାହକଙ୍କ ସହ ସିଧାସଳଖ ସମ୍ପର୍କ ଏବଂ ତାଙ୍କର ଗ୍ରାହକ କୈନ୍ଦ୍ରିକ ଆଭିମୁଖ୍ୟ 'ତୃପ୍ତି କିଆ'କୁ ସଫଳତା ପଥରେ ଆଗେଇ ନେଉଛି। ଏ ସମ୍ପର୍କରେ ଶ୍ରୀ ସାମନ୍ତରାୟ କୁହନ୍ତି, ଆମେ ସର୍ବଦା ଗ୍ରାହକ ସେବା ଉପରେ ଗୁରୁତ୍ୱ ଦେଇଥାଉ। ସର୍ବୋତ୍ତମ ଗ୍ରାହକ ସନ୍ତୁଷ୍ଟୀକରଣ ଆମର ମୁଖ୍ୟ ଲକ୍ଷ୍ୟ।

## ୧୨ରୁ ଏଏସିସିଆଇର ମେଗା ବ୍ୟାବସାୟିକ ସମ୍ମିଳନୀ ଏବଂ ଏକ୍ସପୋ



**ଭୁବନେଶ୍ୱର, ୯।୨(ସମିସ):** ଆନ୍ତର୍ଜାତୀୟ ଚାମ୍ବର ତଥା ଏସିଆନ୍ ଆଫ୍ରିକାନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଏସିସିଆଇ) ଓଡିଶା ଚାପ୍ଟର ପକ୍ଷରୁ ବ୍ୟବସାୟିକ ସମ୍ମିଳନୀ ଓ ଏକ୍ସପୋ ଗ୍ରୀନ୍ କନ୍‌କ୍ଲେଭ ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀ ଭୁବନେଶ୍ୱରର ପ୍ରେସ୍ କ୍ଲବ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏଏସିସିଆଇ ଓଡିଶାର ସଭାପତି ଡଃ ଲିତା ମହାପାତ୍ର, ଏଏସିସିଆଇ ଓଡିଶାର ଉପ ସଭାପତି ରାଜେନ୍ଦ୍ର ପରିଡା, ଏଏସିସିଆଇ ଓଡିଶାର ଜଏଣ୍ଟ ସେକ୍ରେଟାରୀ ସୁସ୍ମିତା ମହାନ୍ତି, ହେଲ୍‌ଥ କମିଟି ଅଧ୍ୟକ୍ଷ ଡଃ ଗୌରବ ରାଲହାନ, ହେଲ୍‌ଥ କେୟାର ସର୍ଜିକାଲ କମିଟି ଅଧ୍ୟକ୍ଷ ଡଃ ଗରିମା ସରଓ୍ୱଗି, ଲାଇଫ୍ ଷ୍ଟାଇଲ ଆଣ୍ଡ ଫାସନ୍ ଅଧ୍ୟକ୍ଷ ସ୍ମିତି ଶ୍ୱେତା ଦାସ ଏବଂ ଅନ୍ୟାନ୍ୟ ବିଶିଷ୍ଟ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ବ୍ୟବସାୟିକ ସମ୍ମିଳନୀ ଓ ଗ୍ରିନ୍ ଏକ୍ସପୋ ସମ୍ପର୍କୀତ କାର୍ଯ୍ୟକ୍ରମ ଚଳିତ ମାସ ୧୨ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ମେ ଫେୟାର ଲାଗୁନ୍ ବାଟିକାଠାରେ ଆୟୋଜିତ ହେବାକୁ ଯାଉଛି ଯେଉଁଥିରେ ବ୍ୟବସାୟିକ ସୁଯୋଗଗୁଡିକୁ ପ୍ରୋତ୍ସାହିତ କରାଯିବା ସହ ଗ୍ରିନ୍ କନ୍‌କ୍ଲେଭ୍ ମାଧ୍ୟମରେ ପରିବେଶକୁ ବିଷାକ୍ତ ଏବଂ ରାସାୟନିକ ପଦାର୍ଥରୁ ଦୂରେଇ ରଖାଯାଇ ନନ୍ ପିଭିସି ମ୍ୟାଟେରିଆଲ ଫ୍ଲେକ୍ସ ବ୍ୟବହାର ପାଇଁ ପ୍ରୋତ୍ସାହିତ କରାଯିବ।

## ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ବୁଝାମଣାପତ୍ର ସ୍ୱାକ୍ଷର

**ଭୁବନେଶ୍ୱର, ୯।୨(ସମିସ):** ଭାରତର ପ୍ରତିରକ୍ଷା ତଥା ଏରୋସ୍ପେସ୍ ଉତ୍ପାଦନକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଭାରତର ବୃହତମ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନଲେସ୍ ଆଜି ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଟେକ୍ନୋଲୋଜି କେନ୍ଦ୍ର, ବିଶାଖାପାଟଣା ସହ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହା କ୍ଷେପଣାସ୍ତ୍ର ଏବଂ ଉପଗ୍ରହ ଉତକ୍ଷେପଣ ଯାନ ପାଇଁ ମୂଲ୍ୟଯୁକ୍ତ ଉତ୍ପାଦ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ସହାୟକ ହେବ। ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଯୋଗାଣରେ ଜିନ୍ଦଲ ଷ୍ଟେନଲେସଙ୍କ ପାରଦର୍ଶିତାକୁ ଏବଂ ଏମଏସଏମଇ ଟେକ୍ନୋଲୋଜି କେନ୍ଦ୍ରର ଉତ୍ପାଦନ କ୍ଷମତାକୁ ପୁଞ୍ଜି କରିବା ହେଉଛି ଏହି ଏମଓୟୁର ଉଦ୍ଦେଶ୍ୟ। ଏଥିରେ ଉତ୍ପାଦନ ଅର୍ଡର ପାଇଁ ସ୍ଥାନୀୟ ଏମଏସଏମଇ ସହ ଭାଗୀଦାର ହୋଇ ସେମାନଙ୍କୁ ଉତ୍ସାହିତ ଏବଂ ସମର୍ଥନ କରିବାକୁ ଲକ୍ଷ୍ୟ ରହିଛି। ଏହି ଏମଓୟୁ ଦ୍ୱରା ତିଆରି ହେବାକୁ ଥିବା ଉତ୍ପାଦଗୁଡିକ ମୋଟର କେସିଙ୍ଗ୍, ମିସାଇଲ୍ ୱିଙ୍ଗ, ମିସାଇଲ୍ ଲଂଚର୍ ସଂରଚନା ଏବଂ ରକେଟ୍ ମୋଟର ବୁଷ୍ଟର୍ ଇତ୍ୟାଦିରେ ପ୍ରୟୋଗ ହେବ। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏହି ଏମଓୟୁ ମାଧ୍ୟମରେ ଆମର ଲକ୍ଷ୍ୟ ହେଉଛି ପ୍ରତିରକ୍ଷା ଏବଂ ଏରୋସ୍ପେସ କ୍ଷେତ୍ରରେ ଉନ୍ନତମାନର ଉତ୍ପାଦ ପ୍ରଦାନ କରିବା।



**ନିର୍ବାଚନ ପ୍ରଭାବ**

# ପାକିସ୍ତାନ ସେୟାର ବଜାରରେ ହା ହା କାର

## କରାଚୀ ଷ୍ଟକ୍ ଏକ୍ସଚେଞ୍ଜରେ ୧୭୦୦ ପଏଣ୍ଟ ହ୍ରାସ

**କରାଚୀ, ୯।୨(ଏଜେନ୍ସି):**

ପାକିସ୍ତାନ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ କେଏସଇ-୧୦୦ ଇଣ୍ଡେକ୍ସ ଶୁକ୍ରବାର ଧରାଶାୟୀ ହୋଇଛି। ଫଳରେ ସେୟାର ବଜାରରେ ହା ହା କାର ସ୍ଥିତି ପଡିଯାଇଥିବାବେଳେ ଏଥିପାଇଁ ଏବେ ନିର୍ବାଚନ ଫଳାଫଳକୁ ଦାୟୀ କରାଯାଉଛି। କୁହାଯାଉଛି ନିର୍ବାଚନ ଫଳାଫଳକୁ ନେଇ ଉପୁଜିଥିବା ଭ୍ରମ ଯୋଗୁ ଷ୍ଟକ୍ ଏକ୍ସଚେଞ୍ଜରେ ବଡ଼ ଧରଣର ହ୍ରାସ ଦେଖାଯାଇଛି। ଟପ୍‌ଲାଇନ ସିକ୍ୟୁରିଟିଜର ହମ୍ମାଦ ଜଫର କହିଛନ୍ତି ଯେ, କଣ ହେବାକୁ ଯାଉଛି କେହି ବି ଜାଣନ୍ତିନି। ପିଏସ୍‌ଏକ୍ସ ୱେବସାଇଟ୍ କହିଛି ଯେ କାରବାର ଆରମ୍ଭ ହେବା ପରେ ପରେ ସୂଚକାଙ୍କ ୨,୨୭୮ ପଏଣ୍ଟ ହ୍ରାସ ହୋଇଥିଲା। ଏହାପରେ ଏହା ପୁଣି ସମ୍ଭାଳି ଯାଇଥିଲା ଓ ମଧ୍ୟାହ୍ନ ସୁଦ୍ଧା ୧,୭୨୦.୨୭ ପଏଣ୍ଟ ବା ୨.୬୮ ପ୍ରତିଶତ ହ୍ରାସ ସହିତ ପୂର୍ବ କାରବାର ଦିବସର ୬୪,୧୪୩.୮୭ର ବନ୍ଦ ସ୍ତର ୬୨,୪୨୩.୬୦ ପଏଣ୍ଟରେ ପହଞ୍ଚିଥିଲା। ସେପଟେ ନିର୍ବାଚନରେ ପାକିସ୍ତାନ ମୁସ୍‌ଲିମ୍ ଲିଗ୍ ନୱାଜ (ପିଏମଏଲ-ଏନ) ପ୍ରତିଦ୍ୱନ୍ଦ୍ୱୀ ପିଟିଆଇ ସପକ୍ଷରେ ବିପୁଳ ମତଦାନ ହୋଇଥିବା କଥା ସ୍ୱୀକାର କରିଛି। ଦେଶରେ କାହାର ସରକାର ହେବାକୁ ଯାଉଛି ସେ ନେଇ ଏବେବି ଅନିଶ୍ଚିତତା ଲାଗି ରହିଥିବାବେଳେ ନିବେଶକ ସେୟାର ବଜାରରୁ ଦୂରେଇବାରେ ଲାଗିଛନ୍ତି। ତେବେ ପିଏମଏଲ-ଏନ ଏହି ନିର୍ବାଚନରେ ଜିତି ପୁଣି ସରକାର କରିବ ବୋଲି ଆଶା ବାନ୍ଧିଛି। ସରିଫ ନିର୍ବାଚନ ଜିତିବା ଲାଗି ପ୍ରବଳ ଦାବିଦାର ବକୁହାଯାଉଛି, କାରଣ ତାଙ୍କ ପ୍ରତି ସେନାର ସମର୍ଥନ ରହିଛି। ହେଲେ ବି ଦଳ ଏବେ ବି ଅନିଶ୍ଚିତତାରେ ରହିଥିବା ବେଳେ ଆଗକୁ ମେଣ୍ଟ ସରକାର ହୋଇପାରେ ବୋଲି ଅନୁମାନ କରାଯାଉଛି।



# ଭୁବନେଶ୍ୱର ସିଟି



## ଧଉଳି କଳିଙ୍ଗ ମହୋତ୍ସବ ଉଦ୍‌ଘାଟିତ

# ମଞ୍ଚ ଥରାଇଲା ସମରକଳା



**ଭୁବନେଶ୍ୱର/ଧଉଳି, ୯।୨(ସମିସ):** ଐତିହାସିକ ଧଉଳିର ପାଦଦେଶରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଆର୍ଟ ଭିଜନ୍ ଦ୍ୱାରା ଆୟୋଜିତ ୨୦ତମ ଧଉଳି କଳିଙ୍ଗ ମହୋତ୍ସବ ଧଉଳି ଶାନ୍ତିସ୍ତୁପର ପାଦଦେଶରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଓ ସମରକଳା ପ୍ରଦର୍ଶନ କରାଯାଇଥିଲା। ପ୍ରଥମ କାର୍ଯ୍ୟକ୍ରମ ଥିଲା ଭୁବନେଶ୍ୱରର ରୂପକ କୁମାର ପରିଡ଼ାଙ୍କ ଦ୍ୱାରା କଣ୍ଠ ସଙ୍ଗୀତ ପରିବେଷଣ। ସେ ଚପ୍ ତିଲକ୍ ସବ୍ ଚିନି, ମୋହେ ଆପ୍‌ନେ ହି ରଙ୍ଗ ମେ, ମୌଲା ତେରା ନୂର, ଦମ୍ ଦମା ଦମ୍ ମସ୍ତ କଲନ୍ଦର, ରସ୍‌କେ କମର ଆଦି ସଙ୍ଗୀତ ପରିବେଷଣ କରିଥିଲେ ଦ୍ୱିତୀକ୍ରିଷ୍ଣା ପଣ୍ଡା, ବେହେଲାରେ ସୁରେଶ ପାତ୍ର, କି ବୋର୍ଡରେ ଚନ୍ଦ୍ରକାନ୍ତ ତ୍ରିପାଠୀ ଓ ବଂଶୀରେ ସୌମ୍ୟରଞ୍ଜନ ଯୋଶୀ ସହଯୋଗ କରିଥିଲେ। ଦ୍ୱିତୀୟ କାର୍ଯ୍ୟକ୍ରମ ଥିଲା ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏବଂ ବର୍ତ୍ତମାନ ପଦ୍ମଶ୍ରୀ ଡ. ଅରୁଣା ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି ନୃତ୍ୟ ମାଧ୍ୟମରେ ସେମାନେ ଓଡ଼ିଶାର ୩୦୦୦ ବର୍ଷର ଇତିହାସ, ଐତିହ୍ୟ, ପରମ୍ପରା, କଳା, ହସ୍ତଶିଳ୍ପ, ଭାଷା, ସାହିତ୍ୟ ଓ ଜୀବନଶୈଳୀକୁ ଉପସ୍ଥାପନ କରିଥିଲେ। ସନ୍ଧ୍ୟାର ଶେଷ କାର୍ଯ୍ୟକ୍ରମ ଥିଲା ଗୁରୁ ଡ. ତରୁଣ ପ୍ରଧାନଙ୍କ ନେତୃତ୍ୱରେ ମେଦିନାପୁରର ସାରାଭୁଜା ଡ୍ୟାନ୍ସ ଥିଏଟର ଦ୍ୱାରା ରାଇବାଂଶେ ନୃତ୍ୟ ପରିବେଷଣ। ଏହି ନୃତ୍ୟ ସହିତ ମଣିଷମାନଙ୍କର କଟାକ୍ଷ ଚିତ୍କାର, ବର୍ଚ୍ଛା ଫିଙ୍ଗିବା, ଛୁରି କିମ୍ବା ଖଣ୍ଡା ଦ୍ୱାରା ଆକ୍ରମଣ କରିବା ଇତ୍ୟାଦି ଅଙ୍ଗଭଙ୍ଗୀଗୁଡ଼ିକୁ ପ୍ରଦର୍ଶନ କରାଯାଉଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଆ ଭାଷାବିତ୍ ତଥା ସାହିତ୍ୟିକ ଦେବୀପ୍ରସନ୍ନ ପଟ୍ଟନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆୟୁକ୍ତ ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍, ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ତଥା ବିଶିଷ୍ଟ ଅନ୍ତର୍ଜାତୀୟ ବାଲୁକାକଳା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାୟ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସଚିବ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ଗୁରୁ ଡ. ଅରୁଣା ମହାନ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟିକୁ ଗୁରୁ ଅରୁଣା ମହାନ୍ତି ଏବଂ ଇଲିୟାନା ସିତାରିଷ୍ଟି ପରିଚାଳନା କରିଥିବା ବେଳେ ସଞ୍ଚାଳନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ଆଲାମ। ଏହି ମହୋତ୍ସବର ସିଧାପ୍ରସାରଣ ଡିଡି-ଭାରତୀ ଏବଂ ପୁନଃ ପ୍ରସାରଣ ଡିଡି-ଓଡ଼ିଆରେ କରାଯାଉଛି।



# ଆଲୁମିନିୟମ ଶିଳ୍ପରେ ମାନକୀକରଣ ଏବଂ ଗୁଣବତ୍ତା ସମ୍ପର୍କିତ ଆଲୋଚନା

**ଭୁବନେଶ୍ୱର, ୯।୨(ସମିସ):** ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସ୍‌ଆଇଆର୍-ଆଇଏମ୍‌ଏମଟି) ପକ୍ଷରୁ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍ (ବିଆଇଏସ୍) ସହଯୋଗରେ ଆଇଏମ୍‌ଏମଟି ଅଡିଟୋରିୟମରେ 'ଆଲୁମିନିୟମ ଶିଳ୍ପରେ ବୈଷୟିକ ଉନ୍ନତି, ମାନକୀକରଣ ଏବଂ ଗୁଣବତ୍ତା ନିୟନ୍ତ୍ରଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ ନିୟାମକ ସଂସ୍ଥାର ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରକରି ଏହି କାର୍ଯ୍ୟକ୍ରମରେ ପ୍ରଯୁକ୍ତିବିଦ୍ୟା, ମାନକୀକରଣ ଏବଂ ଗୁଣବତ୍ତା ନିୟନ୍ତ୍ରଣର ସଂଯୋଗକୁ ସ୍ଥାନ ନିରୂପଣ କରିବାରେ ସକ୍ଷମ ହୋଇପାରିଛି। ଏହି ସହଯୋଗୀ ଆଲୋଚନା ଦ୍ୱାରା ଆଲୁମିନିୟମ କ୍ଷେତ୍ରପାଇଁ ଏକ ପ୍ରଗତିଶୀଳ ଏବଂ ସ୍ଥାୟୀ ଭବିଷ୍ୟତର ମାର୍ଗ ପ୍ରଶସ୍ତ ହୋଇଥିଲା। ଏଥିରେ ବିଆଇଏସ୍‌ର ମେଟାଲର୍ଜିକାଲ୍ ଇଞ୍ଜିନିୟରିଂ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ତଥା ମୁଖ୍ୟ ସଞ୍ଜୀବ ମାଇନୀ, ସିଏସ୍‌ଆଇଆର୍-ଆଇଏମ୍‌ଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ବିଆଇଏସ୍-୭ର ଅଧ୍ୟକ୍ଷ ତଥା ସିଏସ୍ ଆଇଆର୍ ଆଇଏମ୍‌ଏମଟିର ମୁଖ୍ୟ ବୈଜ୍ଞାନିକ ଡ. କାଳୀ ସଞ୍ଜୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀମାନେ ବିଆଇଏସ୍ ମାନକ ପ୍ରସ୍ତୁତି, ପ୍ରମାଣୀକରଣ ପ୍ରକ୍ରିୟା, ବିଦ୍ୟମାନ ମାନଦଣ୍ଡରେ ବ୍ୟବଧାନ ଚିହ୍ନଟ ଏବଂ ଏହି କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ଉନ୍ନତି ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ବିଭିନ୍ନ ବିଭାଗର ହିତାଧିକାରୀମାନଙ୍କୁ ଯଥା ଆଲୁମିନିୟମ୍ ଇଣ୍ଡଷ୍ଟ୍ରିର ପ୍ରତିନିଧି, ବିଦ୍ୟାର୍ଥୀ, ଉପଭୋକ୍ତା ସଂଗଠନ, ପରୀକ୍ଷଣ ଲାବୋରେଟୋରୀ କର୍ମଚାରୀ ଏବଂ ଅନ୍ୟାନ୍ୟ ଆଗ୍ରହୀ ବ୍ୟକ୍ତିମାନେ ଯୋଗଦେଇଥିଲେ।

# 'ରେରା' ନିୟମ ଅନୁପାଳନ କରି ପ୍ରକଳ୍ପ କାର୍ଯ୍ୟ କରିବାକୁ ପରାମର୍ଶ




**ଭୁବନେଶ୍ୱର, ୯।୨(ସମିସ):** ପ୍ରମୋଟରମାନେ ରେରା ନିୟମକୁ ଅନୁପାଳନ କରି ସେମାନଙ୍କର ପ୍ରକଳ୍ପ କାର୍ଯ୍ୟ କରନ୍ତୁ। ଓରେରା ପକ୍ଷରୁ ଆୟୋଜିତ ଏକ ଆଲୋଚନା ଚକ୍ରରେ ଏହି ମତ ପ୍ରକାଶ ପାଇଛି। କଟକ, ଭୁବନେଶ୍ୱର, ପୁରୀ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ୧୫୦ ରୁ ଊର୍ଦ୍ଧ୍ୱ ପ୍ରମୋଟର ସେମାନଙ୍କର ବିଭିନ୍ନ ସମସ୍ୟା ରେରା କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ। ରେରାର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ଏହି ବୈଠକରେ ଉଦ୍‌ବୋଧନ ଦେଇ ଯୋଗ ଦେଇଥିବା ପ୍ରମୋଟରମାନଙ୍କୁ ରେରା ନିୟମକୁ ଅନୁପାଳନ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ରେରାର ପ୍ରଶାସନିକ ସଦସ୍ୟ ପ୍ରଦୀପ କୁମାର ବିଶ୍ୱାଳ ଗୃହକ୍ରେତାମାନଙ୍କୁ ଠିକ୍ ସମୟରେ ଘର ହସ୍ତାନ୍ତର କରିବା ସହିତ ସେମାନେ କିପରି ସମସ୍ତ ସୁବିଧା ସୁଯୋଗ ଠିକ୍‌ରେ ପାଇବେ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ନ୍ୟାୟିକ ସଦସ୍ୟ ଗୋପାଳ ଚନ୍ଦ୍ର ପଟ୍ଟନାୟକ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଓରେରା ସଚିବ ବିଜୟ କୁମାର ପୃଷ୍ଟି ନିଜର ସ୍ୱାଗତ ଭାଷଣରେ ରେରା ଆଇନର ପ୍ରମୋଟରମାନଙ୍କର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଓଏସ୍‌ଡି (ଭୂମି) ରବି ନାରାୟଣ ପାଢ଼ୀ ରେରାର ବିଭିନ୍ନ ନିୟମ ସଂକ୍ରାନ୍ତରେ ବିସ୍ତୃତ ଉପସ୍ଥାପନା କରିଥିଲେ। ପୂର୍ବରୁ ଏହି କ୍ରମରେ ରେରା ପକ୍ଷରୁ ବ୍ୟାଙ୍କର, ସ୍ଥପତି, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଏଜେନ୍ସି, ଆର.ଡବ୍ଲ୍ୟୁ.ଏ. ଏବଂ ଓକିଲମାନଙ୍କ ସହିତ ବିଭିନ୍ନ ବୈଠକ ଆଲୋଚନା କରାଯାଇସାରିଛି। ଯୁଗ୍ମ ସଚିବ (ଅର୍ଥ) ଦୀପକ କୁମାର ବେଶ୍ରା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅତିରିକ୍ତ ସଚିବ ଶ୍ରାବଣୀ ପଟ୍ଟନାୟକ ବୈଠକକୁ ପରିଚାଳନା କରିଥିଲେ। ଏଥିରେ ରେରାର ଅନେକ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

# ସାମ୍ବାଦିକମାନଙ୍କ ପାଇଁ ପ୍ରତୀକାତ୍ମକ ଲୋଗୋ ଉନ୍ମୋଚିତ




**କଟକ, ୯।୨(ସମିସ):** ସାମ୍ବାଦିକତାର ପରିପୁଷ୍ଟତା, ସାମ୍ବାଦିକ ସମୂହର ବୃତ୍ତିଗତ ଓ ଅର୍ଥନୈତିକ କଲ୍ୟାଣ ତଥା ସାମାଜିକ ସୁରକ୍ଷା ଉଦ୍ଦେଶ୍ୟରେ ଭାରତୀୟ ସାମ୍ବାଦିକ ଉନ୍ନୟନ ପରିଷଦ ଗଠନ କରାଯାଇଛି। ସାମ୍ବାଦିକତା କ୍ଷେତ୍ରରେ ଦେଶରେ ତଥା ଦେଶ ବାହାରେ ଘଟୁଥିବା ଘଟଣା ସମୂହ ଚିନ୍ତାର ବିଷୟ ହୋଇଥିବା ବେଳେ ଏ କ୍ଷେତ୍ରରେ ସଚେତନତାର ଆବଶ୍ୟକତା ରହିଛି। ସାମ୍ବାଦିକତାର ସୁରକ୍ଷା ଓ କଲ୍ୟାଣ ସମ୍ପର୍କରେ ବ୍ୟାପକ ଆଲୋଚନା ପର୍ଯ୍ୟାଲୋଚନା ଉଦ୍ଦେଶ୍ୟରେ ଭାରତୀୟ ସାମ୍ବାଦିକ ଉନ୍ନୟନ ପରିଷଦ ଆସନ୍ତା ଦିନରେ ସର୍ବଭାରତୀୟ ସ୍ତରରେ ଏକ "ଜର୍ଣ୍ଣାଲିଷ୍ଟ କଂଗ୍ରେସ'ର ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଇଛି। ଏହା ଭୁବନେଶ୍ୱରରୁ ଆରମ୍ଭ ହେବ। ଜର୍ଣ୍ଣାଲିଷ୍ଟ କଂଗ୍ରେସକୁ ସଫଳ ତଥା ସୁଦୁରପ୍ରସାରୀ କରିବା ପାଇଁ ସମଗ୍ର ସାମ୍ବାଦିକମାନଙ୍କ ପାଇଁ ଏକ ପ୍ରତୀକାତ୍ମକ ଲୋଗୋ ଚୟନ କରାଯାଇଛି ବୋଲି ସ୍ଥାନୀୟ ସର୍କିଟ ହାଉସରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ମତ ପ୍ରକାଶ ପାଇଛି। ଏହି ଅବସରରେ ଲୋଗୋ ଉନ୍ମୋଚିତ ହୋଇଥିଲା। ଏପରିକି ସାମ୍ବାଦିକମାନଙ୍କର "ଆକ୍ରୋନେମ' (ନାମ ପୂର୍ବରୁ ପଦବୀ ଲାଗିବା) ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଏହି ସମ୍ମିଳନୀରେ ଦେଶରୁ ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଉଥିବା ବେଳେ ଦେଶ ବାହାରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଏହି ବୈଠକରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଶ୍ରୀରାମ ଦାସ, ପୀତବାସ ମିଶ୍ର, ଡଃ ସତ୍ୟ ରାୟ, ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିଭୁତି ଭୂଷଣ କର, ସାଧାରଣ ସମ୍ପାଦକ ସନତ ମିଶ୍ର, ପବିତ୍ର ମହାରଥା, ନିମେଇ ଦାସ, ପାର୍ଥସାରଥୀ ଜେନା, ସନାତନ ଦଳବେହେରା ପ୍ରମୁଖ ଯୋଗଦେଇଥିଲେ। ଖୁବଶୀଘ୍ର ଜର୍ଣ୍ଣାଲିଷ୍ଟ କଂଗ୍ରେସକୁ ବର୍ଗାଭିମୁଖୀ କରିବାପାଇଁ ଜାତୀୟସ୍ତରରେ ଏକ ପ୍ରତୀକାତ୍ମକ ମାସ୍କଟ ମଧ୍ୟ ଉନ୍ମୋଚିତ ହେବ ଏବଂ ଏହି ମାସ୍କଟ ରାଜ୍ୟର ସମସ୍ତ ଜିଲ୍ଲା ସମେତ ସମଗ୍ର ଭାରତ ବର୍ଷ ପରିକ୍ରମଣ କରିବ ବୋଲି ପରିଷଦ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଷ୍ଟେଟ୍ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟସ୍‌ର ବାର୍ଷିକୋତ୍ସବ




ଭୁବନେଶ୍ୱର, ୯।୨(ସମିସ): ଷ୍ଟେଟ୍ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟସ୍ (ଏସ୍‌ୟୁଜେ) ଓଡ଼ିଶାର ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାମ୍ବାଦିକମାନଙ୍କର ସେବା ଓ କର୍ତ୍ତବ୍ୟର ତୁଳନା ନାହିଁ, ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ସାମ୍ବାଦିକମାନେ ଦାୟିତ୍ୱ ସମ୍ପାଦନ କରିବା ଏବଂ ସରକାରଙ୍କ ନିକଟରେ ସମସ୍ତ ପ୍ରକାର ଖବର ପହଞ୍ଚାଇ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବାରେ ଗଣମାଧ୍ୟମ ଓ ଏହାର ପ୍ରତିନିଧିମାନଙ୍କର ଦାୟିତ୍ୱ ଅନସ୍ୱୀକାର୍ଯ୍ୟ। ତେବେ ପ୍ରତ୍ୟେକ ଖବର ପ୍ରକାଶ ପୂର୍ବରୁ ତାହାକୁ ତନ୍ନତନ୍ନ ଭାବେ ନିରୀକ୍ଷଣ କରିବା ଆବଶ୍ୟକ ଏବଂ କୌଣସି ଖବର ସମାଜର ଓ ବ୍ୟକ୍ତିର ଅହିତରେ ଯେଭଳି ନଆସେ ସେଥିପ୍ରତି ସାମ୍ବାଦିକମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ମୁଖ୍ୟଅତିଥିଭାବେ ମନ୍ତ୍ରୀ ଜଗନ୍ନାଥ ସାରକା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଜାତୀୟ ସାମ୍ବାଦିକ ସଂଘର ସଭାପତି ଅଶୋକ ମଲ୍ଲିକ, ମହାସଚିବ ସୁରେଶ ଶର୍ମା ଓ ସମ୍ପାଦକ ବବୁଲ ସିଂ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଘର ମୁଖପତ୍ର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହେବା ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରଯାଇଥିଲା।

# ରିଅଲ୍‌ମି ୧୨ ପ୍ରୋ ସିରିଜ୍ ୫ଜିର ଶୁଭାରମ୍ଭ

**ଭୁବନେଶ୍ୱର, ୯।୨(ସିମସ):** ସ୍ମାର୍ଟଫୋନ ସେବା ପ୍ରଦାନକାରୀ ରିଅଲ୍‌ମି ପକ୍ଷରୁ ଏହାର ପ୍ରିମିୟମ ନମ୍ବର ସିରିଜରେ ନୂତନତମ ଯୋଗ, ରିଅଲ୍‌ମି ୧୨ ପ୍ରୋ ସିରିଜ୍ ୫ଜିର ଶୁଭାରମ୍ଭ ଘୋଷଣା କରାଯାଇଛି। ରିଅଲ୍‌ମି ୧୨ ପ୍ରୋ ସିରିଜ ୫ଜି ଦୁଇଟି ଚମତ୍କାର ସ୍ମାର୍ଟଫୋନ୍ ଯଥା ରିଅଲ୍ମି ୧୨ ପ୍ରୋ+ ୫ଜି ଓ ରିଅଲ୍ମି ୧୨ ପ୍ରୋ ୫ଜିର ଉନ୍ମୋଚନ କରିଛି। ଏହି ଦୁଇଟି ନୂଆ ସ୍ମାର୍ଟଫୋନ୍ ପରବର୍ତ୍ତୀ ପିଢିର ଇମେଜିଂ ସ୍ମାର୍ଟଫୋନ୍ ଭାବେ ଅବସ୍ଥାପିତ ହୋଇଛନ୍ତି। ରିଅଲ୍‌ମି ୧୨ ପ୍ରୋ+ ୫ଜିରେ ଏକ ଫ୍ଲାଗ୍‌ଶିପ ୬୪ ଏମ୍ପି ପେରିସ୍କୋପ ଟେଲିଫଟୋ କ୍ୟାମେରା, ୩ ଗୁଣ ଅପ୍ଟିକାଲ ଜୁମ୍ ଓ ୬ ଗୁଣ ଇନ୍-ସେନ୍ସର ଜୁମ୍ ବିଶିଷ୍ଟ ଏକ ଓଭି୬୪ବି ସେନ୍ସର ସହିତ ଶ୍ରେଣୀର ସର୍ବବୃହତ ପେରିସ୍କୋପ ଟେଲିଫଟୋ ଲେନ୍ସ ରହିଛି। ରିଅଲ୍‌ମି ୧୨ ପ୍ରୋ ୫ଜି ଦୁଇଟି ରଙ୍ଗ ସବ୍‌ମାରାଇନ ବ୍ଲୁ ଓ ନାଭିଗେଟର ବିଜ୍‌ରେ ଆସୁଛି। ଏହା ଦୁଇଟି ଷ୍ଟୋରେଜ ଭାରିଆଣ୍ଟ ୮ଜିବି+୧୨୮ଜିବି ପାଇଁ ୨୫୯୯୯ ଟଙ୍କା ଓ ୮ଜିବି+୨୫୬ଜିବି ପାଇଁ ୨୬୯୯୯ ଟଙ୍କାରେ ଉପଲବ୍ଧ ହେବ।

# ୨୫ ପ୍ରେକ୍ଷାଳୟରେ 'କେମିତି ଏ ସମ୍ପର୍କ'



**ଭୁବନେଶ୍ୱର, ୯।୨(ସମିସ):** ପାରିବାରିକ କାହାଣୀକୁ ନେଇ ନିର୍ମିତ ଚଳଚ୍ଚିତ୍ର 'କେମିତି ଏ ସମ୍ପର୍କ' ଓଡ଼ିଶାର ୨୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଅଭିନେତା ଆକାଶ ଦାସ ନାୟକ, ଅଭିନେତ୍ରୀ ଏଲିନା ସାମନ୍ତରାୟ ଏବଂ ଲିପ୍ସା ମିଶ୍ରଙ୍କୁ ନେଇ ଜେଜେଏନ୍‌ଜେ ବ୍ୟାନରରେ ନିର୍ମିତ ଏହି ଓଡ଼ିଆ ଚଳଚ୍ଚିତ୍ରର ପ୍ରିମିଅର ଶୋ' ସ୍ଥାନୀୟ ସ୍ୱାତୀ ସିନେପ୍ଲେକ୍ସରେ ହୋଇଥିଲା। ଏଥିରେ ନାୟକ ଆକାଶ, ନାୟିକା ଏଲିନା ଏବଂ ଲିପ୍ସାଙ୍କ ସମେତ ବରିଷ୍ଠ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଜୀବନ ପଣ୍ଡା, ଅସିତ ପତି, ଉଷସୀ ମିଶ୍ର, ମମତା ଦାଶ, ନମିତା, ଶିବ ପୂଜାପଣ୍ଡା, ହାସ୍ୟ କଳାକାର ଜ୍ଞାନ ବାରିକ, ଗୁଲୁ, ସନ୍ତୁ, ଶିଶୁ କଳାକାର ଲତାଶା ଖୁରାନା, ନିର୍ଦ୍ଦେଶକ ହିମାଂଶୁ ପରିଜା, ପ୍ରଯୋଜକ ରୂପେଶ କୁମାର ନାୟକ ଏବଂ ଅନ୍ୟାନ୍ୟ କଳାକାର ଓ ଦର୍ଶକ ଏକାଠି ବସି ସିନେମା ଦେଖିଥିଲେ। ସିନେମାର କାହାଣୀ ଓ ପ୍ରଯୋଜନା ଦାୟିତ୍ୱରେ ଥିବା ରୂପେଶ କୁମାର ନାୟକଙ୍କର ଏହା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର। ଏଥିରେ ଅଭିଜିତ ମଜୁମଦାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଡ. ନିର୍ମଳ ନାୟକ ଗୀତ ରଚନା ଏବଂ ଚିନ୍ମୟ ଦାସ ପଟ୍ଟନାୟକ ସଂଳାପ ଲେଖିଛନ୍ତି।

# ଏ.ଆଇ ଯୁଗରେ ବି କମିନି କାଠି କଣ୍ଢେଇ ଆଦର





**ଭୁବନେଶ୍ୱର, ୯।୨(ସମିସ):** ଆଜିର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି (ଏଆଇ) ଯୁଗରେ ବି କାଠ କଣ୍ଢେଇର ଆଦର କମିନି। ବିଡିଏ ପକ୍ଷରୁ ଆୟୋଜିତ ଏକାମ୍ର ଉତ୍ସବରେ ଏହାର ଏକ ଝଲକ ଦେଖିବାକୁ ମିଳିଥିଲା। ଉତ୍ସବରେ ସ୍ଥାନୀୟ କାରିଗରଙ୍କ ସାମଗ୍ରୀକୁ ନେଇ ରାତ୍ରିକାଳୀନ ବଜାର ଖୋଲାଯାଇଛି। ଯେଉଁଠି ଓଡ଼ିଶାର କାରିଗରମାନେ ନିଜର ଉତ୍ପାଦ ପ୍ରଦର୍ଶନ କରାଇବାର ସୁଯୋଗ ପାଉଛନ୍ତି। ବର୍ତ୍ତମାନ ସମୟରେ ସବୁଠି ନାରୀମାନେ ନିଜର ଦକ୍ଷତା ପ୍ରତିପାଦନ କରୁଛନ୍ତି। ବଜାରରେ ଉତ୍କଳା ଷ୍ଟଲରେ ଦେଖିବାକୁ ମିଳିଛି ସେମିତି ଜଣେ ସ୍ୱାବଲମ୍ବୀ ମହିଳା ଉଷଶୀ ରଥଙ୍କ ସାମଗ୍ରୀକୁ। ପୁରୀର ବାସିନ୍ଦା ଉଷସୀ ପ୍ରଥମେ ଦୁବାଇରେ ରହି ଓଡ଼ିଶାର ଉତ୍ପାଦକୁ ସେଠାରେ ପ୍ରଚାର ପ୍ରସାର କରୁଥିଲେ। ଘରକୁ ଫେରିବା ପରେ ସେ ପୁରୀ କାଠି କଣ୍ଢେଇର ପ୍ରଚାର ପ୍ରସାରରେ ଲାଗିଛନ୍ତି। ଖଜୁରୀ ଗଛର ପତ୍ରରୁ ନିର୍ମିତ ସୂକ୍ଷ୍ମ ଖେଳଣା କରିବାର ପରମ୍ପରାକୁ ପୁନର୍ଜୀବିତ କରିବା ପାଇଁ ଏକ ମିଶନ ଆରମ୍ଭ କରିଥିଲେ। ହାତତିଆରି ତାଳପତ୍ର କାଠି କଣ୍ଢେଇ ପୁରୀ ଜିଲ୍ଲାର ୫୦୦ ବର୍ଷର ଏକ ପୁରୁଣା କଳା। ଯାହାକୁ ସଂରକ୍ଷଣ କରିବା ସହ ତାକୁ କିଭଳି ରୋଜଗାରର ମାଧ୍ୟମ କରିହେବ ସେ ନେଇ ସେ ତାଙ୍କର ଚେଷ୍ଟା ଜାରି ରଖିଛନ୍ତି। ସେ ନିଜେ ସଶକ୍ତ ହେବା ସହ ଯେଉଁମାନେ କାମ ଖୋଜୁଛନ୍ତି ସେମାନଙ୍କୁ ମଧ୍ୟ କାମ ଯୋଗାଉଛନ୍ତି। ଏମିତିକି ବସ୍ତିକୁ ଯାଇ ସେଠିକାର ପିଲା ଓ ମହିଳାଙ୍କୁ ପ୍ରଶିକ୍ଷଣ ଦେବା ସହ ସେମାନଙ୍କୁ କାମ ଶିଖାଇ ଆର୍ଥିକ ସାହାଯ୍ୟ କରୁଛନ୍ତି। ତାଙ୍କ ପାଖରେ ଅଦରକାରୀ କାଗଜରୁ ତିଆରି ଚାବି ରିଙ୍ଗ ସହିତ ଓଡ଼ିଶାର କଳା ଓ ଐତିହ୍ୟ ବିଷୟରେ ଲେଖା ହୋଇଥିବା ଡାଏରୀ ମଧ୍ୟ ରହିଛି। ସେହିପରି ଆକର୍ଷଣୀୟ ଘର ସାଜସଜ୍ଜା ଉପକରଣ ମଧ୍ୟ ରହିଛି। ଯାହାର ଦାମ୍ ୪୦ଟଙ୍କାରୁ ଆରମ୍ଭ କରି ୪୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏ ସମ୍ପର୍କରେ ଉଷସୀ କହିଛନ୍ତି ଯେ, କାଠି କଣ୍ଢେଇ ଆମର ଏକ ପରିଚୟ। ଏହାକୁ ସବୁବେଳେ ବଞ୍ଚାଇ ରଖିବାକୁ ହେଲେ ଏହାର ବ୍ୟବହାର କରିବା ଆବଶ୍ୟକ।

## ଉଷଶୀଙ୍କୁ ଦେଇଛି ପରିଚୟ

ଖେଳ ଦୁନିଆ
ସକାଳ THE SAKALA
www.sakalaepaper.com

ଡ୍ରିମ୍ସ ରଣଜୀ

# ବୈଭବଙ୍କ ଶତକ; ଦୃଢ଼ ସ୍ଥିତିରେ ଉତ୍ତରାଖଣ୍ଡ

କଟକ, ୯।୨(ସମିସ)



ଚଳିତ ରଣଜୀ ଟ୍ରଫିର ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ଉତ୍ତରାଖଣ୍ଡକୁ ଭେଟିଛି ଓଡ଼ିଶା ଦଳ। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଏହି ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଉତ୍ତରାଖଣ୍ଡ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରିବା ସହିତ ଘରୋଇ ଓଡ଼ିଶା ଦଳର ଯୋଜନାକୁ ପଣ୍ଡ କରି ଦଳୀୟ ସ୍ଥିତିକୁ ସୁଦୃଢ଼ କରିଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଉତ୍ତରାଖଣ୍ଡ ୩ ୱିକେଟ ବିନିମୟରେ ୨୩୨ରନ କରିଛି। ୨୯ବର୍ଷୀୟ ବ୍ୟାଟର ବୈଭବ ଭଟ୍ଟ ୧୦୧ ରନରେ ଅପରାଜିତ ରହିଛନ୍ତି। ହାତରେ ୭ ୱିକେଟ ବଳକା ଥିବା ଉତ୍ତରାଖଣ୍ଡ ଏଠାରେ ବିଶାଳ ସ୍କୋର କରିବ ବୋଲି ଅନୁମାନ କରାଯାଉଛି।

ଘରୋଇ ଓଡ଼ିଶା ଏହି ମ୍ୟାଚରେ ଅନୁରାଗ ଷଡ଼ଙ୍ଗୀଙ୍କ ସ୍ଥାନରେ ଅଲରାଉଣ୍ଡର ପ୍ରୟାସ ସିଂହଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରି ପଡ଼ିଆକୁ ଓହ୍ଲାଇଥିଲା। ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଉତ୍ତରାଖଣ୍ଡ ଖାତା ଖୋଲିବା ପୂର୍ବରୁ ପ୍ରଥମ ୱିକେଟ ପତନ ଘଟିଥିଲା। ମ୍ୟାଚ୍‌ର ୩ୟ ବଲ୍‌ରେ ଓପନର କୁନାଲ ଚାଣ୍ଡେଲା ଯୁବ ପେସ୍ ତାରକା ରାଜେଶ ମହାନ୍ତିଙ୍କ ଶିକାର ହୋଇଥିଲେ। ଅନ୍ୟତମ ଓପନର ସଞ୍ଜିତ ସାଜୱାନ ମଧ୍ୟ ଅଧିକ ସମୟ ତିଷ୍ଠି ପାରିନଥିଲେ। ସେ ୭ରନ୍ କରିଥିବା ବେଳେ ସୁନୀଲ ରାଉଳଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ଫଳରେ ଭ୍ରମଣକାରୀ ଦଳ ୨୨ରନରେ ଦୁଇ ଓପନରଙ୍କୁ ହରାଇଥିଲା। ତେବେ ୩ୟ ୱିକେଟ ଭାଗୀଦାରିରେ ମଧ୍ୟକ୍ରମର ବ୍ୟାଟର ବୈଭବ ଭଟ୍ଟ ଏବଂ ଅଧିନାୟକ ଜିୱନଜୋତ୍ ସିଂହ ୧୮୦ ରନ ସଂଗ୍ରହ ହେବା ସହ ଓଡ଼ିଶା ବୋଲରଙ୍କ ପାଇଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଥିଲେ। ଉଭୟେ ୩୮୩ ବଲ ସମ୍ମୁଖୀନ କରିଥିଲେ। ସହଜରେ ରନ ସଂଗ୍ରହ କରିବା ସହିତ ଓଡ଼ିଶାର ବୋଲରମାନଙ୍କ ଉପରେ ଏହି ଦୁଇ ଖେଳାଳି ଚାପ ସୃଷ୍ଟି କରିଥିଲେ। ବୋଲିଂ ଆଟାକରେ ଓଡ଼ିଶା ୭ ଜଣଙ୍କୁ ନିୟୋଜିତ କରି ଶେଷରେ ଯୋଡ଼ି ଭାଙ୍ଗିବାକୁ ସଫଳ ହୋଇଥିଲା। ଅଧିନାୟକ ଜିୱନଜୋତ ୧୭୮ ବଲରୁ ୧୦ଟି ଚୌକା ସହାୟତାରେ ୯୦ ରନ କରିଥିବାବେଳେ ବାମହାତୀ ସ୍ପିନର ହର୍ଷିତ ରାଥୋଡଙ୍କୁ ବଡ ସଟ୍ ମାରିବାକୁ ଯାଇ ୱିକେଟକିପର ଆଶୀର୍ବାଦ ସ୍ୱାଇଁଙ୍କ ଦ୍ୱାରା ଷ୍ଟମ୍ପିଂ ହୋଇ ପ୍ୟାଭିଲିୟନ ଫେରିଥିଲେ। ତେବେ ଅପରପାର୍ଶ୍ୱରେ ବୈଭବ ୨୮୯ବଲରୁ ୧୨ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୧୦୧ ରନ କରି ଶେଷ ଅପରାଜିତ ରହିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ଏହା ତାଙ୍କର ଦ୍ୱିତୀୟ ଶତକ। ତାଙ୍କ ସହ ଘରୋଇ କ୍ରିକେଟ ପରିଚିତ ଚେହେରା ତଥା ଅଲରାଉଣ୍ଡର ସ୍ୱପ୍ନିଲ ସିଂହ ୨୧ରନରେ ଖେଳୁଛନ୍ତି। ଉତ୍ତରାଖଣ୍ଡ ୯୦ ଓଭର ଖେଳି ୩ ୱିକେଟ୍‌ରେ ୨୩୨ ରନ କରିଛି। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାଜେଶ, ସୁନିଲ ଓ ହର୍ଷିତଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଛି।

## ପ୍ରଥମ ସେସନରେ ପୃଥ୍ୱୀଙ୍କ ରେକର୍ଡ ଶତକ

ନୂଆଦିଲ୍ଲୀ, ୯।୨ (ଏଜେନ୍ସି): ଚଳିତ ରଣଜୀ ଟ୍ରଫି ପ୍ରତିଯୋଗିତାର ୬ଷ୍ଠ ରାଉଣ୍ଡ ମୁକାବିଲା ଶୁକ୍ରବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଏହିକ୍ରମରେ ରାୟପୁରରେ ଘରୋଇ ଛତିଶଗଡ଼ ବିପକ୍ଷରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ବି'ର ଏକ



ମ୍ୟାଚରେ ମୁମ୍ବାଇ ଦୃଢ଼ ବ୍ୟାଟିଂ କରିଛି। ଦୀର୍ଘ ଦିନର ବ୍ୟବଧାନ ପରେ ଦଳକୁ ଫେରିଥିବା ପୃଥ୍ୱୀ ଶ'ଙ୍କ ଶତକ ସହାୟତାରେ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ମୁମ୍ବାଇ ୪ ୱିକେଟ୍ ହରାଇ ୩୧୦ ରନ ସଂଗ୍ରହ କରିଛି। ପୃଥ୍ୱୀ ମ୍ୟାଚର ପ୍ରଥମ ସେସନରେ ଦ୍ରୁତ ବ୍ୟାଟିଂ କରି ୧୦୨ ବଲରୁ ଶତକ ପୂରଣ କରିଥିଲେ। ଏହାପରେ ସେ ୧୫୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ପ୍ରଥମ ସେସନରେ ୨ଟି ଶତକ ପୂରଣ କରିବାରେ ପୃଥ୍ୱୀ ପ୍ରଥମ ଭାରତୀୟ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି।

### ଉମରାନଙ୍କ ଓପନିଂ

ସେହିଭଳି ଜାମ୍ମୁ କାଶ୍ମୀର ଓ ଘରୋଇ ପୁଡୁଚେରୀ ମଧ୍ୟରେ ଖେଳାଯାଇଥିବା ମ୍ୟାଚର ପ୍ରଥମ ଦିନରେ ୨୧ ୱିକେଟ୍‌ର ପତନ ଘଟିଛି। ପ୍ରଥମେ ବ୍ୟାଟିଂ କରି ଜାମ୍ମୁ ୧୦୬ ରନ କରିଥିବାବେଳେ ପୁଡୁଚେରୀ ୧୭୨ ରନରେ ସୀମିତ ରହିଥିଲା। ଏହାପରେ ୬୬ ରନ ପଛରେ ଥାଇ ୨ୟ ପାଳି ଆରମ୍ଭ କରିଥିବା ଜାମ୍ମୁ ପ୍ରଥମ ବଲରେ ହିଁ ୱିକେଟ୍ ହରାଇଛି। ଓପନିଂ ଆସିଥିବା ଦ୍ରୁତ ବୋଲର ଉମରାନ ମଲିକ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ଏହାପରେ ଷ୍ଟମ୍ପ ହୋଇଥିଲା। ସେହିଭଳି ଗ୍ରୁପ୍-ଏ'ର ଏକ ମ୍ୟାଚରେ ଭେଟେରାନ ଚେତେଶ୍ୱର ପୂଜାରାଙ୍କ ୧୧୪ ରନର ଶତକୀୟ ପାଳି ସହାୟତାରେ ରାଜସ୍ଥାନ ବିପକ୍ଷରେ ସୌରାଷ୍ଟ୍ର ପ୍ରଥମ ପାଳିରେ ୪ ୱିକେଟ୍‌ରେ ୨୪୨ ରନ କରିଛି।

■ ଜାଡେଜା ପରିବାରରେ ବିବାଦ

## ରବୀନ୍ଦ୍ର ସହ କୌଣସି ସମ୍ପର୍କ ନାହିଁ: ପିତା

ଜାମ୍‌ନଗର, ୯।୨(ଏଜେନ୍ସି): ଭାରତୀୟ କ୍ରିକେଟର ତଥା ଅଭିଜ୍ଞ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ପରିବାରରେ ଚାଲିଥିବା ବିବାଦ ଏବେ ପଦାକୁ ଆସିଛି ଓ ଏ ନେଇ ଚର୍ଚ୍ଚା ଚାଲିଛି। ପୁଅ ରବି ଓ ବୋହୂ ରିଭାବାଙ୍କ ସହ ମୋର କୌଣସି ସମ୍ପର୍କ ନାହିଁ ବୋଲି ପିତା ଅନିରୁଦ୍ଧ ସିଂ ଜାଡେଜା ଏକ ସାକ୍ଷାତକାରରେ କହିଛନ୍ତି। ପୁଅର ବିବାହର ୩ ମାସ ପରେ ହିଁ ବିବାଦ ଆରମ୍ଭ ହୋଇଥିଲା। ପୁଅ ଓ ବୋହୂଙ୍କଠାରୁ



ଅଲଗା ରହୁଛି। ତାକୁ କ୍ରିକେଟର ନ କରିଥିଲେ ଓ ତାଙ୍କର ବିବାହ କରି ନଥିଲେ ଭଲ ହୋଇଥାନ୍ତା ବୋଲି ଅନିରୁଦ୍ଧ କହିଛନ୍ତି। ଅନିରୁଦ୍ଧ ଜାମନଗରରେ ଏକ ଫ୍ଲାଟ୍‌ରେ ଏକା ରହୁଛନ୍ତି। ରିଭାବା ପରିବାର ସହ ନ ରହି ଏକୁଟିଆ ସ୍ୱାଧୀନ ଭାବେ ରହିବାକୁ ଚାହେଁ। ତାଙ୍କ ପାଇଁ ଅର୍ଥ ହିଁ ସବୁକିଛି। ଜାଡେଜାଙ୍କ ଜୀବନରେ ତାଙ୍କ ଶାଶୁଙ୍କର ଦଖଲ ବହୁତ ରହିଛି। ୫ ବର୍ଷ ହେବ ନାତୁଣୀର ମୁହଁ ଦେଖିନାହିଁ। ରିଭାବାର ମାତାପିତା ବିଶେଷ କରି ରବିର ଶାଶୁ ହିଁ ସବୁକିଛି ସମ୍ଭାଳୁଛନ୍ତି। ପରିବାର ଉପରେ ତାଙ୍କର ପ୍ରଭାବ ବେଶି ରହିଛି। ରବିକୁ କ୍ରିକେଟର ଭାବେ ଗଢ଼ି ତୋଳିବାକୁ ବହୁତ ପରିଶ୍ରମ କରିଛି। ଚୌକିଦାର ଭାବେ କାର୍ଯ୍ୟ କରିଛି। ମୂଲ ବି ଲାଗିଛି। ଖାସ କରି ନର୍ସ ଭାବେ କାର୍ଯ୍ୟ କରୁଥିବା ବଡ଼ ଭଉଣୀ ନୈନା ରବିକୁ କ୍ରିକେଟର କରିବାକୁ ମା ଭଳି ବହୁତ ପରିଶ୍ରମ କରିଛି। କିନ୍ତୁ ଏବେ ଏ ସବୁର କିଛି ମୂଲ୍ୟ ନାହିଁ। ରିଭାବାଙ୍କ ପରିବାର କେବଳ ଅର୍ଥ ଚାହାଁନ୍ତି ବୋଲି ଅନିରୁଦ୍ଧ କ୍ଷୋଭର ସହ ପ୍ରକାଶ କରିଛନ୍ତି। ୨୦୦୫ରେ ଜାଡେଜାଙ୍କ ମା ଲତାଙ୍କ ଦେହାନ୍ତ ହୋଇଥିଲା।

ଅପରପକ୍ଷରେ ଜଡେଜା ପିତାଙ୍କ ସବୁ ଆକ୍ଷେପକୁ ଖଣ୍ଡନ କରିଛନ୍ତି। ସାକ୍ଷାତକାରରେ ପିତା ଦେଇଥିବା ମନ୍ତବ୍ୟ ଅର୍ଥହୀନ। କହିବାକୁ ମୋ ପାଖରେ ମଧ୍ୟ ବହୁତ କଥା ରହିଛି। ତେବେ ତାହାକୁ ସାର୍ବଜନୀନ କରିବାକୁ ଚାହେଁନାହିଁ ବୋଲି ଜାଡେଜା କହିଛନ୍ତି।

## ନିଜ ରକ୍ତଠାରୁ ଦୂରେଇ ରହିବା କଷ୍ଟକର: ସାମି

ନୂଆଦିଲ୍ଲୀ, ୯।୨(ଏଜେନ୍ସି): ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ଝିଅ ଆଇରାଙ୍କୁ ବହୁତ ମନେ ପକାଉଛନ୍ତି ବୋଲି କହିଛନ୍ତି। ପତ୍ନୀ ହସିନ ଜାହାଁଙ୍କ ସହ ସାମିଙ୍କ ବିବାହ ବିଚ୍ଛେଦ ହୋଇସାରିଛି। ଆଇରା ଏବେ ମା ହସିନଙ୍କ ସହ ରହୁଛନ୍ତି। ତେଣୁ ଝିଅଙ୍କ ସହ ସାମିଙ୍କର ଦେଖା ହୋଇପାରୁନାହିଁ। ବେଳେବେଳେ ଝିଅ ସହ କଥା ହେଉଛି। ହସିନ ଝିଅକୁ କଥା ହେବାର ସୁଯୋଗ ମଧ୍ୟ ଦେଉନାହାନ୍ତି। ନିଜ ରକ୍ତ (ଝିଅ) ଠାରୁ ଦୂରେଇ ରହିବା କଷ୍ଟକର ବୋଲି ସାମି ଏକ ସାକ୍ଷାତକାର ଦେବା ଅବସରରେ ଏହା କହିଛନ୍ତି। 'କିଏ ସେମାନଙ୍କ ପିଲାମାନଙ୍କୁ ଓ ପରିବାରକୁ ମିସ୍ କରେ ନାହିଁ। କିନ୍ତୁ



ଏମିତି ଏକ ପରିସ୍ଥିତି ହୋଇଥାଏ ଯେଉଁଠାରେ ସବୁକିଛି ଆପଣଙ୍କ ହାତରେ ନଥାଏ। ମୋତେ ଯଦି ପଚରାଯାଏ ଝିଅକୁ ମିସ୍ କରୁଛ, ତେବେ ମୁଁ କହିବି କେହି କେବେ ନିଜ ରକ୍ତକୁ ଛାଡ଼ି ରହିପାରି ନ ଥାଏ' ବୋଲି ସାମି ଏହି ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୪ରେ ସାମି ଓ ହସିନ ବିବାହ କରିଥିଲେ ଓ ଗୋଟିଏ ବର୍ଷ ପରେ ଝିଅ ଜନ୍ମ ହୋଇଥିଲା। କିଛି ବର୍ଷ ପରେ ଦୁହେଁ ଅଲଗା ହୋଇଥିଲେ। ଝିଅକୁ ଏପର୍ଯ୍ୟନ୍ତ ସାକ୍ଷାତ କରିନାହିଁ। ଆଇରା ସୁସ୍ଥ ରହୁ ଓ ସଫଳତା ହାସଲ କରୁ ବୋଲି ସେ ଏହି ଅବସରରେ କହିଛନ୍ତି।

## କୋହଲିଙ୍କୁ ନେଇ ଡିଭିଲର୍ସଙ୍କ ୟୁ ଟର୍ଣ୍ଣ

ଜୋହାନ୍ସବର୍ଗ, ୯।୨(ଏଜେନ୍ସି): ଦକ୍ଷିଣ ଆଫ୍ରିକା କିମ୍ବଦନ୍ତୀ କ୍ରିକେଟର ଏବି ଡିଭିଲର୍ସ ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କ ବ୍ୟକ୍ତିଗତ ତଥ୍ୟ ସାର୍ବଜନୀନ କରି ନିଜର ଭୁଲ ସ୍ୱୀକାର କରିଛନ୍ତି। ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜର ପ୍ରଥମ ଦୁଇଟି ଟେଷ୍ଟ କୋହଲି ଖେଳି ନଥିଲେ। ସେହିପରି ପରବର୍ତ୍ତୀ ଦୁଇଟି ଟେଷ୍ଟରୁ ମଧ୍ୟ ସେ ବାଦ୍ ପଡ଼ିଛନ୍ତି। କୋହଲି ଦ୍ୱିତୀୟଥର ପାଇଁ ପିତା ହେବାକୁ



ଯାଉଥିବାରୁ ବ୍ରେକ୍ ନେଇଛନ୍ତି ବୋଲି ଡିଭିଲର୍ସ କହିଥିଲେ। ତେବେ ଏହି କଥା ଆଦୌ ଠିକ୍ ନୁହେଁ ଓ ଏହି ସୂଚନା ଠିକ୍ ନ ଥିଲା ବୋଲି ସେ ସ୍ୱୀକାର କରିଛନ୍ତି। ୫ ଦିନ ତଳେ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳୀୟ ସାଥି ତଥା ବନ୍ଧୁ ଡିଭିଲର୍ସ ଏକ ୟୁଟ୍ୟୁବ ଲାଇଭ୍ ଷ୍ଟ୍ରିମ୍‌ରେ ଏ ନେଇ ସୂଚନା ଦେଇଥିଲେ। ଫଳରେ ଦଳରେ କୋହଲିଙ୍କ ଅନୁପସ୍ଥିତି ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ପିତା ହେବା ପାଇଁ କୋହଲି ନିଜ ପରିବାର ସାଥିରେ ଅଛନ୍ତି ବୋଲି ସେ କହିଥିଲେ। ତେବେ ବିଶ୍ରାମ ନେବା ପାଇଁ କୋହଲିଙ୍କ ନିକଟରେ ଅଧିକାର ରହିଛି ବୋଲି ସେ କହିଛନ୍ତି। କୋହଲି ଆଗାମୀ ତୃତୀୟ ଓ ଚତୁର୍ଥ ଟେଷ୍ଟ ଖେଳବେ ନାହିଁ ବୋଲି କୁହାଯାଇଛି। ୧୫ ତାରିଖରୁ ରାଜକୋଟରେ ତୃତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ।

# MATRIC MATE

BSE ODISHA MATRIC EXAM-2024

SUBJECT : TLH

PROBABLE QUESTION PAPER

## OBJECTIVE

1. उषा कहाँ मुस्कराती है?
(A) रात के अंत में (B) खुशी से आसमान में
(C) भीषण प्राकृतिक विपत्तियिं में (D) सुनहरी किरणों मे
2. आशा का विहगंम गर्व से बार बार क्या उठता है?
(A) अपने पंख (B) अपना बक्ष (C) अपनी चोंच (D) अपना स्वर
3. आशा का विहंगम कहाँ चढ़ गया?
(A) वृक्ष पर (B) पहाड पर (C) गगन पर (D) धरती पर
4. आँधी के समय कौन छिप गया था?
(A) आशा का प्रकाश (B) छोटी सि झोपडी (C) आशा का पक्षी (D) भयभीत मानव
5. "बनना" क्रिया का पहला प्ररणार्थक क्रिया रूप छाँटिए
(A) बनवाना (B) बनाना (C) बनाई (D) बनेगा
6. "खाना" क्रिया का सही प्रेरणार्थम रूप छाँटिए
(A) खाया (B) खाई (C) खिलाना (D) खिलौना
7. प्रेरणार्थक क्रिया छाँटिए
(A) सोना (B) गिरना (C) चढ़ाना (D) जीना
8. किसके मुर्दे के लिए मना किया गया है?
(A) दुर्जन के (B) साँसों के (C) सडे हुए (D)चेतन के
9. संशय का कुहासा कैसा होता है?
(A) पतला (B) मोटा (C)सुक्ष्म (D) दीर्घकालीन
10. सुख की किस मदिरा में जागने वाले को चेतन कहा गया है?
(A) विदेशी (B) अभिमानी (C) सोई हुई (D) अचेतन
11. ज्वालाएँ धुल जाने के बाद कौन प्रशांत होकर बहता है?
(A) नदी का जल (B) प्राणों के खूद्ध पवन (C) झरने का प्रवाह (D) शीतल हवा
12. ज्वालाएँ धुल जाने का परिणाम क्या होता है?
(A) आँखों के स्पष्ट दिखाई पडता है। (B) शीतलता होती है
(C) मुँदे नयन खुल जाते है। (D) अंगारे पडे रहते है
13. लेखिका ने गिल्लू के झूले की सफाई कहाँ से लौटकर की?
(A) बाहर से (B) काँलेज से (C)अस्पताल से (D) लंबी यात्रा से
14. किसे देखकर गिल्लू फिर अपने घोंसले में जा बैठता था?
(A) लेखिका को (B) किसी दूसरे को
(C) लेखिका के साथ और किसी को (D) कुत्ते - बिल्लियों को
15. गिल्लू का फूल में खिल जाने का विश्वास लेखिका के क्या देता था?
(A) संतोष (B) आनंद (C) धैर्य (D) स्फूर्ति
16. क्या देखकर सब आशचर्य हो रहे थे?
(A) गिल्लू का झूला देखकर (B) गिल्लू के नन्हे पंजे
(C) गिल्लू का पेड पर चढ़ना (D) गिल्लु का कार्यकलाप
17. डालिया गिल्लु का घर बनने से पहले किस काम में आती थी?
(A) फुल रखने के (B) रूई रखने के (C) रद्दी कागज रखने की (D) किसी भी काम में नहीं
18. गिल्लु एक —— नाम था।
(A) जातिवाचक (B) व्यक्तिवाचक (C) गुणवाचक (D) सुन्दर
19. सही वर्तनी चुनिए।
(A) आत्याधिक (B) अत्याधिक (C) अतिआधिक (D) अत्यधिक
20. सही वर्तनीवाला शब्द है
(A) अवतीर्ण (B) अवतिर्ण (C) अबतीर्ण (D) अबतिन्न
21. "करना" प्रथम प्रेरणार्थक क्रिया चुनिए।
(A) करना (B) कराना (C) करवाना (D) करा
22. "कहना" द्वितीय प्रेरणार्थक क्रिया चुनिए।
(A) कहाना (B) कहना (C) कहलवाना (D) कह
23. लीला कहानी पढ़ेगी। इस वाक्य को भूतकाल में बदलने से होगा -
(A) लीला कहानी पढ़ी। (B) लीला कहननी पढ़ी है।
(C) लीला ने कहानी पढ़ी। (D) लीला कहानी पढ़ी थी।
24. सुलोचना कटक जाएगी। (काल बताइए)
(A) सामान्य भविषय (B) संभाग्य भविष्य
(C) संभान्य वर्तमान (D) सामान्य वर्तमान
25. उसने अपने भाग्य को कोस रहा है। शुद्ध करके लिखिए।
(A) उसने कोस भाग्य को (B) वे सवको कोसते है
(C) वह अपने भाग्य को कोस रहा है। (D) वह अपनी भाग्य को कोस रहा है।
26. गीलहरी का बच्चा शायद कहाँ से गिर पडा है?
(A) घर (B) पेड़पौधे (C) मन्दिर (D) घोसले
27. वह गमले से चिपटा पडा था। कैसे?
(A) साहस से (B)डरकर (C) निरचेष्ट सा (D) हंसता हुआ
28. लेखिका उसे हौले से उठाकर लाई। कहाँ?
(A) कमरे में (B) मेज पर (C) बरामदे में (D) बाग में
29. गिल्लु ने क्या खोज निकाला?
(A) अच्छा भोजन (B)बुरा रास्ता (C) बुरा आचरण (D)अच्छा उपाय
30. गिल्लु कहाँ तक आकर सर्र से परदे पर चढ़ जाता था?
(A) हाथ (B) चाँघ (C) पैर (D) कपड़े
31. पग - पग पर शोर मचाने से जागृत नहीं होता
(A) पेरणा (B) विश्वास (C) रूचि (D) संकल्प
32. साँसे के मुरदे न ढ़ोने का आग्रह किसका है?
(A) मानव (B) कवि (C) दानव (D) लेखिका
33. किसका जीवन प्रशान्त हो सकता है?
(A) मानव (B) चेतन (C) लेखक (D) जड
34. मन की कटुता किससे शांत होती है?
(A) ममता की शीतल छाया से (B)ईर्ष्या से
(C) क्रोध से (D) मन की व्यग्रता से
35. तिनका किसकी चोच में है?
(A) कुत्ता (B)पशु (C) खगपंक्ति (D) चिडिया
36. किसका आह्वान फिर - फिर होता है?
(A) नेह (B) आँधी (C) बादल (D) भूमि
37. किस प्रकार के बादल थे?
(A) उत्पातपूर्ण (B) ऊसर (C) अधिक उज्जल (D) धूलि-धूसर
38. दिन कैसा हो गया?
(A) अन्धेरा (B)रात की भाँति (C) अधिक उज्जल (D) दिन जैशा
39. उगाना में मूल धातु है
(A) उग (B) उगा (C) उगना (D) किइ नेहीं
40. भुत काल कितने प्रकार का है
(A) 3 (B) 4 (C) 5 (D) 6

## SUBJECTIVE

1. निम्नलिखित में से किसी एक का उत्तर दीजिए:
सोनजुही में लगी पीली कली के देखकर लेखिका के मन में कौन से विचार उमडने लगे?
अथबा गिलहारी के घायल बच्चे का उपचार किस प्रकार किया गया?

2. निम्नलिखित में से किसी एकका भाव स्पष्ट कीजिए।

नीड का निर्माण फिर - फिर
नेह का आह्वान फिर - फिर
वह उठी आँधी कि नभ में
छा गया सहसा अंधेरा,

अथवा यदि फुल नहीं बो सकते तो
काँटे कम से कम मत बोओ।

3. निर्देशानुसार उत्तर दीजिए:
(A) अकर्मक क्रिया के दो उदाहरण दीजिए।
(B) भविष्य काल के भेदों के नाम लिखिए।
(C) द्विकर्मक क्रिया का एक उदाहरण दीजिए।
(D) भविष्य काल का एक उदाहरण दीजिए।
(E) काल किसे कहते है?

**Answer:** 1. (C), 2. (B), 3. (C), 4. (C), 5. (B), 6. (C), 7. (C), 8. (B), 9.(C), 10. (B), 11. (B), 12. (C), 13. (C), 14. (B), 15. (A), 16. (D), 17. (A), 18. (B), 19. (D), 20. (A), 21. (B), 22. (C), 23. (C), 24. (A), 25. (C), 26. (D), 27. (C), 28. (A), 29. (D), 30. (C), 31. (B), 32. (B), 33. (A), 34. (A), 35. (D), 36. (A), 37. (D), 38. (B), 39. (A), 40. (D)

ePaper : sakalaepaper.com
News Portal : thesakala.in
Facebook : SakalaNews
Twitter : SakalaNews
Instagram : sakalanews
Youtube : @SakalaNews

Courtesy:
SARASWATI VIDYA MANDIR
Neelakantha Nagar, Berhampur, GM.

# ତାଡ଼ି -ବିଅର

ସେତିକି ସୁନ୍ଦର ବୋଲି କୁନ୍ଦବୋଉ ପୁଅର ନାଆଁ ଦେଇଥିଲା କନ୍ଦର୍ପ। ସ୍କୁଲରେ ପୂରା ନାଁ ଲେଖାଯାଏ ବୋଲି ପୁଣି କନ୍ଦର୍ପ ସାଙ୍ଗେ କୁମାରଟେ ଯୋଡ଼ାଗଲା। ହେଲେ ଗାଆଁ ସାରା ସଭିଏଁ ତାକୁ 'କୁନ୍ଦ' ଡାକନ୍ତି, ଆଉ ତା' ବୋଉକୁ 'କୁନ୍ଦବୋଉ'।

## ହାଟ ମଝିରେ ବ୍ରହ୍ମଜ୍ଞାନ

କୁନ୍ଦ ବୋଉର ଗାଁରେ ରହିବାର ଇଚ୍ଛା ନାହିଁ। କୁନ୍ଦବାପାର ଚାକିରି କଟକରେ। ହେଲେ ପ୍ରାଇଭେଟ୍ ଚାକିରି, ଅଳପ ଦରମା। ଗାଁରେ ଜାକିମାଡ଼ି ରହିବାକୁ ପଡୁଚି ପୁଅକୁ ନେଇ। ପୁଅଟା ସୁନ୍ଦର ତ ଗାଁ ଲୋକଙ୍କ ଦିହ ସହୁନି। କେତେ ଅଭିଯୋଗ ପୁଅ ନାଁରେ। ସକାଳୁ ଉଠି କୋଉଠି ଟିକେ ଖଜୁରି ରସ ପିଇଦେଲା ଯେ ଗାଁ ସାରା ହୁରି – କୁନ୍ଦ ତାଡ଼ି ପିଉଚି। ବୋଉ ଆଗରେ ତ ପୁଅ ଗୋଟା ତୁଳସୀ। ସେ ସଭିଙ୍କି ଗାଳିଦିଏ – ମିଠା ଖଜୁରୀ ରସକୁ ତାଡ଼ି କହି ଏମାନେ ମୋ' ପୁଅକୁ ବଦନାମ୍ କରୁଚନ୍ତି।

କୁନ୍ଦବାପା ପାଖରେ ଖବରଟା ପହଞ୍ଚିଲା। ସେ ଚିନ୍ତାରେ ପଡ଼ିଗଲା। ଦିନେ ସ୍ତ୍ରୀକି ବୁଝେଇଲା –"ଟିକେ ଜଗି ଯା'। କେଇ ବର୍ଷର କଥା। ଦଶମ ପରେ ତାକୁ କଟକ ନେଇଯିବା। ସେଇଠି ନା ଖଜୁରି ଗଛ ଅଛି ନା ତାଡ଼ି। କିନ୍ତୁ ସେତିକି ଦିନ ଭିତରେ ପିଲା ବିଗିଡ଼ି ନ ଯାଉ।"

ଯେନତେନ ପ୍ରକାରେଣ ଦିନେ ଦଶମ ପାସ୍ କଲା କନ୍ଦର୍ପ କୁମାର। କଟକ ଆସିଲା। ଏଇଠି ପଢ଼ିଲା, ନୂଆ ଢ଼ଙ୍ଗରେ ବଢ଼ିଲା, ନୂଆରୂପରେ ନିଜକୁ ଗଢ଼ିଲା। ଏଇଠି ତାକୁ କେହି 'କୁନ୍ଦ' ଡାକୁ ନାହାନ୍ତି। ନାଆଁ ବି ନୂଆ। କେହି ଡାକୁଚି କେକେ ତ କେହି କୁମାର୍।

ସାତବର୍ଷ ସହରର ରହଣି ଭିତରେ ଏତେ ବନ୍ଧୁ ଅର୍ଜିଚି କେକେ, ଏଇଠି ଜନ୍ମିଥିବା ପିଲାଙ୍କର ବି ଏତେ ନ ଥିବେ। ଯେତେ ବୁଲୁଚି, ସେତେ ବନ୍ଧୁ ଅର୍ଜୁଚି। ବାପା ପ୍ରାଇଭେଟ୍ ଚାକିରି। ସହଳ ଯାଇ ଡେରିରେ ଫେରନ୍ତି। ବୋଉକୁ ଫାଙ୍କି ପୁଅକୁ ବୁଲିବାରେ ଅଡୁଆ ନାହିଁ।

ହେଲେ ଏଇ ଚାରିଦିନ ହେଲା ପୁଅ ବେଶୀ ଡେରିରେ ଫେରୁଚି। ବାପାଙ୍କ ବିଚକ୍ଷଣ ଆଖିକୁ ପୁଅର ବିଲକ୍ଷଣ ଫାଙ୍କି ପାରୁନି। ଦିନେ କୁନ୍ଦବୋଉକୁ ଡାକି କୁନ୍ଦବାପା କହିଲେ – "ଏବେ ଗୋଟେ ପ୍ରେମ ସପ୍ତାହ ଚାଲିଛି। ପୁଅର କିଛି ଚକ୍କର ଚାଲିଚି ନା କ'ଣ – ମୋର ସନ୍ଦେହ ହେଉଚି। ଟିକେ ଧ୍ୟାନ ଦେଉଥିବ, ପୁଅ କା' ସାଙ୍ଗେ କଥା ହେଉଚି କାନ ଦେଉଥିବ।"

ଆଜି ଫେବୃଆରୀ ଦଶ। କୁନ୍ଦବୋଉ ଘର ସାରା କିଛି ଗୋଟାଏ ବ୍ୟସ୍ତ ହେଇ ଖୋଜୁଛି। କୁନ୍ଦବାପା ଦେଖି ପଚାରିଲେ – "ହଇଓ ଖୋଜୁଚ କ'ଣ?" କୁନ୍ଦ ବୋଉ କହିଲା – "ଆଜି ପୁଅ ସକାଳୁ କାହାକୁ ଗୋଟେ ଫୋନ୍ କରି କହୁଥିଲା – ସେ ଛକକୁ ଆସ। ମୁଁ ତାଡ଼ି, ବିଅର ନେଇ ଯାଉଚି। ହଇଓ କଟକରେ ବିଅର ସିନା ମିଳୁଥିବ। ତମେ ତ କହୁଥିଲ ତାଡ଼ି ମିଳେନି। ଗାଁରୁ ମଗେଇ କୋଉଠି ଲୁଚେଇ ରଖିଚି କି?"

କୁନ୍ଦ ବାପା ମୁଣ୍ଡରେ ହାତ ଦେଇ କହିଲେ – "ସେଇଟା ତାଡ଼ି ବିଅର ନୁହେଁ। ଟେଡି ବିଅର ହେଇଥିବ। ଆଜି ଦିନରେ ଝିଅ ପିଲାଙ୍କୁ ପୁଅମାନେ ସେଇଟା ଦେଇଥାନ୍ତି। ଘରେ ଖୋଜିକି ସେ ଟେଡି ବିଅର୍ ତମେ ପାଇବନି। ପୁଅ ତ ଗାଧୁଆ ଘରେ। ତମେ ତା' ଚାବି ନେଇ ଗାଡ଼ିର ଡିକି ଖୋଲି ଦେଖ। ପାଇଯିବ।

କୁନ୍ଦବୋଉ ଚାବିନେଇ ପୁଅ ଗାଡ଼ିର ଡିକି ଖୋଲିଲା। ଭାଲୁ ଭଳିଆ ଦିଶୁଥିବା ଖେଳନାଟେ ପାଇଲା। ଆଣି ସ୍ୱାମୀଙ୍କୁ ଦେଖାଇଲା। ସ୍ୱାମୀ ଦେଖି ଦୀର୍ଘ ନିଃଶ୍ୱାସ ମାରି କହିଲେ – "ହଁ। ଏଇଟା ଟେଡ଼ି ବିୟର୍। ଝିଅ ପିଲାଙ୍କୁ ଉପହାର, ଦିଅନ୍ତି ଆଜି ଦିନରେ। ତମ ପୁଅ କୋଉଠି ଫସିଚି କି ଫସେଇଚି କେ ଜାଣି!" ଏତିକି କହି କୁନ୍ଦବାପା ଡ୍ୟୁଟିକୁ ଚାଲିଗଲେ।

କୁନ୍ଦ ବାହାରିଲା ଗାଧୁଆଘରୁ। ପୁଅକୁ ବୋଉ ସେ ଖେଳନାଟି ଦେଖେଇ ପଚାରିଲା – " ଆରେ ଧନ ! ଏ ଖେଳନାଟା କୋଉ ଛୁଆକୁ ଦେବୁ ବୋଲି ରଖିଚୁ କିରେ?"

ବୋଉ ହାତରୁ ଟେଡ଼ିକୁ ଝାମ୍ପି ନେଇ କୁନ୍ଦ କହିଲା – "ତୁ ମୂର୍ଖ । ଏସବୁ ବୁଝିପାରିବୁନି। ଦେ ମତେ ।" ବାସ୍, ଏତିକି କହିଦେଇ ସଜବାଜ ହେଇ ଟେଡିକୁ ଗାଡ଼ିରେ ରଖି ପୁଅ ଚାଲିଗଲା।

କୁନ୍ଦ ବୋଉ ଏଥର ଅନୁଭବ କଲା ଯେ – ସତରେ ସେ ମୂର୍ଖ। ସେ କିଛି ବୁଝିପାରୁନି। ଝିଅ ପିଲା ସାଙ୍ଗେ ଯଦି ପୁଅର ଚକ୍କର ଥାଏ, ସେ ଝିଅଟା ତ ନିଶ୍ଚୟ ବଢ଼ିଲା ଝିଅ ହେଇଥିବ। କିନ୍ତୁ କୋଉ ବଡ଼ ଝିଅ କ'ଣ ଏମିତି ଖେଳନା ଖେଳେ? ମୁଁ ତ ମୂର୍ଖ। ଜାଣି ପାରୁନି। ହୁଏତ ଚକ୍କରରେ ଆଉ କିଛି ଆଗେଇ ଯାଇଥିବ। ଫଂସାର ବଢ଼ି ଯାଇଥିବ। ଛୋଟଝିଅର ମାନେ କ'ଣ? ଯା ଅଜାଣତରେ ଏଇ ଭିତରେ କୋଉଠି ନାତୁଣୀଟିଏ ହେଇ ଯାଇନି ତ!

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪




# ଟେଡିରେ ହୁଏ ସମ୍ପର୍କ ନିବିଡ଼

ଭାଲେଣ୍ଟାଇନ୍ସ ସପ୍ତାହ ପାଳନ ଅବସରରେ ଏବେ ବିଭିନ୍ନ ଡେ' ପାଳନ କରିବା ଆରମ୍ଭ ହୋଇଯାଇଛି। ସତେଯେମିତି ଏହା ପ୍ରେମୀଯୁଗଳଙ୍କ ପାଇଁ ଏକ ପରୀକ୍ଷା ସଦୃଶ। ଯେପରି ବିଭିନ୍ନ ବିଷୟ ଉପରେ ପରୀକ୍ଷା ଦେବାକୁ ହୋଇଥାଏ, ସେହିପରି ଭାଲେଣ୍ଟାଇନ୍ସ ସପ୍ତାହରେ ପ୍ରେମୀଯୁଗଳଙ୍କ ପାଇଁ ପ୍ରତ୍ୟେକ ଦିନ ପ୍ରସଙ୍ଗ ଭିନ୍ନ ଭିନ୍ନ ଥାଏ। ଏହି କ୍ରମରେ ଫେବୃଆରୀ ୧୦ରେ ପାଳନ କରାଯାଏ ଟେଡି ବିୟର ଡେ'। ରୋଜ୍ ଡେ', ପ୍ରପୋଜ୍ ଡେ' ଏବଂ ଚକଲେଟ୍ ଡେ' ପରେ ପାଳନ କରାଯାଏ ଟେଡି ଡେ'। ମନର ମଣିଷକୁ ଟେଡିଟିଏ ଦେଇ ସମ୍ପର୍କକୁ ନିବିଡ଼ କରନ୍ତି ପ୍ରେମୀ ଯୁଗଳ। ସାଧାରଣତଃ ଝିଅମାନେ ଟେଡିକୁ ବହୁତ ପସନ୍ଦ କରିଥାନ୍ତି, ତେଣୁ ପ୍ରତ୍ୟେକ ପ୍ରେମିକ ନିଜର ପ୍ରେମିକାକୁ ଟେଡି ଉପହାରରେ ଦେଇଥାଆନ୍ତି। ପ୍ରେମର ଏହି ଉପହାରକୁ ପ୍ରେମୀଯୁଗଳମାନେ ସାରା ଜୀବନ ସାଇତି ରଖନ୍ତି।



# ଲଣ୍ଡନରେ ୬୦ ଦିନ ଧରି ସୁଟିଂ ହେବ 'ରାମାୟଣ'

ନୀତେଶ ତିୱାରୀଙ୍କ ଫିଲ୍ମ 'ରାମାୟଣ'କୁ ନେଇ ଲାଗାତାର ଚର୍ଚ୍ଚା ଜାରି ରହିଛି। ଇତିମଧ୍ୟରେ ଫିଲ୍ମକୁ ନେଇ ଏକ ଖବର ଆସିଛି। ଏହାର ସୁଟିଂ ବହୁତ ଜଲ୍‌ଦି ଆରମ୍ଭ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ମୁମ୍ବାଇରେ ୬୦ ଦିନର ସୁଟିଂ ପରେ ଲଣ୍ଡନରେ ଲଙ୍କା ପାର୍ଟର ସୁଟିଂ ହେବ। ଲଣ୍ଡନରେ ପ୍ରଥମେ ରଣବୀର କପୁର ସୁଟିଂ ଆରମ୍ଭ କରିବେ। ପରେ ୟଶ୍ ସୁଟିଂରେ ଯୋଗ ଦେବେ ବୋଲି ଜଣାପଡ଼ିଛି। ତେବେ 'ରାମାୟଣ'ରେ ରାମ ଭୂମିକାରେ ଅଭିନୟ କରିବା ପାଇଁ ରଣବୀର ଆମିଷ ଓ ମଦ ଛାଡ଼ି ଦେଇଥିବା କଥା ଚର୍ଚ୍ଚା ହେଉଛି। ସେ ମୁମ୍ବାଇରେ ଫିଲ୍ମର ପ୍ରଥମ ପାର୍ଟ ସୁଟ୍ କରିବେ। ଏହାପରେ ସେ ଲଣ୍ଡନ ବାହାରିଯିବେ। ଲଣ୍ଡନରେ ତାଙ୍କ ସହିତ ୟଶ୍ ବି ଯୋଗ ଦେବେ। ଏଥିରେ ସୀତା ଭୂମିକାରେ ସାଉଥ୍‌ର ଲୋକପ୍ରିୟ ଅଭିନେତ୍ରୀ ସାଇପଲ୍ଲବୀ ଦେଖାଯିବେ। ନୀତେଶ ଏହାକୁ ତିନୋଟି ପାର୍ଟରେ ନିର୍ମାଣ କରିବେ। ଏହାର ପ୍ରଥମ ପାର୍ଟ ୨୦୨୫ରେ ଆସିବ। ଏହା ହିନ୍ଦୀ, ତାମିଲ୍, ତେଲୁଗୁ ସହିତ ଅନ୍ୟ କେତୋଟି ଭାରତୀୟ ଭାଷାରେ ରିଲିଜ୍ ହେବ। ସେହିପରି ରଣବୀରଙ୍କ କାମ କଥା କହିବାକୁ ଗଲେ 'ରାମାୟଣ' ବ୍ୟତୀତ ସେ ସଞ୍ଜୟ ଲୀଲା ଭଁସାଲୀଙ୍କ 'ଲଭ୍ ଆଣ୍ଡ ୱାର୍'ରେ ଦେଖାଯିବେ। ଏଥିରେ ରଣବୀରଙ୍କ ବିପକ୍ଷରେ ତାଙ୍କ ପତ୍ନୀ ଆଲିଆ ଭଟ୍ଟ ଦେଖାଯିବେ। ସେହିପରି ରଣବୀର 'ବ୍ରହ୍ମାସ୍ତ୍ର-୨' ଓ 'ଆନିମଲ୍'ର ସିକ୍ୱେଲରେ ମଧ୍ୟ ଦେଖାଯିବେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ କ୍ଷତି ଘଟିବ। ବିଦ୍ୟାର୍ଥୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ଗୁରୁଜନଙ୍କୁ ଶ୍ରଦ୍ଧା ଓ ସମ୍ମାନ କରିବେ। ଆଧ୍ୟାତ୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରିଶ୍ରମର ଉଚିତ ଫଳ ମିଳିବ।

**ବୃଷ:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଆର୍ଥିକ ସମସ୍ୟା ଦେଖା ଦେବ। ବାଦବିବାଦରୁ ଦୂରେଇ ରହିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ।

**ମିଥୁନ:** ଅଫିସ୍‌ରେ କାର୍ଯ୍ୟଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ନୂଆ କାମ ଆରମ୍ଭ କରିବେ। ବନ୍ଧୁଙ୍କ ସହ ମତାନ୍ତର ହେବ।

**କର୍କଟ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ ଭୁଲ ବୁଝାମଣା ଦେଖା ଦେବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ବନ୍ଧୁଙ୍କ ସହଯୋଗରେ ନୂଆ କାମ ଆରମ୍ଭ କରିବେ।

**ସିଂହ:** ସମାଜରେ ମାନ, ପ୍ରତିଷ୍ଠା ବଜାୟ ରହିବ। ସମ୍ପର୍କୀୟଙ୍କଠାରୁ ଆର୍ଥିକ ସହଯୋଗ ଲୋଡ଼ିବେ। ବ୍ୟବସାୟକୁ ନେଇ ବଡ଼ ନିଷ୍ପତ୍ତି ନେବେ। କାର୍ଯ୍ୟକ୍ଷେତ୍ରରେ ନିବେଶ କରିବେ। ବିରୋଧୀଙ୍କଠାରୁ ସତର୍କ ରହିବେ।

**କନ୍ୟା:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ପରିବାର ସଦସ୍ୟଙ୍କ ସହ ମତଭେଦ ଦେଖା ଦେବ।

**ତୁଳା:** ପରିବାର ସହିତ ଦୂର ସ୍ଥାନକୁ ଯାତ୍ରା କରିବେ। ପେଟ ଜନିତ ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧାର କରଜରୁ ଦୂରେଇ ରହିବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରିବେ।

**ବିଛା:** ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବେ। ବ୍ୟବସାୟ ବୃଦ୍ଧି ଲାଗି ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ। ପୂଜାପାଠ ପ୍ରତି ରୁଚି ବଢ଼ିବ।

**ଧନୁ:** ଅଫିସ୍‌ରେ କାର୍ଯ୍ୟଭାର ବୃଦ୍ଧି ପାଇବ। ଅଯଥା କାମରୁ ଦୂରେଇ ରହିବେ। ବୈବାହିକ ଜୀବନ ସୁଖମୟ ହେବ। ପ୍ରେମ ସମ୍ପର୍କ ମଜଭୁତ୍ ହେବ। ନିଯୁକ୍ତି ସୁଯୋଗ ପାଇବେ। କଠିନ ପରିଶ୍ରମ କରିବେ।

**ମକର:** ଅଫିସ୍‌ରେ ନୂଆ ଦାୟିତ୍ୱ ଗ୍ରହଣ କରିବେ। କାର୍ଯ୍ୟରେ ବ୍ୟସ୍ତ ରହିବେ। ବନ୍ଧୁଙ୍କୁ ମନକଥା କହିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପରିବାର ସହ ଦୂରସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ ହେବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ମୀନ:** ସହକର୍ମୀଙ୍କ ସହଯୋଗରେ ଅଫିସ୍ କାର୍ଯ୍ୟ ପୂରା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ଦିନ କାଟିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୯୨୧- ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠର ଉଦ୍‌ଘାଟନ କଲେ।
- ୧୯୩୧- ନୂଆଦିଲ୍ଲୀ ଭାରତର ରାଜଧାନୀ ହେଲା।
- ୧୯୪୭-ନେଦରଲ୍ୟାଣ୍ଡରେ ରେଡିଓ ୟୁନିଅନର ସ୍ଥାପନା।
- ୧୯୯୨- ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଖୋଲି ଦିଆଗଲା।
- ୨୦୦୯-ପଣ୍ଡିତ ଭୀମସେନ ଯୋଶୀଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଗଲା।
- ୨୦୧୩- ଆହ୍ଲାବାଦ୍ କୁମ୍ଭମେଳାରେ ଦଳାଚକଟା ଯୋଗୁଁ ୩୬ ମୃତ, ୩୯ ଆହତ।

# ଆସୁଛିରେ ପରା ବସନ୍ତ ପଞ୍ଚମୀ



ଆସୁଛିରେ ପରା ବସନ୍ତ ପଞ୍ଚମୀ
ଧରା ହୋଇଲାଣି ସଜେଇ,
ହସିଲାଣି ମାଘ ମାସ ଶୁକ୍ଳପକ୍ଷ
ତୁରୀ ଭେରୀ ଶଙ୍ଖ ବଜେଇ
ଦେଖ ଦେଖ ପିଲେ ହରଷେ,
ମାଆ ସରସ୍ୱତୀ ଥାପିଛନ୍ତି ପାଦ
ଆଶିଷର ବାରି ବରଷେ ।
ବିଦ୍ୟାର ଦେବତୀ ଜୟ ମା' ଭାରତୀ
ଅଜ୍ଞାନ ଅନ୍ଧାର ନାଶିନୀ
ମାତା ବୀଣାପାଣି ପୁସ୍ତକ ଧାରିଣୀ
ଜ୍ଞାନଦାତ୍ରୀ ଚାରୁ ହାସିନୀ
ଆସ ଝୁନି, ମୁନି ସରବେ,
ଭକତିର ଦୀପ ଜଳାଇ ଦେବାରେ
ପୟରେ ତାଙ୍କର ଗରବେ ।
ଧବଳ ବସନେ ଚିର ସୁଶୋଭିତା
ମରାଳ ବାହାନେ ବସିକି
ବିତରି ଦିଅନ୍ତି ବିଦ୍ୟା ବୁଦ୍ଧି ଯେତେ
ନିତି ସଦା ହସିହସିକି
ଶୁଣିବେ ଆମର କଥାକୁ,
ଡାକିବା ଯେବେଟି ଶରଧାରେ ତାଙ୍କୁ
ନୁଆଇଁ ଦେଇକି ମଥାକୁ ।
ଯତନେ ତୋଳିବା ନାନା ଜାତି ଫୁଲ
ଚରଣେ ଦେବାଟି ଅଜାଡି
ଦୁଇ କର ଯୋଡି କରିବା ବୀନତି
ଧୂପ-ଦୀପ-ଭୋଗ ସଜାଡି
ବନ୍ଦନା ତାଙ୍କର ଗାଇବା,
ଅଶୁଭରେ ଶୁଭ ଭରିଦେବେ ମାଆ



ଶରତ କୁମାର ଦାସ
ବଡ଼ବିଲ, କେନ୍ଦୁଝର
ମୋ-୮୨୪୯୧୩୭୦୯୧









ଟୁଟୁ ସାନ୍ତା
ନବମ ଶ୍ରେଣୀ
ସରକାରୀ ଉନ୍ନୀତ ଉଚ୍ଚ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର
ଉମରକୋଟ, ନବରଙ୍ଗପୁର



ଶିବାଂଶ କେ
ଦ୍ୱିତୀୟ ଶ୍ରେଣୀ
ଭି. ଏସ୍ ବିଦ୍ୟାଳୟ
ସୁନାବେଡ଼ା



ସୁଶ୍ରୀ ସଙ୍ଗୀତା ବେହେରା
ପଞ୍ଚମ ଶ୍ରେଣୀ
ବୀଣାପାଣି ବିଦ୍ୟା ମନ୍ଦିର
ପୁରୀ

## ସକାଳ ଶିଶୁ କୁଇଜ୍-୧୦୬

(୧) ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ର କେଉଁ ନୃତ୍ୟ ସହ ସଂପୃକ୍ତ?
ଉତ୍ତର : ____________

(୨) ବାୟୁର ବେଗକୁ କେଉଁ ଯନ୍ତ୍ର ସାହାଯ୍ୟରେ ମପାଯାଏ?
ଉତ୍ତର : ____________

(୩) 'ଗଣକବି' ଭାବେ କିଏ ପରିଚିତ?
ଉତ୍ତର : ____________

(୪) ଆୟୋଡିନ୍ ଅଭାବରୁ କେଉଁ ରୋଗ ହୁଏ?
ଉତ୍ତର : ____________

(୫) ଜାତୀୟ ବିଜ୍ଞାନ ଦିବସ କେବେ ପାଳନ କରାଯାଏ?
ଉତ୍ତର : ____________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଗତ ସପ୍ତାହର କୁଇଜ୍ ବିଜେତା**
- ଓମ୍ ପ୍ରକାଶ ରଣା, ଚକେଇସିହାଣୀ, ଭୁବନେଶ୍ୱର
- ଆଦ୍ୟାଶା ପ୍ରିୟଦର୍ଶିନୀ, କନ୍ଦରପୁର, କଟକ
- ସୌମ୍ୟଜିତ୍ ମିଶ୍ର, ବାରିପଦା

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯



# ସୁମନ



# ପାଣିର ମୂଲ୍ୟ ବୁଝରେ ସଭିଏଁ

ରାହୁଲ ପାଖ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢ଼େ। ରାହୁଲର ସବୁ ଭଲ ଗୁଣ ଭିତରେ ଗୋଟିଏ ଗୁଣ ଖରାପ ଥିଲା। ସେଇଟା ହେଲା ଆବଶ୍ୟକତାଠାରୁ ଅଧିକ ପାଣି ନଷ୍ଟ କରିବା । ଘରେ ଯେତେ ଯିଏ ଯାହା କହିଲେ ସେ କି ସୁଧୁରିବା ପିଲା। ଗାଳି ଶୁଣେ, ହେଲେ ସେଇ କାମକୁ ପୁଣି ଦୋହରାଏ। ସେଦିନ ବାପାଙ୍କ ସହିତ ବସ୍‌ରେ ଗାଁରୁ ଫେରୁଥାଏ। ଗାଡ଼ି ଚାଲିଥାଏ ମହାନଦୀ ବ୍ରିଜ୍ ଉପରେ। ଘର ଆଉ ଅଳ୍ପ ବାଟ। ରାହୁଲ କହିଲା, ବାପା ଦେଖ, ମହାନଦୀରେ କେତେ କମ୍ ପାଣି ! ଜଣେ ଚାହିଁଲେ ନଦୀ ଭିତରେ ଚାଲିକି ଏ କୂଳରୁ ସେ କୂଳକୁ ଚାଲିଯିବ। ଏତିକି କହି ରାହୁଲ ହସିଲା ହା ହା ହା....। ବାପା କହିଲେ ଖରାଦିନ ଆରମ୍ଭ ପୂର୍ବରୁ ମହାନଦୀରେ ପାଣି କମିଲାଣି। ଜାଣିଚୁ, ମହାନଦୀରେ ପାଣି କମିଲେ ଆମ ସମସ୍ତଙ୍କ ପାଇଁ କେତେ ସମସ୍ୟା ସୃଷ୍ଟି ହେବ। ଆଉ ମହାନଦୀର ଉପର ମୁଣ୍ଡରେ ବ୍ୟାରେଜ୍ ଯୋଉ ନିର୍ମାଣ ହେଇଚି ସେ ଲାଗି ଏପଟେ ଧୀରେ ଧୀରେ ପାଣି କମି ଯାଉଛି। ରାହୁଲ ପ୍ରଶ୍ନ କଲା ମହାନଦୀ ଆମର କି ଉପକାର କରୁଚି ଯେ? ବାପା କହିଲେ, ଆମେ ଘରେ ଯେଉଁ ବିଶୁଦ୍ଧ ଜଳ ପାଉଛୁ, ଏହା ମହାନଦୀ ଲାଗି ସମ୍ଭବ ହେଉଛି। ରାହୁଲ ପୁଣି କହିଲା ମହାନଦୀ ତ ଆମ ଘରଠାରୁ ତିନି କିଲୋ ମିଟର ଦୂର। ଆଉ ଆମେ ଯେଉଁ ପାଣି ବ୍ୟବହାର କରୁଚୁ ସେ ମ୍ୟୁନିସିପାଲିଟି କଳରୁ ପାଉଛୁ। ବାପା କହିଲେ, ଆରେ ବୋକା, ଆମେ କଳରୁ ଯୋଉ ପାଣି ପାଉଛୁ ଭୂପୃଷ୍ଠରୁ ମଟର ଯୋଗେ ସଂଗ୍ରହ ହୋଇଥାଏ। ଆମ ଆଖପାଖର ଥିବା ନଦୀ, ପୋଖରୀ ଓ କେନାଲଗୁଡ଼ିକ ଭୂପୃଷ୍ଠର ଜଳସ୍ତରକୁ ସଠିକ୍ ରଖିଥାନ୍ତି । ଏଣୁ ଭୂପୃଷ୍ଠରୁ ମଟର ଯୋଗେ ଜଳ ସଂଗ୍ରହ କରିବା ଆମକୁ ସହଜ ହୁଏ। ବାପାଙ୍କ କଥାଗୁଡ଼ିକ ରାହୁଲ ମୁଣ୍ଡରେ ଅଳ୍ପଅଳ୍ପ ଢୁକିଲା ପରି ମନେ ହେଉଥାଏ। ବାପା ପୁଣି କହିଲେ, ମହାନଦୀର ଜଳ କମିବା ଆଦୌ ଶୁଭ ସଙ୍କେତ ନୁହେଁ। ଏବେ ତ ଖରା ଦିନ ଆରମ୍ଭ ମାତ୍ର। ନଦୀର ପାଣି କମିଲେ ଆଗକୁ ସହର ଆଖପାଖରେ ନିଶ୍ଚିତ ପାଣି ସମସ୍ୟା ସୃଷ୍ଟି ହେବ। ମୁଁ ତତେ ସବୁବେଳେ ବୁଝାଏ ପାଣି ବହୁତ ମୂଲ୍ୟବାନ। ପାଣିର ମୂଲ ସଭିଙ୍କୁ ବୁଝିବାକୁ ହେବ। ଏବେଠାରୁ ପାଣି ସଞ୍ଚୟ ନ କଲେ ଆଗକୁ ବଡ଼ ସମସ୍ୟା ସୃଷ୍ଟି ହେବ। ରାହୁଲ ବସ୍ ଝରକା ବାହାରକୁ ଚାହିଁ ଏଣୁତେଣୁ କ'ଣ ଗପିଲା। ଏଣୁ ବାପା ଆଉ କିଛି ନ କହି ଚୁପ୍ ରହିଲେ। ବସ୍ ଷ୍ଟାଣ୍ଡରେ ଲାଗିଲା। ଘର ପର୍ଯ୍ୟନ୍ତ ଯିବା ପାଇଁ ଅଟୋ କରିବାକୁ ପଡ଼ିବ। ରାହୁଲ ବାପାଙ୍କ ସହିତ ଅଟୋରେ ବସିଲା। ଅଟୋର ବସୁବସୁ ରାହୁଲ ତା' ପାଣି ବୋତଲରେ ଗାଁରୁ ଆଣିଥିବା ସବୁତକ ପାଣି ଢକଢକ କରି ରାସ୍ତାରେ ଢାଳି ଦେଲା। ବାପା ବିରକ୍ତ ହୋଇ କହିଲେ, ଆରେ ପାଣି କାହିଁକି ନଷ୍ଟ କରୁଚୁ। ନ ପିଇଲୁ ଯଦି କୌଣସି ଗଛ ମୂଳରେ ତ ଢାଳି ଦେଇପାରିଥାନ୍ତୁ। ପାଣି ବହୁତ ମୂଲ୍ୟବାନ। ଅଟୋ ଘର ପାଖରେ ଲାଗିଲା। ଘରେ ଦେଖିଲା ବେଳକୁ ଲାଇନ୍ କଟି ଯାଇଥାଏ। ବୋଉ ପାଣି ଟୋପେ ଦେଲୁ ମୋ ତଣ୍ଟି ଶୁଖିଗଲାଣି, ରାହୁଲ ଡାକ ଦେଲା। ବୋଉ କହିଲେ ଆରେ ରାହୁଲ, ଲାଇନ୍ ସକାଳୁ କଟିଲାଣି। ମୁଁ କୋଉଠି ଟିକେ ହେଲେ ପାଣି ରଖି ପାରିନି। ବାପା କହିଲେ ଦେଖିଲୁ ତ, ସେତେବେଳେ ତୁ ପାଣି ନଷ୍ଟ କଲୁ ଆଉ ଏବେ ପୁଣି ପାଣି କୋଉଠୁ ଆସିବ, ଅପେକ୍ଷା କର ଲାଇନ୍ ଆସିବା ପର୍ଯ୍ୟନ୍ତ। ରାହୁଲ ଏବେ ତା' ଭୁଲ୍ ବୁଝିଲା। ବାପାଙ୍କୁ କହିଲା ବାପା! ମୁଁ ଆଉ କେବେ ବି ପାଣି ନଷ୍ଟ କରିବି ନାହିଁ, ପାଣି ସତରେ ବହୁତ ମୂଲ୍ୟବାନ। କଥା ନ ସରଣୁ ଲାଇନ୍ ଆସିଗଲା। ବାପା କହିଲେ, ହେଇ ଦେଖ ଠିକ୍ ସମୟରେ ଲାଇନ୍ ଆସିଗଲା। ରାହୁଲ ନଣ୍ଡମଣ୍ଡ ହୋଇ ତା' ବୋତଲ ଟା ଧରି କଳ ପାଖକୁ ଧାଇଁଲା।



ଦେବେନ୍ଦ୍ର କର
ମଙ୍ଗଳାବାଗ, କଟକ-୧
ଫୋନ- ୯ ୯୩୭ ୯ ୬୩୯୧୦

## ପ୍ରହେଳିକା

- ମାଘ ମାସ ଶୁକ୍ଳ ପଞ୍ଚମୀ ଦିନ
  ସେ ପୂଜା ଆସଇ ରାଇଜେ ଜାଣ
  ବିଦ୍ୟାଳୟେ ହୁଏ ଅପୂର୍ବ ସଜ୍ଜା
  ମାଆ ବିଦ୍ୟାଦାତ୍ରୀ ପାଆନ୍ତି ପୂଜା
  ହଂସ ପକ୍ଷୀ ଅଟେ ତାଙ୍କ ବାହନ
  ତାଙ୍କୁ ପୂଜା କଲେ ମିଳଇ ଜ୍ଞାନ
  ଏବେ କୁହ ସେହି ପୂଜାର ନାମ
  ଯିଏ କହିଦେବ ଚତୁର ଜାଣ।
  ଉତ୍ତର-ସରସ୍ୱତୀ ପୂଜା



- ପକ୍ଷୀଟିଏ ସିଏ ଶ୍ୱେତ ବର୍ଣ୍ଣର
  ଦେଖିବାକୁ ରୂପ ଭାରି ସୁନ୍ଦର
  ପାଣିରେ ଖେଳିଲେ ମନକୁ ମୋହେ
  ବିଦ୍ୟାଦାତ୍ରୀଙ୍କର ବାହନ ସିଏ
  କ୍ଷୀର ନୀର ଭିନ୍ନ କରଇ ସେହି
  କହି ପାରିବ କି ତା'ନାମ କେହି।
  ଉତ୍ତର-ହଂସ



- ବାଦ୍ୟଯନ୍ତ୍ରଟିଏ ସିଏ ଆମର
  ଶବଦ ତାହାର ଭାରି ମଧୁର
  ମାତା ସରସ୍ୱତୀ ତାହାକୁ ଧରି
  ଆସନ୍ତି ଶ୍ରଦ୍ଧାରେ ମରତପୁରୀ
  ସେ ଯନ୍ତ୍ରର ନାମ ଯିଏ କହିବ
  ଜ୍ଞାନୀ ପିଲାରେ ସେ ଗଣା ହୋଇବ।
  ଉତ୍ତର-ବୀଣା

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# ସ୍ପେନ୍ ବିପକ୍ଷରୁ ଭାରତର ଅଭିଯାନ ଆଜି

ଭୁବନେଶ୍ୱର, ୯ ।୨(ସମିସ)

ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍‌ଆଇଏଚ୍) ପ୍ରୋ ଲିଗ୍‌ରେ ହରମନପ୍ରୀତ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ପୁରୁଷ ଦଳ ଶନିବାରଠାରୁ ଅଭିଯାନ ଆରମ୍ଭ କରିବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଭାରତ ରାତି ୭.୩୦ରେ ତା'ର ପ୍ରଥମ ମ୍ୟାଚ୍‌ରେ ସ୍ପେନ୍‌କୁ ଭେଟିବ। ସେହିପରି ଏହି ଦିନ ଆୟର୍ଲାଣ୍ଡ ଓ ନେଦରଲାଣ୍ଡସ ପରସ୍ପରକୁ ସନ୍ଧ୍ୟା ୫.୩୦ରେ ଭେଟିବେ। କଳିଙ୍ଗରେ ପ୍ରୋ ଲିଗ୍‌ର ପ୍ରଥମ ପର୍ଯ୍ୟାୟ ମ୍ୟାଚ୍‌ଗୁଡିକ ଆସନ୍ତା ୧୦ରୁ ୧୬ ତାରିଖ ମଧ୍ୟରେ ଖେଳାଯିବ। ସେହିପରି ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ୧୯ରୁ ୨୫ ତାରିଖ ମଧ୍ୟରେ ଲିଗ୍‌ର ବାକି ମ୍ୟାଚ୍‌ଗୁଡିକ ଖେଳାଯିବ। ଲିଗ୍‌ରେ ଆୟୋଜକ ଭାରତ ଓ ସ୍ପେନ୍ ସମେତ ଆୟର୍ଲାଣ୍ଡ, ନେଦରଲାଣ୍ଡସ ଓ ଅଷ୍ଟ୍ରେଲିଆ ଭାଗ ନେବେ। ସବୁ ୫ଟି ଦଳ ଭୁବନେଶ୍ୱରରେ ଓ ରାଉରକେଲାରେ ପରସ୍ପରକୁ ଥରେ ଲେଖାଏ ଭେଟିବେ। ଭାରତ ଶନିବାର ସ୍ପେନକୁ ଭେଟିବା ପରେ, ୧୧ରେ ବିଶ୍ୱର ୧ ନଂ ଦଳ ନେଦରଲାଣ୍ଡସକୁ, ୧୫ରେ ଅଷ୍ଟ୍ରେଲିଆକୁ ଓ ୧୬ରେ ଆୟର୍ଲାଣ୍ଡକୁ ଭେଟିବ।



ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନଙ୍କ ସହ ଅଧିନାୟକ ହରମନପ୍ରୀତ ସିଂ

### ଭାରତ-୧୪, ସ୍ପେନ୍-୧୨

ସ୍ପେନ୍ ବିପକ୍ଷରେ ଭାରତର ରେଡର୍କ ଅପେକ୍ଷାକୃତ ଭଲ ରହିଛି। ଏପର୍ଯ୍ୟନ୍ତ ଉଭୟ ଦଳ ପରସ୍ପରକୁ ୩୨ଟି ମ୍ୟାଚ୍‌ରେ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଭାରତ ୧୪ଟି ଓ ସ୍ପେନ୍ ୧୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ୬ଟି ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ସ୍ପେନ୍ ବିପକ୍ଷ ଗତ ୭ଟି ମ୍ୟାଚ୍‌ରେ ଭାରତ ୪ଟିରେ ବିଜୟୀ ହୋଇଛି। ଭାରତ ଏଫ୍‌ଆଇଏଚ୍ ମାନ୍ୟତାର ୩ ନଂ ସ୍ଥାନରେ ରହିଥିବା ବେଳେ ସ୍ପେନ୍ ୮ ନଂ ସ୍ଥାନରେ ରହିଛି। ର୍ୟାଙ୍କିଙ୍ଗ୍ ଓ ରେକର୍ଡ ଭାରତ ସପକ୍ଷରେ ରହିଛି। ତେଣୁ ସ୍ପେନଠାରୁ ଭାରତ ପାଦେ ଆଗରେ ରହିଛି ଓ ମ୍ୟାଚ୍‌ରେ ଫେବରାଇଟ ବିବେଚିତ ହେଉଛି।

### ଭଲ ପ୍ରଦର୍ଶନ ପାଇଁ ବ୍ୟଗ୍ର ଅଛୁ: ଫୁଲଟନ

ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିସାରିଥିବାରୁ ଭାରତ ଏହି ଲିଗ୍‌ରେ ଜୋରଦାର ଅଭ୍ୟାସ କରିବା ସହ ବିଶ୍ୱର ଶ୍ରେଷ୍ଠ ଦଳଗୁଡିକ ବିପକ୍ଷରେ ମ୍ୟାଚ୍ ଖେଳି ନିଜର ଦୁର୍ବଳତା ଓ ସାମର୍ଥ୍ୟ ନେଇ ଆକଳନ କରିବ ଓ ଖାସକରି ଯୁବ ଖେଳାଳିମାନେ ନିଜର ଦକ୍ଷତା ପ୍ରମାଣ କରିବାକୁ ବ୍ୟଗ୍ର ରହିଛନ୍ତି ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ କହିଛନ୍ତି। ଘରୋଇ ଦର୍ଶକଙ୍କ ସମର୍ଥନ ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ କରିବ। ଏଠାକୁ ଆସିବା ପୂର୍ବରୁ ଭାରତ ଦକ୍ଷିଣ ଆଫ୍ରିକା ଗସ୍ତ କରିଥିଲା ଓ ସେଠାରେ ଫ୍ରାନ୍ସ ଓ ନେଦରଲାଣ୍ଡସ ବିପକ୍ଷରେ ୩ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲା। ସେହିପରି ଆୟୋଜକ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଗୋଟିଏ ଅଫିସିଆଲ ମ୍ୟାଚ୍ ମଧ୍ୟ ଖେଳିଥିଲା। ଭାରତ ଫ୍ରାନ୍ସକୁ ୪-୦ ଗୋଲରେ ହରାଇବା ପରେ ଦ୍ୱିତୀୟ ମ୍ୟାଚ୍‌କୁ ୨-୨ ଗୋଲରେ ଅମୀମାଂସିତ ରଖିଥିଲା। ସେହିପରି ଦକ୍ଷିଣ ଆଫ୍ରିକାକୁ ୩-୦ ଗୋଲରେ ପରାସ୍ତ କରିବା ପରେ ଭାରତ ନେଦରଲାଣ୍ଡସଠାରୁ ୧-୫ ଗୋଲରେ ହାରିଥିଲା। ଏହି ଗସ୍ତରେ ଭାରତ ସଫଳତା ପାଇଥିଲା ଓ ଆଗକୁ ଆହୁରି ଭଲ ଖେଳିବ ବୋଲି ଫୁଲଟନ କହିଛନ୍ତି। ଅପରପକ୍ଷରେ ଆମେ ଭଲ ପ୍ରସ୍ତୁତି କରିଛୁ ଓ ବିଶ୍ୱର ଶ୍ରେଷ୍ଠ ଦଳଗୁଡିକ ବିପକ୍ଷରେ ଭଲ ଖେଳ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ଭାରତୀୟ ଅଧିନାୟକ ହରମନପ୍ରୀତ ସିଂ କହିଛନ୍ତି। ଶନିବାର ସନ୍ଧ୍ୟାରେ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ଓ ଉପଭୋଗ୍ୟ ହେବ ବୋଲି ଆଶା କରାଯାଉଛି।

### ଭାରତୀୟ ପୁରୁଷ ଦଳର କାର୍ଯ୍ୟସୂଚୀ

**କଳିଙ୍ଗ ଷ୍ଟାଡିୟମ**

୧୦ ।୨: ବନାମ ସ୍ପେନ
୧୧ ।୨: ବନାମ ନେଦରଲାଣ୍ଡସ
୧୫ ।୨: ବନାମ ଅଷ୍ଟ୍ରେଲିଆ
୧୬ ।୨: ବନାମ ଆୟର୍ଲାଣ୍ଡ

**ବିର୍ସା ମୁଣ୍ଡା ଷ୍ଟାଡିୟମ**

୧୯ ।୨: ବନାମ ସ୍ପେନ
୨୧ ।୨: ବନାମ ନେଦରଲାଣ୍ଡସ
୨୪ ।୨: ବନାମ ଅଷ୍ଟ୍ରେଲିଆ
୨୫ ।୨: ବନାମ ଆୟର୍ଲାଣ୍ଡ

ବି.ଦ୍ର. ଭାରତର ସମସ୍ତ ମ୍ୟାଚ୍ ରାତି ୭ଟା ୩୦ରୁ ଆରମ୍ଭ ହେବ।

# ଖାତା ଖୋଲିଲା ଭାରତୀୟ ମହିଳା ଦଳ

ଭୁବନେଶ୍ୱର, ୯ ।୨(ସମିସ): ଏଠାରେ ଚାଲିଥିବା ଅର୍ନ୍ତଜାତୀୟ ହକି ଫେଡେରେସନ (ଏଫ୍‌ଆଇଏଚ୍) ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ଦଳ ଶେଷରେ ପ୍ରଥମ ବିଜୟ ହାସଲ କରିଛି। କ୍ରମାଗତ ୩ଟି ମ୍ୟାଚ୍ ହାରିବା ପରେ ଭାରତ ୩-୧ ଗୋଲରେ ଆମେରିକାକୁ ପରାସ୍ତ କରି ଅଙ୍କ ତାଲିକାରେ ଖାତା ଖୋଲିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ପାଇଁ ବନ୍ଦନା କାଟାରିୟା ୯ମ, ଦୀପିକା ୨୬ ଓ ସାଲିମା ଟେଟେ ଶେଷ ମୂହୁର୍ତ୍ତରେ ୫୬ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ ଆମେରିକା ତରଫରୁ ୪୨ତମ ମିନିଟ୍‌ରେ ସେନ୍ କାର୍ଲ୍ସ ଗୋଟିଏ ଗୋଲ ଦେଇଥିଲେ। ଭାରତ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୩ ପରାଜୟ ସହ ୩ ଅଙ୍କ ହାସଲ କରି ତାଲିକାର ୫ମ ସ୍ଥାନରେ ରହିଛି। ଅନ୍ୟପଟେ ୪ଟି ପରାଜୟ ସହ ଆମେରିକା ଖାତା ଖୋଲି ନପାରି ୯ମ ତଥା ଶେଷ ସ୍ଥାନରେ ରହିଛି। ପୂର୍ବରୁ ଭାରତ ୧-୨ ଗୋଲରେ ଚୀନ୍‌ଠାରୁ, ୧-୩ ଗୋଲରେ ନେଦରଲାଣ୍ଡସଠାରୁ ଓ ୦-୩ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରିଥିଲା।



### ଅଷ୍ଟ୍ରେଲିଆକୁ ହରାଇଲା ନେଦରଲାଣ୍ଡସ

ଶୁକ୍ରବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ନେଦରଲାଣ୍ଡସ ୬-୨ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ନେଦରଲାଣ୍ଡସ ୮ ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇ ୨୪ ଅଙ୍କ ହାସଲ କରି ଶୀର୍ଷରେ ରହିଛି।

# ଦିନିକିଆରେ ନିଶାଙ୍କାଙ୍କ ଦ୍ୱିଶତକ

ପାଲିକେଲ, ୯ ।୨(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କା ଦଳର ଓପନର ପଥୁମ ନିଶାଙ୍କା ଅପରାଜିତ ୨୧୦ ରନ(୧୩୯ ବଲ, ୨୦ ଚୌକା, ୮ ଛକା)ର ଦ୍ୱିଶତକୀୟ ପାଳି ଖେଳିଛନ୍ତି। ଫଳରେ ସେ ପ୍ରଥମ ଶ୍ରୀଲଙ୍କା ବ୍ୟାଟର ଭାବେ ଦିନିକିଆରେ ଦ୍ୱିଶତକ ହାସଲ କରି ରେକର୍ଡ କରିଛନ୍ତି। ନିଶାଙ୍କା କିମ୍ବଦନ୍ତୀ ବ୍ୟାଟର ସନତ ଜୟସୂରିୟା (୧୮୯ ରନ)ଙ୍କୁ ପଛରେ ପକାଇ ଶ୍ରୀଲଙ୍କାର ସର୍ବାଧିକ ଦିନିକିଆ ସ୍କୋରର ବିବେଚିତ ହୋଇଛନ୍ତି। ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ନିଶାଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ୩ ୱିକେଟ ହରାଇ ୩୮୧ ରନ ସଂଗ୍ରହ କରିଥିଲା। ଜବାବରେ ଆଫଗାନିସ୍ତାନ ୫୫ ରନରେ ୫ ୱିକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ଅଜମତୁଲ୍ଲା ଓମାରଜାଇ (୧୪୯*) ଓ ମହମ୍ମଦ ନବୀ (୧୩୬) ଲଢୁଆ ଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳ ୬ ୱିକେଟ୍‌ରେ ୩୩୯ ରନ କରି ପରାଜୟ ଏଡ଼ାଇ ପାରି ନ ଥିଲା।

# କାମିନୀଙ୍କ ୫ ଗୋଲ୍, ଫାଓ ଏକାଡେମୀ ବିଜୟୀ

କଟକ, ୯।୨(ସମିସ): ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ରେ ଶୁକ୍ରବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଫାଓ ଏକାଡେମୀ ବିଜୟୀ ହୋଇଥିଲା। ଫାଓ ଏକାଡେମୀ ୮-୦ ଗୋଲରେ କିଟ୍-କିସ୍‌କୁ ହରାଇଥିଲା। ବିଜୟୀ ଦଳର ଫରୱାର୍ଡ କାମିନୀ ମଲ୍ଲିକ ୫ଟି ଗୋଲ ଦେଇଥିଲେ। ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ବର୍ଷାରାଣୀ ନାଏକଙ୍କ ଡବଲ୍ ଗୋଲ୍ ବଳରେ ବିଡାନାସୀ କ୍ଲବ ୪-୧ରେ ପପୁଲାର କ୍ଲବକୁ ପରାସ୍ତ କରିଛି। ସେହିଭଳି କାଜିବଜାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଭୁବନେଶ୍ୱରର କିଶୋର କ୍ଲବ ୨-୧ ଗୋଲରେ ପରାସ୍ତ କରିଥିଲା। ବିଜୟୀ ଦଳର ସୋନାଲୀ ଡାଙ୍ଗ ୨ଟି ଗୋଲ ଦେଇଥିଲେ।

## ୭୩ତମ ଜାତୀୟ କନିଷ୍ଠ ବାସ୍କେଟବଲ୍

# ପ୍ରି-କ୍ୱାର୍ଟରରେ ଅଟକିଲା ଓଡ଼ିଶାର ବିଜୟ ଧାରା

ଭୁବନେଶ୍ୱର, ୯ ।୨ (ସମିସ): ସ୍ଥାନୀୟ କିଟ୍ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ କନିଷ୍ଠ ବାସ୍କେଟବଲ୍ ଚାମ୍ପିଅନସିପ୍‌ର ୭୩ତମ ସଂସ୍କରଣରେ ଓଡ଼ିଶା ପୁରୁଷ ଦଳର ବିଜୟ ଧାରା ପ୍ରି-କ୍ୱାର୍ଟରରେ ଅଟକିଯାଇଛି। ଦୀର୍ଘ ୨୩ ବର୍ଷର ବ୍ୟବଧାନ ପରେ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିବା ଓଡ଼ିଶା ଶୁକ୍ରବାର ମାତ୍ର ୪ ପଏଣ୍ଟ (୮୩-୭୯)ରେ ଆନ୍ଧ୍ର ପ୍ରଦେଶ ନିକଟରୁ ହାରି ପ୍ରତିଯୋଗିତାରୁ ବାଦ୍ ପଡ଼ିଛି। ଦୁଇ ପ୍ରଶିକ୍ଷକ ଅଶୋକ କୁମାର ନାୟକ ଓ ପ୍ରଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶା କ୍ରମାଗତ ୫ ମ୍ୟାଚ୍ ଜିତି ନକ୍‌ଆଉଟ୍‌ରେ ପହଞ୍ଚିଥିଲା। ଓଡ଼ିଶା ଏବେ ୯ମ/୧୦ମ ସ୍ଥାନ ଲାଗି ଶନିବାର ଦିଲ୍ଲୀ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଭାରତୀୟ ବାସ୍କେଟବଲ୍ ମହାସଂଘ, ଓଡ଼ିଶା ବାସ୍କେଟବଲ୍ ସଂଘ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଓ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଚାଲିଥିବା ଏହି ପ୍ରତିଯୋଗିତା ରବିବାର ଶେଷ ହେବ।



# ଟେଷ୍ଟ ସିରିଜରୁ ବାଦ୍ ପଡ଼ିବେ ଆୟର

ନୂଆଦିଲ୍ଲୀ, ୯ ।୨(ଏଜେନ୍ସି): ଭାରତୀୟ ମଧ୍ୟକ୍ରମ ବ୍ୟାଟର ଶ୍ରେୟସ ଆୟର ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରୁ ସମ୍ପୂର୍ଣ୍ଣ ରୂପେ ବାଦ୍ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ପିଠିରେ ସେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ଫଳରେ ରାଜକୋଟ୍‌ରେ ଆରମ୍ଭ ହେବାକୁ ଯାଉଥିବା ତୃତୀୟ ଟେଷ୍ଟ ସମେତ ପୂରା ସିରିଜ୍‌ରୁ ବାଦ୍ ପଡ଼ିପାରନ୍ତି ବୋଲି କୁହାଯାଇଛି। ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ) ଏ ସଂକ୍ରାନ୍ତରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଅବଗତ କରାଇଛି। ପ୍ରଥମ ଟେଷ୍ଟରେ ଇଂଲଣ୍ଡ ଓ ଦ୍ୱିତୀୟ ଟେଷ୍ଟରେ ଭାରତ ବିଜୟୀ ହୋଇଥିବାରୁ ଏହି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ୧-୧ରେ ଅମୀମାଂସିତ ରହିଛି। ଅବଶ୍ୟ ଏପର୍ଯ୍ୟନ୍ତ ତୃତୀୟ ଟେଷ୍ଟ ପାଇଁ ଦଳ ଘୋଷଣା ଏପର୍ଯ୍ୟନ୍ତ ହୋଇପାରିନାହିଁ।




# ୧୦୦ତମ ମ୍ୟାଚରେ ୱାର୍ଣ୍ଣରଙ୍କ କୀର୍ତ୍ତିମାନ

ହୋବାର୍ଟ, ୯ ।୨ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ପ୍ରଥମ ଟି-୨୦ ମ୍ୟାଚରେ ଅଷ୍ଟ୍ରେଲିଆ ୧୧ ରନରେ ବାଜିମାତ୍ କରିନେଇଛି। ୨୧୪ ରନର ଚ୍ୟାଲେଞ୍ଜିପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ରୋଭମାନ ପାୱେଲଙ୍କ ୱେଷ୍ଟଇଣ୍ଡିଜ ଦଳ ୮ ୱିକେଟ୍‌ରେ ୨୦୨ ରନ କରିପାରିଥିଲା। ନିଜର ୧୦୦ତମ ଟି-୨୦ ମ୍ୟାଚରେ ୭୦ ରନର ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଡେଭିଡ୍ ୱାର୍ଣ୍ଣରଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ୱାର୍ଣ୍ଣର ଅଷ୍ଟ୍ରେଲିଆର ପ୍ରଥମ ଖେଳାଳି ଭାବେ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ (ଟେଷ୍ଟ, ଦିନିକିଆ ଓ ଟି-୨୦)ରେ ୧୦୦ରୁ ଉର୍ଦ୍ଧ୍ୱ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ବିରାଟ କୋହଲି ଓ ରସ୍ ଟେଲରଙ୍କ ପରେ ବିଶ୍ୱର ୩ୟ କ୍ରିକେଟର୍ ଭାବେ ଏହି କ୍ଲବରେ ସାମିଲ ହୋଇଛନ୍ତି। ୱାର୍ଣ୍ଣର ଏଥିସହ ଆଉ ଏକ ବିଶ୍ୱ କୀର୍ତ୍ତିମାନ ମଧ୍ୟ କରିଛନ୍ତି। ବିଶ୍ୱର ପ୍ରଥମ ଖେଳାଳି ଭାବେ ୧୦୦ତମ ଟେଷ୍ଟ, ୧୦୦ତମ ଦିନିକିଆ ଓ ୧୦୦ତମ ଟି-୨୦ ମ୍ୟାଚରେ ୫୦ରୁ ଉର୍ଦ୍ଧ୍ୱ ସ୍କୋର କରିବାର ବିରଳ ସଫଳତା ପାଇଛନ୍ତି। ଏହି ବାମହାତୀ ବ୍ୟାଟର୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ନିଜର ୧୦୦ତମ ଟେଷ୍ଟ ମ୍ୟାଚ୍ ଖେଳି ୨୦୦ ରନର ଏକ ମାରାଥନ ପାଳି ଖେଳିଥିଲେ। ସେହିଭଳି ଭାରତ ବିପକ୍ଷରେ ସେ ନିଜର ୧୦୦ତମ ଦିନିକିଆ ମ୍ୟାଚ୍‌ରେ ୧୨୪ ରନ କରିଥିଲେ।



## ଏଫ୍‌ସି ଗୋଆ ସହ ପଏଣ୍ଟ ବାଣ୍ଟିଲା

# ଶୀର୍ଷ ସ୍ଥାନ ବଜାୟ ରଖିଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୯ ।୨ (ସମିସ): ଚଳିତ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ଏଫ୍‌ସି ଗୋଆ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚର ୪ର୍ଥ ମିନିଟ୍‌ରେ ଗୋଲ୍ ଦେଇ ରୟ କ୍ରିଷ୍ଣା ଘରୋଇ ଓଡ଼ିଶା ଏଫ୍‌ସିକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ୩୭ତମ ମିନିଟ୍‌ରେ ଏଫ୍‌ସି ଗୋଆର ଜୟ ଗୁପ୍ତା ଏହି ଗୋଲ୍‌ଟି ଶୁଝି ଦେଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧ ଗୋଲଶୂନ୍ୟ ରହିବାରୁ ଉଭୟ ଦଳ ଏକ ପଏଣ୍ଟ ଲେଖାଏ ହାସଲ କରିଥିଲେ। ଓଡ଼ିଶା ଏଫ୍‌ସି ଏଥିସହ ୧୫ ମ୍ୟାଚ୍ ଖେଳି ୯ ବିଜୟ, ୪ ଡ୍ର ଓ ୨ ପରାଜୟ ସହ ୩୧ ପଏଣ୍ଟ ପାଇ ଶୀର୍ଷ ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଅପରପକ୍ଷରେ ଏଫ୍‌ସି ଗୋଆ ୧୨ ମ୍ୟାଚରୁ ୨୮ ପଏଣ୍ଟ ପାଇ ୨ୟ ସ୍ଥାନରେ ରହିଛି। ଓଡ଼ିଶା ପରବର୍ତ୍ତୀ ମ୍ୟାଚରେ ମୋହନ ବାଗାନ ସହ ୨୪ରେ କଳିଙ୍ଗ ଷ୍ଟାଡିୟମରେ ଖେଳିବ।



### କଳିଙ୍ଗରେ ଗୋଟିଏ ସମୟରେ ୨ ମ୍ୟାଚ୍

ଶୁକ୍ରବାର ରାତିରେ ଗୋଟିଏ ସମୟରେ କଳିଙ୍ଗ ଷ୍ଟାଡିୟମ ୨ଟି ମ୍ୟାଚ୍ ଆୟୋଜନ କରିବାର ସୌଭାଗ୍ୟ ଲାଭ କରିଥିଲା। ରାତି ୭ଟା ୩୦ରେ ମୁଖ୍ୟ ଗ୍ରାଉଣ୍ଡରେ ଘରୋଇ ଓଡ଼ିଶା ଏଫ୍‌ସି ଓ ଏଫ୍‌ସି ଗୋଆ ମଧ୍ୟରେ ଆଇଏସ୍‌ଏଲ୍‌ର ଏକ ରୋମାଞ୍ଚକ ଫୁଟ୍‌ବଲ ମ୍ୟାଚ୍ ଦେଖିବାକୁ ମିଳିଥିଲା। ଠିକ୍ ସେହି ସମୟରେ ହକି ଷ୍ଟାଡିୟମରେ ଭାରତ ଓ ଆମେରିକା ମଧ୍ୟରେ ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭାରତ ୩-୧ ଗୋଲରେ ଜିତିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର